RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 · ISSUE-326 · BHUBANESWAR · SUNDAY · 25 MAY 2025 · PAGE-12 · ₹ 6.00 | SAMBALPUR | ବର୍ଷ-୪୨ · ସଂଖ୍ୟା-୩୨୬ · ଭୁବନେଶ୍ୱର · ରବିବାର · ୨୫ ମେ ୨୦୨୫ · ପୃଷ୍ଠା-୧୨ · ଟ.୬.୦୦ (ସିନ୍ଦୂରା ସହ)



SARASWATI GROUP OF INSTITUTIONS CUTTACK ESTD.-2012

# SARASWATI GROUP OF INSTITUTIONS

## STATE SCIENCE TOPPER CHSE - 2025

97.67%

BINIT MOHANTY
Mark-586

95.50%

RITESH KU. MALLA
Mark-573

94.50%

SUNITA SAHOO
Mark-567


DR. DEBADATTA SWAIN
CHAIRMAN


DR. BISWAJIT TRIPATHY
PRINCIPAL

94.33%


TANDRA M. MOHANTY
Mark-566


94.33%

MITALI BEHERA
Mark-566

93.83%

BHAGYASHREE BEHERA
Mark-563

93.67%

NAFISHA PARWEEN
Mark-562

93.17%

LIPSA ROUT
Mark-559

93.00%

GOPINATH SAR
Mark-558

92.50%

RUTURANI ROUT
Mark-555

92.33%

DEEPYASHREE MOHAPATRA
Mark-554

92.00%

GAYATRI MISHRA
Mark-552

91.50%

ARPITA SAHOO
Mark-549

91.50%

OM PRAKASH KAR
Mark-549

91.50%

PRITAM PRIYADARSHY
Mark-549

91.33%

SMRUTI SA. MOHANTY
Mark-548

91.33%

SOMYA RN. SAHOO
Mark-548

91.33%

SOAYAMSHREE SAHOO
Mark-548

91.33%

TANUSHREE ROUT
Mark-548

91.17%

TANISKA PANDA
Mark-547

91.17%

TATHASTU NATH
Mark-547

90.83%

JASMIN BISWAL
Mark-545

90.83%

RASHMI RN PATRA
Mark-545

90.50%

OM PRAKASH BEHERA
Mark-543

90.50%


SIBANI PRI. DAS
Mark-543

90.33%

POOJALIN DAS
Mark-542

90.33%


BHABESH MISHRA
Mark-542

90.17%

SASANKA SE. SAHOO
Mark-541

90.17%

ABINASH DAKUA
Mark-541





## ADMISSION OPEN 2025-26

### +2 Science
A Day-Cum Residential

### +3 SCIENCE
Under Utkal University
HONOURS SEATS

| | | | |
|---|---|---|---|
| PHYSICS | - 16 | COMP. SCIENCE | - 24 |
| CHEMISTRY | - 24 | BOTANY | - 16 |
| MATHEMATICS | - 08 | ZOOLOGY | - 16 |
| GEOLOGY | - 24 | | |

### BSc. ITM (32 Seats)
Under Utkal University

### CHSE RESULT - 2025 (99.99%)

Integrated Coaching for
**NEET, JEE-MAIN**
by Expert Faculties


ABOVE 90% - 29
ABOVE 80% - 120
1ST DIVISION - 349 / 2ND DIVISION - 50
3RD DIVISION - 03

SGI always improve Marks in +2 Sc.
Compare 10th Mark with +2 Sc. Mark

| CHSE Roll No. | Name of Students | Marks Secured | % of Mark in +2 | % of Mark in 10th |
|---|---|---|---|---|
| 302CZ297 | BINIT MOHANTY | 586 | 97.67 | 92.01 |
| 302CZ279 | RITESH KUMAR MALLA | 573 | 95.50 | 91.83 |
| 302CZ317 | SUNITA SAHU | 567 | 94.50 | 92.17 |
| 302CZ014 | TANDRA MINAKSHI MOHANTY | 566 | 94.33 | 94.17 |
| 302CZ043 | MITALI BEHERA | 566 | 94.33 | 93.83 |
| 302CZ162 | BHAGYASHREE BEHERA | 563 | 93.83 | 92.17 |
| 302CZ370 | NAFISHA PARWEEN | 562 | 93.67 | 86.17 |
| 302CZ005 | LIPSHA ROUT | 559 | 93.17 | 92.17 |
| 302CZ001 | GOPINATH SAR | 558 | 93.00 | 93.05 |
| 302CZ259 | RITURANI ROUT | 555 | 92.50 | 90.01 |
| 302CZ124 | DEEPYASHREE MOHAPATRA | 554 | 92.33 | 91.33 |
| 302CZ307 | GAYATRI MISHRA | 552 | 92.00 | 86.50 |
| 302CZ034 | ARPITA SAHOO | 549 | 91.50 | 85.83 |
| 302CZ221 | OM PRAKASH KAR | 549 | 91.50 | 59.14 |
| 302CZ303 | PRITAM PRIYADARSHY | 549 | 91.50 | 84.33 |
| 302CZ068 | SMRUTI SANGITA MOHANTY | 548 | 91.33 | 91.50 |
| 302CZ330 | SOUMYA RANJAN SAHOO | 548 | 91.33 | 74.00 |
| 302CZ380 | SWAYAMSHREE SAHOO | 548 | 91.33 | 82.83 |
| 302CZ412 | TANUSHREE ROUT | 548 | 91.33 | 88.67 |
| 302CZ213 | TANISKA PANDA | 547 | 91.17 | 85.83 |
| 302CZ375 | TATHASTU NATH | 547 | 91.17 | 90.00 |
| 302CZ028 | JASMIN BISWAL | 545 | 90.83 | 82.00 |
| 302CZ037 | RASHMI RANJAN PATRA | 545 | 90.83 | 93.17 |
| 302CZ109 | OMM PRAKASH BEHERA | 543 | 90.50 | 85.67 |
| 302CZ168 | SHIBANI PRIYADARSHANI DAS | 543 | 90.50 | 86.50 |
| 302CZ010 | PUJALIN DAS | 542 | 90.33 | 86.50 |
| 302CZ222 | BHABESH MISHRA | 542 | 90.33 | 81.07 |
| 302CZ077 | SASANKA SEKHAR SAHOO | 541 | 90.17 | 88.67 |
| 302CZ136 | ABINASH DAKUA | 541 | 90.17 | 85.33 |
| 302CZ026 | ABHINANDAB SAHOO | 538 | 89.60 | 80.00 |
| 302CZ149 | BISWAMITRA DASH | 537 | 89.50 | 85.83 |
| 302CZ315 | SOUMYA RN. DALAI | 539 | 89.83 | 72.50 |

**Admission Contact : 8260700307, 8260583744, 7609091223, 8895429620**

**CAMPUS : TRISULIA, BELAGACHHIA, CUTTACK-45. H.O. : ARUNODOYA MARKET, LINK ROAD, CUTTACK-12**




# ବଲିଉଡ୍ ଅଭିନେତା ମୁକୁଲ ଦେବଙ୍କ ପରଲୋକ

ନୂଆଦିଲ୍ଲୀ,୨୪ା୫(ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କ ଶନିବାର ସକାଳେ ପରଲୋକ ହୋଇଛି । ଗତ କିଛି ଦିନ ଧରି ସେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ଏଠାରେ ତାଙ୍କର ଦେହାନ୍ତ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା । ମୁକୁଲ ବହୁ ବର୍ଷ ଧରି ବଲିଉଡ୍ ଜଗତ ସହ କାର୍ଯ୍ୟ କରିଥିଲେ । ତାଙ୍କ ଦ୍ୱାରା ଅଭିନିତ 'ସନ ଅଫ୍ ସର୍ଦ୍ଦାର', ୟମଲା ପଗଲା ଦିୱାନା ଏବଂ ଜୟହୋ ଭଳି କିଛି ଫିଲ୍ମ ଦର୍ଶକ ମହଲରେ ବେଶ ଆଦୃତ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ପାଇ ବଲିଉଡ୍ ଜଗତରେ ଶୋକ ଖେଳିଯାଇଛି । ବହୁ ନାମୀଦାମୀ ଅଭିନେତା ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୁକୁଲଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମୁକୁଲ ୧୯୯୬ରେ ପ୍ରସାରିତ ଟେଲିଭିଜନ ଧାରାବାହିକ 'ମୁମକିନ୍' ରୁ ନିଜର କ୍ୟାରିୟର ଆରମ୍ଭ କରିବା ସହିତ ସେହିପର୍ଷ ' ଦସ୍ତକ' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ । ଏହା ପରେ ପରେ ସେ ବଲିଉଡ୍‌ରେ ପ୍ରବେଶ କରିବା ସହିତ ସଲମାନ ଖାନ ଏବଂ ଅଜୟ ଦେବଗନଙ୍କ ସହିତ ବହୁ ଫିଲ୍ମରେ କାର୍ଯ୍ୟ କରିଥିଲେ । ମୁକୁଲ ଦେବଙ୍କ ଜନ୍ମ ଜଳନ୍ଧର ନିକଟସ୍ଥ ଏକ ଗାଁରେ ପଞ୍ଜାବୀ ପରିବାରରେ ହୋଇଥିଲା । ତାଙ୍କ ବାପା ହରିଦେବ ପୁଲିସ ସହାୟକ କମିସନର ଭାବେ କାର୍ଯ୍ୟ କରିଥିଲା ବେଳେ ସେ ମୁକୁଲଙ୍କୁ ଆଫଗାନ ସଂସ୍କୃତି ସହିତ ପରିଚିତ କରାଇଥିଲେ । ହରିଦେବ ପାସ୍ତୋ ଏବଂ ପାର୍ସି ଭାଷା କହିପାରୁଥିଲେ । ମୁକୁଲ ୮ମ ଶ୍ରେଣୀରେ ପଢୁଥିଲା ବେଳେ ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କୁ ଅନୁକରଣ କରି ଦୂରଦର୍ଶନର ଏକ ଡ୍ୟାନ୍ସ ଶୋ'ରେ ପ୍ରଦର୍ଶନ କରିଥିଲେ । ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀର ନିଜାମୁଦ୍ଦିନସ୍ଥିତ ଦୟାନନ୍ଦ ମୁକ୍ତି ଧାମ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ଜାତିସଂଘରେ ପୁଣି ପାକିସ୍ତାନକୁ ଘେରିଲା ଭାରତ

# ପାକିସ୍ତାନକୁ ସିନ୍ଧୁ ଜଳ ବନ୍ଦ କରାଯିବା ଯଥାର୍ଥ

ୱାଶିଂଟନ୍,୨୪ା୫(ଏଜେନ୍ସି): ପହଲଗାମ ଘଟଣା ପରେ ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଭାରତ ପାକିସ୍ତାନକୁ ବିଭିନ୍ନ ମଞ୍ଚରେ ଘେରିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନଥିବା ବେଳେ ଶନିବାର



ଭାରତ ଜାତିସଂଘରେ ପାକିସ୍ତାନର ପ୍ରକୃତ ଚେହେରାକୁ ଦର୍ଶାଇ ବର୍ଷିଛି । ଅପରେସନ ସିନ୍ଦୂର ପରେ ଏବେ ସିନ୍ଧୁ ନଦୀ ଜଳ ବନ୍ଦକୁ ନେଇ ପାକିସ୍ତାନ ବାରମ୍ବାର ଭାରତକୁ ଧମକ ଦେବାରେ ଲାଗିଛି । ଏହାଛଡ଼ା ବିଭିନ୍ନ ମଞ୍ଚରେ ପାକିସ୍ତାନ ସରକାର ଭାରତ ବିରୋଧରେ ମିଥ୍ୟାରୋପ କରି ଫେରାଦ ହୋଇଛନ୍ତି । କିନ୍ତୁ ପାକିସ୍ତାନର ଏହି ଆଭିମୁଖ୍ୟକୁ ଭାରତ ଶନିବାର ଜାତିସଂଘରେ ପାକିସ୍ତାନକୁ ଭର୍ତ୍ସନା କରିବା ସହିତ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ରୋକ୍ ଲଗାଇ ପାକିସ୍ତାନକୁ ପାଣି ବନ୍ଦ କରାଯିବା ଯଥାର୍ଥ ବୋଲି କହିଛି । ଭାରତ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଦାୟୀ କରିଛି । ପାକିସ୍ତାନ ଭାରତ ବିରୋଧରେ ବିଗତ ଦିନରେ ତିନି ତିନୋଟି ଯୁଦ୍ଧ କରିବା ସହିତ ଆତଙ୍କବାଦୀ ଆକ୍ରମଣ କରି ଚୁକ୍ତିନାମାର ଉଲ୍ଲଂଘନ କରିଛି । କିନ୍ତୁ ଅନ୍ୟପଟେ ଭାରତ ବିରୋଧରେ ମିଥ୍ୟାରୋପ କରିଚାଲିଛି । ତେବେ ଭାରତ ପାକିସ୍ତାନର ଏହି ସମସ୍ତ ମିଥ୍ୟା ଆରୋପକୁ ଦୃଢ ଭାବେ ପ୍ରତ୍ୟାଖ୍ୟାନ କରୁଛି ଏବଂ ଭାରତୀୟଙ୍କ ରକ୍ତ ବୁହାଇଥିବା ଶକ୍ତିକୁ ଆମେ ପାଣି ଦେଇପାରିବୁ ନାହିଁ ବୋଲି ଜାତିସଂଘରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି । ସେ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ପାକିସ୍ତାନ ବିଭିନ୍ନ ମହଲରେ ଭୁଲ ତଥ୍ୟ ପ୍ରସାର କରୁଛି । ଏଥିପାଇଁ ପାକିସ୍ତାନ ସରକାର ସୁଚିନ୍ତିତ ଅଭିଯାନ ଚଳାଇଛନ୍ତି । କିନ୍ତୁ ଭାରତ ଏହାକୁ ବିରୋଧ କରିବା ସହିତ ଏଥିପ୍ରତି ଜବାବ ଦେବାକୁ ବାଧ୍ୟ ହୋଇଛି । ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଦେଶ ଭାବେ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଆଚରଣ ନିଭାଇ ଆସିଛି । ହରିଶ କହିଛନ୍ତି ଯେ, ଭାରତ ସଦଭାବନା ଏବଂ ବନ୍ଧୁତା ଆଧାରରେ ସିନ୍ଧୁ ଜଳ ଚୁକ୍ତିନାମାକୁ ଗ୍ରହଣ କରିଥିଲା । କିନ୍ତୁ ବିଗତ ୬୫ ବର୍ଷ ମଧ୍ୟରେ ପାକିସ୍ତାନ କେବେବି ବନ୍ଧୁତାର ଆଚରଣ ଦେଖାଇ ନାହିଁ । ଏହି ଦୀର୍ଘ କାଳ ମଧ୍ୟରେ ପାକିସ୍ତାନ ଭାରତ ଉପରେ ହଜାର ହଜାର ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ କରିଛି । ଗତ ୪୦ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୨୦ ହଜାରରୁ ଅଧିକ ଭାରତୀୟ ପ୍ରାଣ ହରାଇଛନ୍ତି । ପହଲଗାମ ଏହାର ସଦ୍ୟତମ ପ୍ରମାଣ ବୋଲି ହରିଶ କହିଛନ୍ତି । ଭାରତ ପୂର୍ବରୁ ସବୁବେଳେ ସଂଯମତା ରକ୍ଷା କରିବା ସହିତ ଉଦାରତା ଦେଖାଇ ଆସିଥିଲା । କିନ୍ତୁ ଏବେ ଦେଶ ବଦଳି ଯାଇଛି । ନୂଆ ଭାରତ କୌଣସି ସ୍ତରରେ ଆତଙ୍କବାଦକୁ ବରଦାସ୍ତ କରିବ ନାହିଁ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିକୁ ଉଚିତ ଶିକ୍ଷା ଦେବ ବୋଲି ହରିଶ କହିଛନ୍ତି । ପାକିସ୍ତାନ କେବଳ ସୀମାରେ ଆତଙ୍କବାଦୀ ଆକ୍ରମଣ କରି ନାହିଁ ବରଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରିଛି । ଯାହା ଶକ୍ତି ଉତ୍ପାଦନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗମ୍ଭୀର ପ୍ରଭାବ ପକାଇଛି ବୋଲି ସେ କହିଛନ୍ତି ।

**ଆତଙ୍କବାଦୀ ଆକ୍ରମଣରେ ୨୦ହଜାରରୁ ଅଧିକ ଭାରତୀୟଙ୍କ ମୃତ୍ୟୁ ହୋଇଛି**

■ ଜଷ୍ଟିସ୍ ଅଭୟ ଓକାଙ୍କ ଅବସରକାଳୀନ ବାର୍ତ୍ତା

# ସୁପ୍ରିମକୋର୍ଟର ପ୍ରଧାନବିଚାରପତି କୈନ୍ଦ୍ରିକ ଛବି ବଦଳିବା ଦରକାର



ନୂଆଦିଲ୍ଲୀ,୨୪ା୫(ଏଜେନ୍ସି): ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଭୟ ଓକା ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି । ବିଦାୟକାଳୀନ ସଭାରେ ଯୋଗ ଦେଇ ଜଷ୍ଟିସ୍ ଓକା ସୁପ୍ରିମକୋର୍ଟର କାର୍ଯ୍ୟ ପରିଚାଳନା ଶୈଳୀ ଏବଂ ପ୍ରଧାନବିଚାରପତି କେନ୍ଦ୍ରିକ ଛବିକୁ ନେଇ ବଡ଼ ବାର୍ତ୍ତା ଦେଇଛନ୍ତି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ କେବଳ ପ୍ରଧାନବିଚାରପତି କେନ୍ଦ୍ରିକ ଛବି ସହ କାର୍ଯ୍ୟ କରିବା ଉଚିତ ନୁହେଁ । ବରଂ ସମାବେଶୀ ଏବଂ ଏକ ଗଠନମୂଳକ ଢଙ୍ଗରେ କାର୍ଯ୍ୟ କରିବା ଦରକାର । ହାଇକୋର୍ଟ ବିଭିନ୍ନ କମିଟି ଏବଂ ସ୍ଥାୟୀ ରୋଷ୍ଟର ମାଧ୍ୟମରେ କାର୍ଯ୍ୟ କରିଥିଲା ବେଳେ ସୁପ୍ରିମକୋର୍ଟ କେବଳ ପ୍ରଧାନବିଚାରପତିଙ୍କୁ କେନ୍ଦ୍ର କରି କାର୍ଯ୍ୟ କରୁଛି । ଏଭଳି ଶୈଳୀରେ ପରିବର୍ତ୍ତନ ହେବା ଦରକାର ବୋଲି ଜଷ୍ଟିସ୍ ଓକା କହିଛନ୍ତି । ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ଭାବେ ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଭାଗରୁ ୩୪ ବିଚାରପତି ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି । ତେଣୁ କେବଳ ପ୍ରଧାନବିଚାରପତିଙ୍କୁ ମୁଖ୍ୟ କରି କାର୍ଯ୍ୟ କରାନଯାଇ ସମାବେଶୀ ତରିକାରେ କାର୍ଯ୍ୟ ହେବା ଦରକାର ବୋଲି ସେ କହିଛନ୍ତି ।

## ଆତଙ୍କବାଦକୁ ନିନ୍ଦା; ଫତ୍‌ୱା ଜାରିକଲେ ମୁଖ୍ୟ ଇମାମ

# ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ ଦିଆଯିବନି କବର

ନୂଆଦିଲ୍ଲୀ,୨୪ା୫(ଏଜେନ୍ସି): ଆତଙ୍କବାଦକୁ ଦୃଢ ନିନ୍ଦା କରିବା ସହିତ ଆତଙ୍କବାଦୀଙ୍କ ପ୍ରତି ଫତୱା ଜାରି କରିଛନ୍ତି ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଇମାମ୍ ଡକ୍ଟର ଉମର ଅହମ୍ମଦ ଇଲିୟାସୀ । ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ କବର ଦିଆଯିବ ନାହିଁ ବୋଲି ଇଲିୟାସୀ କହିଛନ୍ତି । ଏହାବ୍ୟତୀତ ଇସଲାମିକ ପରମ୍ପରା ଅନୁସାରେ ଜଣଙ୍କ ଶେଷକୃତ୍ୟ ବେଳେ ନମାଜ ପାଠ କରାଯିବାର ବିଧାନ ରହିଥିଲା ବେଳେ କୌଣସି ଆତଙ୍କବାଦୀଙ୍କ ଶେଷକୃତ୍ୟରେ ଏହା କରାଯିବ ନାହିଁ ବୋଲି ସେ ଫତୱା ଜାରି କରି କହିଛନ୍ତି । ସେହିପରି ବହୁ ଆତଙ୍କବାଦୀ ସଂଗଠନ ସେମାନଙ୍କ ନାମରୁ ଇସଲାମ ଏବଂ ମହମ୍ମଦ ଭଳି ଶବ୍ଦ ହଟାନ୍ତୁ ବୋଲି ସେ କହିଛନ୍ତି ।

ମଧ୍ୟପ୍ରଦେଶ ମନ୍ତ୍ରୀ ପ୍ରଧୁମନ ସିଂ ତୋମାରଙ୍କ ଝିଅ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଇମାମ ଇଲିୟାସୀ ଶନିବାର ଗ୍ୱାଲିୟର ଯାଇଥିଲା ବେଳେ ସେଠାରେ ତାଙ୍କୁ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଆତଙ୍କବାଦକୁ ନେଇ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ,ଇସଲାମକୁ ରକ୍ଷା କରିବା ଉଚିତ । ଇସଲାମ ସୁରକ୍ଷା ଏବଂ ଶାନ୍ତିର ଧର୍ମ । କିନ୍ତୁ ଇସଲାମ ଏବଂ ମହମ୍ମଦ ସାହେବଙ୍କ ନାମକୁ ଆମେ ଆତଙ୍କବାଦ ପାଇଁ ବ୍ୟବହାର କରିବାକୁ ଦେବୁ ନାହିଁ । ଏହି ସମୟରେ ସେ



ଆତଙ୍କବାଦ ବିରୋଧରେ ଫତୱା ଜାରି କରିଥିଲେ । ଯାହା ଭାରତରେ ପ୍ରଥମ ଘଟଣା ଏବଂ ଏହା ବିଶ୍ୱସମାଜ ପାଇଁ ଏକ ବଡ଼ ବାର୍ତ୍ତା । ଅହମଦ ଇଲିୟାସୀ କହିଛନ୍ତି ଯେ, ପହଲଗାମରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଯେଭଳି ହତ୍ୟା କରାଯାଇଥିଲା ତାହା ମାନବତାର ହତ୍ୟା । ସେ କହିଥିଲେ ଯେ ଆତଙ୍କବାଦୀର କୌଣସି ଧର୍ମ ନାହିଁ । ଆତଙ୍କବାଦୀ ସୈତାନ, ସାମାନଙ୍କ ସହ ସୈତାନ ପରି ବ୍ୟବହାର କରାଯିବା ଉଚିତ । ସେଥିପାଇଁ ଆମେ ପହଲଗାମ ଆକ୍ରମଣ ଘଟଣାକୁ ବିରୋଧ କରି ଏହି ଫତୱା ଜାରି କରିଛୁ । ଅନ୍ୟପକ୍ଷରେ ବେଲୁଚିସ୍ତାନ ସ୍ଥିତିକୁ ନେଇ ପ୍ରଶ୍ନ କରାଯିବାରେ ସେ କହିଛନ୍ତି ଯେ ମୁସଲମାନ ସମ୍ପ୍ରଦାୟ ଭାରତର କୂଟନୀତି ଏବଂ ନୀତି ସହିତ ଅଛନ୍ତି । ବେଲୁଚିସ୍ତାନ ବହୁ ଦିନ ଧରି ସ୍ୱତନ୍ତ୍ରତା ପାଇଁ ଦାବି କରିଆସୁଛି । କିନ୍ତୁ ପାକିସ୍ତାନ ବେଲୁଚବାସୀଙ୍କ ପ୍ରତି ଅନ୍ୟାୟ କରିଚାଲିଛି । ହେଲେ ଏବେ ବେଲୁଚିସ୍ତାନ ସ୍ୱାଧୀନତା ପାଇବାର ସମୟ ଆସିଗଲାଣି । ସ୍ୱାଧୀନତା ସମସ୍ତଙ୍କର ଅଧିକାର, ବେଲୁଚିସ୍ତାନ ସ୍ୱାଧୀନ ହେବା ଉଚିତ ବୋଲି ଅହମଦ ଇଲିୟାସୀ କହିଥିଲେ । ସେହିପରି ୱାକଫ ଆଇନ ସମ୍ପର୍କରେ ନିଜ ମତ ରଖି ସେ କହିଛନ୍ତି ଯେ ଏହି ବିଷୟ ଏବେ ଅଦାଲତରେ ବିଚାରାଧୀନ ଅଛି । ତେବେ ଭାରତ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଆଇନ ଅନେକ ଦୃଷ୍ଟିରୁ ଭଲ ବୋଲି ସେ କହିଛନ୍ତି ।

# ପୁଞ୍ଛରେ ଯୁଦ୍ଧ ପୀଡିତଙ୍କ ପରିବାରକୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୨୪ା୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଜମ୍ମୁ କଶ୍ମୀରର ପୁଞ୍ଛ ଇଲାକା ଗସ୍ତ କରି ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନା ଗୁଳିମାଡ଼ରେ ମୃତାହତ ହୋଇଥିବା ଲୋକଙ୍କ ପରିବାରକୁ ଭେଟିଛନ୍ତି । ଅପରେସନ ସିନ୍ଦୂର ବେଳେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତୀୟ ସୀମା ପଟକୁ ଗୁଳିଗୋଳା ବର୍ଷଣ କରିଥିଲା । ଏଥିରେ ପଞ୍ଜାବ ସୀମା ସ୍ଥିତ ବହୁ



ଗ୍ରାମ ଏବଂ ଜମ୍ମୁ କଶ୍ମୀରର ପୁଞ୍ଛ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଜଣେ ସ୍କୁଲ ପିଲା ସମେତ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ମୋର୍ଟାର ମାଡ଼ରେ ଅନେକ ଲୋକଙ୍କ ଘର ଭାରୀମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା । ରାହୁଲ ପୀଡ଼ିତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ପରିସ୍ଥିତି ଶୀଘ୍ର ସ୍ୱାଭାବିକ ହେବ ବୋଲି କହିଛନ୍ତି । ଏହି ସମୟରେ ରାହୁଲ ଜମ୍ମୁ କଶ୍ମୀର ଉପମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଛି । ଏହାଛଡ଼ା ସେ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ଅନୁଷ୍ଠାନ ପରିଦର୍ଶନ କରିବେ ବୋଲି କୁହାଯାଇଛି ।

## ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି

୭ ବର୍ଷ ତଳର ଏକ ମାନହାନୀ ମାମଲାରେ ଝାଡ଼ଖଣ୍ଡର ଚାଇବାସା ଏମପି-ଏମଏଲଏ କୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି । କୋର୍ଟ ରାହୁଲଙ୍କୁ ଜୁନ୍ ୨୬ରେ କୋର୍ଟରେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ରାହୁଲଙ୍କ ଓକିଲ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ ହେଁ କୋର୍ଟ ଏହାକୁ ଖାରଜ କରିବା ସହ ରାହୁଲଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାହୁଲ ୨୦୧୮ ରେ ବିଜେପିର ତତ୍‌କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ । ଏହାକୁ ବିରୋଧ କରି ବିଜେପି ନେତା ପ୍ରତାପ କଟିଆର ରାହୁଲଙ୍କ ବିରୋଧରେ ଚାଇବାସା ସିଜେଏମ କୋର୍ଟରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲାକୁ ଏମପି-ଏମଏଲଏ କୋର୍ଟକୁ ହସ୍ତାନ୍ତର କରାଯାଇଥିଲା । ଏହି କୋର୍ଟ ରାହୁଲଙ୍କୁ ବହୁବାର ହଜାର ହେବା ଲାଗି ନୋଟିସ୍ କରିଥିଲେ ହେଁ ରାହୁଲ ହାଜର ହୋଇ ନଥିଲେ । ଏହାପରେ ସଂପୃକ୍ତ କୋର୍ଟ ରାହୁଲଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି ।

■ ଟ୍ରମ୍ପଙ୍କ କଟକଣା ହଟାଇଲେ ଆମେରିକା ବିଚାରପତି

# ହାର୍ଭାର୍ଡକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ନାମଲେଖା ଅନୁମତି

ବୋଷ୍ଟନ, ୨୪ା୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି । ହାର୍ଭାର୍ଡ ୟୁନିଭର୍ସିଟି ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା କଟକଣାକୁ ବୋଷ୍ଟନର ଫେଡେରାଲ କୋର୍ଟ ହଟାଇ ଦେଇଛନ୍ତି । ବିଦେଶୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ଏହି ୟୁନିଭର୍ସିଟିକୁ କୋର୍ଟ ଅନୁମତି ଦେଇଛନ୍ତି । ଏବେ ଏହି ବିଶ୍ୱବିଦ୍ୟାଳୟରେ ୭୮୮ ଭାରତୀୟ ଛାତ୍ରଛାତ୍ରୀ ପଢୁଛନ୍ତି । ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଆବେଦନରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିରୋଧ କରାଯାଇଥିଲା । ଏହାକୁ ସମ୍ବିଧାନ ଏବଂ ଅନ୍ୟ ସଂଘୀୟ ଆଇନର ଘୋର ଉଲ୍ଲଙ୍ଘନ ବୋଲି କୁହାଯାଇଥିଲା । ତତ୍କାଳ ପ୍ରଭାବରେ ଏହି ବିନାଶକାରୀ ନିର୍ଦ୍ଦେଶକୁ ହଟାଇବାକୁ ନିବେଦନ କରାଯାଇଥିଲା ।

# ଅଷ୍ଟ୍ରେଲିଆରେ ଜଳପ୍ରଳୟ; ୫୦ ହଜାର ଲୋକ ଜଳବନ୍ଦୀ

କାନବେରା,୨୪ା୫(ଏଜେନ୍ସି): ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୂର୍ବ ଅଷ୍ଟ୍ରେଲିଆରେ ଜଳପ୍ରଳୟ ସ୍ଥିତି ଉପୁଜିଛି । ପ୍ରବଳ ଏବଂ ଲଗାଣ ବର୍ଷା ଯୋଗୁଁ ଏଠାକାର ବହୁ ସହର ଜଳାର୍ଣ୍ଣବ ହେବା ସହିତ ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି । ଅନେକ ସହର ଏବଂ ଗ୍ରାମାଞ୍ଚଳର ରାସ୍ତାଘାଟ,



ନଈ ନାଳ ଏକାକାର ହୋଇଯାଇଛି । ଘର ଭିତରେ ଏବଂ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡିଥିବାରୁ ଲୋକମାନେ ଅନ୍ୟତ୍ର ଯିବା ଅସମ୍ଭବ ହୋଇପଡ଼ିଛି । ଗତକାଲି ବନ୍ୟା ପରିସ୍ଥିତି ଭୟଙ୍କର ହୋଇଥିବା ବେଳେ ଶନିବାର ପୁଣି ବର୍ଷା ହେବା ଯୋଗୁଁ ବହୁ ରାସ୍ତାଘାଟ ଧୋଇ ଯାଇଛି । ବହୁ ସହର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି ଏବଂ ୫୦ ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି । ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ହୋଇଥିବା ସହିତ କେତେକ ସ୍ଥାନରେ ଆଉ କିଛି ଲୋକ ନିଖୋଜ ରହିଥିବା କୁହାଯାଇଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ମୁକାବିଲା ପାଇଁ ୨୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

# ବଲୁଚ୍ ସାମ୍ବାଦିକଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଏଲ୍ଏ

କ୍ୱେଟା,୨୪ା୫(ଏଜେନ୍ସି): ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଶନିବାର ପୁଣିଥରେ ପାକିସ୍ତାନ ସେନା ଉପରେ ଜୋରଦାର ଆକ୍ରମଣ କରିଛି । ବେଲୁଚିସ୍ତାନର ମାଙ୍ଗୋଚର ସହରରେ ପାକିସ୍ତାନୀ ସେନାର ଏକ କନଭୟ ଉପରେ ବିଏଲଏ କରିଥିବା ଆକ୍ରମଣରେ ବହୁ ସଂଖ୍ୟକ ପାକ୍ ଯବାନଙ୍କ ମୃତ୍ୟୁ ହୋଇଥିବାର ଖବର ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁସାରେ ବିଏଲଏ ପାକିସ୍ତାନ ସେନାକୁ ଟାର୍ଗେଟ କରି ଦୁଇଟି ସ୍ଥାନରେ ଆକ୍ରମଣ କରିଥିଲା । ପାକ୍ ସେନା କନଭଏର ଅନେକ ଗାଡ଼ି ଉପରେ ବୋମା ମାଡ଼ କରାଯାଇଥିଲା । ଏହି ଆକ୍ରମଣ ପାଇଁ ବିଏଲଏ ନିଜକୁ ଦାୟୀ କରିଥିଲା ବେଳେ ବରିଷ୍ଠ ବେଲୁଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନିଆଯାଇଛି ବୋଲି କୁହାଯାଇଛି । ବହୁ ବେଲୁଚ ନେତା ପାକିସ୍ତାନ ସେନା ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ଲତିଫ୍ ବଲୋଚଙ୍କୁ ସେନା ହତ୍ୟା କରିଛି ବୋଲି କହିଛନ୍ତି ।

## ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

# କିଭ୍ ସମେତ ବହୁ ସହର ଉପରକୁ ଘନଘନ କ୍ଷେପଣାସ୍ତ୍ର ମାଡ଼

କିଭ୍ ,୨୪ା୫(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ସତ୍ତ୍ୱେ ରୁଷ ଏବଂ ୟୁକ୍ରେନ ଆକ୍ରମଣ ପ୍ରତି ଆକ୍ରମଣ କରିବାରୁ ବର୍ତ୍ତି ନାହାନ୍ତି । ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିଲା ବେଳେ ଶନିବାର ପ୍ରତ୍ୟୁଷରେ ରୁଷିଆ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି । ରାଜଧାନୀ କିଭ୍ ସମେତ ଏହାର ଆଖପାଖ ବିଭିନ୍ନ ସହର ଉପରେ ରୁଷ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହାକୁ ନେଇ ବିଭିନ୍ନ ସହର ବିସ୍ଫୋରଣ ଶବ୍ଦରେ ଥରି ଉଠିଥିଲା ବେଳେ ଜୀବନ ବଞ୍ଚାଇବା ପାଇଁ ଲୋକମାନେ ଭୂତଳ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଛନ୍ତି । ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବନ୍ଦୀ ବିନିମୟ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ପରେ ରୁଷ ସେନା ୟୁକ୍ରେନ ଉପରେ ଏଭଳି ଆକ୍ରମଣ କରିଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ,ଗତ ସପ୍ତାହରେ ଇସ୍ତାନବୁଲରେ ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା



ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟର ଅଂଶ ସ୍ୱରୂପ ଶତାଧିକ ସୈନିକ ଏବଂ ନାଗରିକଙ୍କୁ ମୁକ୍ତ କରାଯାଇଥିଲା । କିନ୍ତୁ ଏହାସତ୍ତ୍ୱେ ରୁଷ ଶନିବାର ଜୋରଦାର ଆକ୍ରମଣ କରିଛି ବୋଲି କିଭ୍ ସାମରିକ ପ୍ରଶାସନର କାର୍ଯ୍ୟକାରୀ ମୁଖ୍ୟ ତୈମୁର ତକାଚେଙ୍କୋ ସୋସିଆଲ ମିଡିଆରେ କହିଛନ୍ତି । ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କିଭ୍‌ର ସୋଲୋମିୟାନ୍‌ସ୍କି ଜିଲ୍ଲାରେ ଦୁଇଟି ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା । ବହୁ ଆପାର୍ଟମେଣ୍ଟ ଏବଂ ବହୁତଳ ପ୍ରାସାଦ କ୍ଷତିଗ୍ରସ୍ତ ହୋଇଛି । ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୧,୦୦୦ ଯୁଦ୍ଧ ବନ୍ଦୀଙ୍କୁ ଶୁକ୍ରବାର ମୁକ୍ତ କରିବାକୁ ସ୍ଥିର ହୋଇଥିଲା । ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୩୯୦ ୟୁକ୍ରେନୀୟ ନାଗରିକ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ରାଷ୍ଟ୍ରପତି ଜେଲେଁସ୍କି କହିଛନ୍ତି ।

# କେରଳ ଉପକୂଳରେ ବୁଡ଼ିଗଲା ବିଦେଶୀ ଜାହାଜ

କୋଚି,୨୪ା୫(ଏଜେନ୍ସି) : ଆରବ ସାଗରର କେରଳର କୋଚି ନିକଟସ୍ଥ ସମୁଦ୍ରରେ ଏକ ବିଦେଶୀ ମାଲବାହୀ ଜାହାଜ ଶନିବାର ବୁଡ଼ିଯାଇଛି । ଜାହାଜ ବୁଡ଼ିଯିବାର ପ୍ରକୃତ କାରଣ ତାହା ସ୍ପଷ୍ଟ ହୋଇ ନଥିଲା ବେଳେ ଖରାପ ପାଗ କାରଣ ହୋଇପାରେ ବୋଲି ଆକଳନ କରାଯାଇଛି । ଲାଇବେରିଆ ପତାକା ସଙ୍କେତ ରହିଥିବା ଏହି ଜାହାଜରେ ମୋଟ ୨୪ ଜଣ କର୍ମଚାରୀ ରହିଥିବା କୁହାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଭାରତୀୟ କୋଷ୍ଟ ଗାର୍ଡ ୯ ଜଣଙ୍କୁ ଉଦ୍ଧାର କରିଛି । ବାକି ୧୫ ଜଣଙ୍କୁ ଖୋଜିବାକୁ ଅଭିଯାନ ଜାରି ରହିଛି । ମିଳିଥିବା ସୂଚନା ଅନୁସାରେ ୧୮୪ ମିଟର ଲମ୍ବ ବିଶିଷ୍ଟ ଲାଇବେରିଆନ ପତାକାଯୁକ୍ତ ଜାହାଜ ଏମଏସସି ଏଲସା ୩ ଗତକାଲି ମାଲ ନେଇ ୨୩ ତାରିଖରେ ଭିଜିନଜାମ ବନ୍ଦରରୁ ବାହାରିଥିଲା ଏବଂ ଶନିବାର କୋଚି ବନ୍ଦରରେ ପହଞ୍ଚିବାର ଥିଲା । କିନ୍ତୁ କୋଚି ବନ୍ଦରରେ ପହଞ୍ଚିବାର ମାତ୍ର ୩୦ ମିନିଟ୍ ପୂର୍ବରୁ ଏବଂ ୩୦ ନଟିକାଲ ମାଇଲ ଦୂରରୁ ଏହା ସମୁଦ୍ରରେ ବୁଡ଼ି ଯାଇଥିଲା । ଖବର ପାଇବା ପରେ କେରଳ ବିପର୍ଯ୍ୟୟ ପରିଚାଳନା ବୋର୍ଡ ପକ୍ଷରୁ ସତର୍କତା ଜାରି କରାଯାଇଥିଲା ଏବଂ ପରେ ପରେ କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା ।




ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ 'ନିତି ଆୟୋଗ' ପ୍ରଶାସନିକ ପରିଷଦର ୧୦ମ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପିଏଫ୍ ସୁଧହାରକୁ ଅପରିବର୍ତ୍ତିତ ରଖାଯାଇଛି। ୨୦୨୩-୨୪ ପରି ୨୦୨୪-୨୫ ପାଇଁ ପିଏଫ୍ ଆକାଉଣ୍ଟର ଜମା ରାଶି ଉପରେ ୮.୨୫ ପ୍ରତିଶତ ସୁଧ ମିଳିବ। ଏ ନେଇ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) କରିଥିବା ସୁପାରିସକୁ ଅର୍ଥ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ଏବେ ଦେଶର ୭ କୋଟିରୁ ଅଧିକ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟକୁ ସିଧାସଳଖ ସୁଧ ବାବଦ ଅର୍ଥ ଟ୍ରାନ୍ସଫର କରିଦିଆଯିବ। ଏହା ପୂର୍ବରୁ ଫେବୃଆରୀ ୨୮ରେ ବସିଥିବା ଇପିଏଫଓର ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ବୈଠକରେ ୮.୨୫ ପ୍ରତିଶତର ସୁଧହାରକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଏହାକୁ ଅର୍ଥ ମନ୍ତ୍ରାଳୟର ମଞ୍ଜୁରୀ ପାଇଁ ପଠା ଯାଇଥିଲା। ୮. ୨୫ ପ୍ରତିଶତ ହିସାବରେ ଯଦି ଇପିଏଫ ଆକାଉଣ୍ଟରେ ଲକ୍ଷେ ଟଙ୍କା ଜମାଥିବ ତେବେ ଏହା ଉପରେ ବର୍ଷକୁ ୮, ୨୫୦ ଟଙ୍କା ସୁଧ ମିଳିବ। ସେହିପରି ଆକାଉଣ୍ଟରେ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଜମା ଥିଲେ ୪୧, ୨୫୦ ଟଙ୍କା ସୁଧ ମିଳିବ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-326 ♦BHUBANESWAR ♦SUNDAY ♦25 MAY 2025 ♦PAGE-12 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ରବିବାର ♦୨୫ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ମୌସୁମୀର କ୍ଷିପ୍ର ଗତି

# ସଅଳ ଛୁଇଁଲା କେରଳ

## ୨୦୦୯ ପରେ ପୁଣି ମେ'ରେ ପ୍ରବେଶ

## ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଚଳିତ ବର୍ଷ ଧାର୍ଯ୍ୟ ସମୟ ପୂର୍ବରୁ ମୌସୁମୀର ଆଗମନ ହୋଇଛି। ପାଣିପାଗ ବିଭାଗ ଆକଳନ ଅବଧିର ଆଠଦିନ ପୂର୍ବରୁ ଶନିବାର ମୌସୁମୀ କେରଳ ଉପକୂଳ ଛୁଇଁଛି। ବିଗତ ୧୬ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା। ଏଥର ଜୁନ୍ ପହିଲାରେ ମୌସୁମୀ କେରଳ ଛୁଇଁବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା।

କେରଳରେ ମୌସୁମୀ ଜନିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିବା ବେଳେ ଓଡ଼ିଶାକୁ ମଧ୍ୟ ମୌସୁମୀ ବାୟୁ ସଅଳ ଆସିବା ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ସାଧାରଣତଃ କେରଳରେ ମୌସୁମୀ ବାୟୁ ଛୁଇଁବାର ୧୦ ଦିନ ପରେ ଏହା ଓଡ଼ିଶାକୁ ପ୍ରବେଶ କରିଥାଏ। ଅତଏବ ମେ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଅଧିକ ସମ୍ଭାବନା ରହିଥିବା କୁହାଯାଉଛି। ▶ପୃଷ୍ଠା-୭

## ଲମତାପୁଟରେ ବାଦଲଫଟା ବର୍ଷା

# ଧୋଇଗଲା ହାଟ



■ **କୋରାପୁଟ/ଲମତାପୁଟ, ୨୪।୫ (ସମିସ):** କୋରାପୁଟ ଜିଲ୍ଲା ଲମତାପୁଟରେ ଆଜି ବାଦଲଫଟା ବର୍ଷା ହୋଇଛି। କାଳବୈଶାଖୀ ପ୍ରଭାବରେ ଅଚାନକ ପବନ ସହ ବର୍ଷା ହେବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୟପୁର-ବିଶାଖାପାଟଣା ରାଜପଥ ଜଳମଗ୍ନ ହେବାରୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନା ଅନୁଯାୟୀ, କାଳବୈଶାଖୀ ବର୍ଷାର ପ୍ରଭାବ ଲମତାପୁଟ ବ୍ଲକ ମହକୁମାରେ ଦେଖିବାକୁ ମିଳିଛି। ଆଜି ଲାମତାପୁଟ ସାପ୍ତାହିକ ହାଟ ଥିବାବେଳେ ଅଚାନକ ▶ପୃଷ୍ଠା-୭

# ଗିଲ୍‌ଙ୍କୁ ଭାରତର ଟେଷ୍ଟ ନେତୃତ୍ୱ



ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ୫-ଟେଷ୍ଟ ସିରିଜ୍ ପାଇଁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଶୁଭମନ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।






## 'ନିତି ଆୟୋଗ' ବୈଠକରେ ସବୁ ରାଜ୍ୟଙ୍କୁ ମୋଦୀଙ୍କ ଆହ୍ୱାନ

# 'ଟିମ୍ ଇଣ୍ଡିଆ' ହୋଇ କାର୍ଯ୍ୟ କରିବାକୁ ପଡ଼ିବ



■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ବିକଶିତ ଭାରତ ସବୁ ଭାରତୀୟଙ୍କ ଲକ୍ଷ୍ୟ। ରାଜ୍ୟ ବିକଶିତ ହେଲେ ଭାରତ ସାମଗ୍ରିକ ସ୍ତରରେ ବିକଶିତ ହେବ। ଏହାକୁ ହାସଲ କରିବାକୁ ହେଲେ ଆମକୁ 'ଟିମ୍ ଇଣ୍ଡିଆ' ଭଳି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ 'ନିତି ଆୟୋଗ'ର ୧୦ମ ପ୍ରଶାସନିକ ପରିଷଦ ବୈଠକରେ ଆହ୍ୱାନ ▶ପୃଷ୍ଠା-୭

**'କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାର୍ଯ୍ୟ କଲେ କିଛି ଅସମ୍ଭବ ହେବନି'**


**'ବିକଶିତ ଓଡ଼ିଶା' ଗଠନ ପାଇଁ ସହଯୋଗ ଲୋଡ଼ିଲେ ମୋହନ**

## ପୂର୍ବ ଶତ୍ରୁତାରୁ ଗଡ଼ିଲା ମୁଣ୍ଡ

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣିଲେ



■ **ରେଢ଼ାଖୋଲ, ୨୪।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ବଡ଼ମାଳ ଗ୍ରାମରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ପ୍ରଫୁଲ୍ଲ ନାଏକ। ପ୍ରଫୁଲ୍ଲ ନିଜ ଚାଷ ଜମିରେ କାମ ▶ପୃଷ୍ଠା-୭

### ପରିମଳ ବ୍ୟବସ୍ଥାକୁ ନେଇ ବିଜେଡି-ବିଜେପି ମୁହାଁମୁହିଁ

# ବିଧାୟକ କିଛି ନକରି ଲୋକଦେଖାଣିଆ ପ୍ରଶଂସା ନେଉଛନ୍ତି : ବିଜେଡି





**ଝାରସୁଗୁଡା, ୨୪।୫(ସମିସ):** ଝାରସୁଗୁଡା ପୌରପରିଷଦରେ ପରିମଳ ବ୍ୟବସ୍ଥା ଓ ବିଭିନ୍ନ କାର୍ଯ୍ୟକୁ ନେଇ ଶନିବାର ବିଜେଡି ଓ ବିଜେପି ମଧ୍ୟରେ ମୁହାମୁହିଁ ସ୍ଥିତି ଉପୁଜୁଛି। ଉଭୟ ଦଳ ପୃଥକ ଭାବରେ ସାମ୍ବାଦିକ ସମ୍ମିଳନୀ କରି ପରିମଳ ବ୍ୟବସ୍ଥାକୁ ନେଇ ପରସ୍ପର ଉପରେ ଦୋଷାରୋପ କରିଛନ୍ତି। ଝାରସୁଗୁଡା ସ୍ଥିତ ଏକ ଘରୋଇ ହୋଟେଲରେ ବିଜେଡି ପକ୍ଷରୁ ପରିମଳ ବ୍ୟବସ୍ଥାକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡା ନଗରପାଳ, କାଉନସିଲରମାନେ ଉପସ୍ଥିତ ରହି ଝାରସୁଗୁଡାରେ ପରିମଳ ବ୍ୟବସ୍ଥା, ଡ୍ରେନ ସଫେଇ ଡ୍ରାଇଭ ଆଦି ପୌରପରିଷଦ ପକ୍ଷରୁ କରାଯାଉଛି। କିନ୍ତୁ ଝାରସୁଗୁଡା ବିଧାୟକ କିଛି କାମ ନ କରି ଲୋକଦେଖାଣିଆ ପ୍ରଶଂସା ନେଉଛନ୍ତି। ଲୋକଙ୍କ ପ୍ରଶଂସାର ପାତ୍ର ହେବା ପାଇଁ ଏହି ଡ୍ରେନ ସଫେଇ ଡ୍ରାଇଭ ତାଙ୍କ ନିର୍ଦ୍ଦେଶରେ ଆରମ୍ଭ କରାଯାଇଥିବା ବିଜେଡି ଅଭିଯୋଗ କରିଛି। ଏଥିସହ ଝାରସୁଗୁଡାର ଉନ୍ନତି ପାଇଁ ଏକ ହୋଇ ଟିମ୍ ଝାରସୁଗୁଡା କାମ କରିବ ବୋଲି କହୁଥିବା ବିଧାୟକ କାହିଁକି ବିଭିନ୍ନ ୱାର୍ଡ ବୁଲିବା ଓ ଡ୍ରେନେଜ ସଫେଇ ସମୟରେ କାଉନସିଲରଙ୍କୁ ନେଇ ଗଠିତ ହୋଇଥିବା ଟିମ୍‌ଙ୍କୁ ସୂଚନା ଦେଉନାହାନ୍ତି ବୋଲି କାଉନସିଲରମାନେ ପ୍ରଶ୍ନ କରିଛନ୍ତି। ଝାରସୁଗୁଡା ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ଠାରୁ ଫଣ୍ଡ ଆଣିବା ସହ ଝାରସୁଗୁଡା ପାଇଁ ଏକ ମାଷ୍ଟର ଡ୍ରେନ୍ ପ୍ରୋଜେକ୍ଟ ଅନୁମୋଦନ କଲେ ଝାରସୁଗୁଡାବାସୀ ଉପକୃତ ହେବେ ବୋଲି ବିଜେଡି କହିଛି। ଅନ୍ୟପଟେ ଝାରସୁଗୁଡା ବିଟିଏମ୍ ସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଝାରସୁଗୁଡା ପୌରପରିଷଦରେ ପରିମଳ ବ୍ୟବସ୍ଥା, ଝାରସୁଗୁଡା ପୌରପରିଷଦକୁ ଏକ ଉନ୍ନତ, ପରିଷ୍କାର ପରିଛନ୍ନ ପୌରପରିଷଦ ଭାବରେ ଗଢ଼ି ତୋଳିବା ପାଇଁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରୟାସ ବିଷୟରେ ସଫେଇ ଦିଆଯାଇଛି। ପରିମଳ ବ୍ୟବସ୍ଥାକୁ ନେଇ ଆଜି ବିଜେଡି ପକ୍ଷରୁ କରାଯାଇଥିବା ସାମ୍ବାଦିକ ସମ୍ମିଳନୀ ଓ ଝାରସୁଗୁଡା ବିଧାୟକଙ୍କୁ ଆକ୍ଷେପର ଜବାବ ଦେଇ ବିଜେପି କହିଛି, ଝାରସୁଗୁଡାର ବିକାଶ ପାଇଁ ବିଧାୟକ ଶ୍ରୀ ତ୍ରିପାଠୀ କାର୍ଯ୍ୟ କରୁଛନ୍ତି; ବିଧାୟକଙ୍କ ଉପରେ ଆକ୍ଷେପ କରି ନିଜର ତ୍ରୁଟି ଓ ଦୋଷ ଲୁଚାଇବାକୁ ବିଜେଡି, ଝାରସୁଗୁଡା ନଗରପାଳ ଓ ଆକ୍ଷେପ କରୁଥିବା କାଉନସିଲରମାନେ ଅପଚେଷ୍ଟା କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ବିଜେପି ପାଲଟା ଆକ୍ଷେପ କରିଛି।

## ବାର୍‌ହା ମାଂସ ଜବତ; ଦୁଇ ଗିରଫ



**କୋଲାବିରା, ୨୪।୫ (ସମିସ):** ଜଙ୍ଗଲରୁ ବାର୍‌ହା ଶିକାର କରି ମାଂସକୁ ଭାଗବାଣ୍ଟୁ ଥିବା ବେଳେ ୨ ଜଣ ବନ ବିଭାଗ ଦ୍ୱାରା ଧରାପଡ଼ିଛନ୍ତି। ସୂଚନାମତେ କୋଲାବିରା ବନାଞ୍ଚଳ ଅଧିନ କେଲଡାମାଲ ନିକଟ ଭାଲୁ ଡୁଙ୍ଗୁରି ଠାରେ ବାରହା ଶିକାର କରାଯାଇ ମାଂସ କାଟି ଭାଗବଣ୍ଟା ଚାଲିଥିବା ବନ ବିଭାଗକୁ ଖବର ମିଳିଥିଲା। କୋଲାବିରା ରେଞ୍ଜର ଘାଷିରାମ ବେଭାର ସାଙ୍ଗରେ ଅନ୍ୟ ଷ୍ଟାଫ୍‌ଙ୍କୁ ନେଇ ଘଟଣାସ୍ଥଳରେ ଛାପା ମରିଥିଲେ। ଏଥିରେ ସମ୍ପୃକ୍ତ ଦୁଇଜଣ କେଲଡାମାଲ ଭାଲୁଡୁଙ୍ଗରିର ସୁଦର୍ଶନ ଓରାମ(୪୨) ଏବଂ ଲଇକେରା ଥାନା ଅଧିନସ୍ଥ ପାକେଲପଡ଼ା ଚଢ଼ଉ କରି ଗ୍ରାମର ବିଶ୍ୱନାଥ ପାରେଖ(୪୦)ଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ବାରହା ମାଂସ, ପନିକି, କଟୁରୀ, ଫଲସିଆ, କୁଲାଢି ଆଦି ଜବତ କରାଯାଇଛି। ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣି ସୁରକ୍ଷା ଆଇନ ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ଶ୍ରୀ ବେଭାର ସୂଚନା ଦେଇଛନ୍ତି। ଏସଂକ୍ରାନ୍ତରେ ରେଞ୍ଜ କାର୍ଯ୍ୟାଳୟରେ ଓାଇଲ୍ଡ ଲାଇଫ-୧୩/୨୫ରେ ମାମଲା ରୁଜୁ କରାଯାଇଛି।

## 'ଫୁଲେ' ଦେଖିଲେ ଏସ୍‌ସି-ଏସ୍‌ଟି ମିଳିତ କ୍ରିୟାନୁଷ୍ଠାନ କମିଟି



**ଝାରସୁଗୁଡା, ୨୪।୫(ସମିସ):** ଝାରସୁଗୁଡା ସହର ସରବାହାଲ ସ୍ଥିତ ଛୋଟୁ ମହାରାଜ ସିନେମା ହଲ୍‌ରେ ଦେଶର ପ୍ରଥମ ମହିଳା ଶିକ୍ଷୟିତ୍ରୀ ସାବିତ୍ରୀ ବାଇ ଫୁଲେ ଏବଂ ତାଙ୍କର ଜୀବନ ସାଥୀ ତଥା ମହାନ ବିଚାରକ ମହାଜ୍ୟୋତିବା ରାଓ ଫୁଲେଙ୍କ ଜୀବନ କାହାଣୀକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର 'ଫୁଲେ' ପ୍ରଦର୍ଶିତ ହୋଇଛି। ଏହି ଚଳଚ୍ଚିତ୍ରକୁ ଅନୁସୂଚୀତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକର୍ତ୍ତାମାନେ ଏକାଠି ଦେଖିଛନ୍ତି। ଏହି ଚଳଚ୍ଚିତ୍ରଟି ଶିକ୍ଷା ଏବଂ ସମାନତା ସମସ୍ତଙ୍କର ଅଧିକାର ଉପରେ ଆଧାରିତ ରହିଛି। ସମସ୍ତେ ଏହି ଚଳଚ୍ଚିତ୍ର ଦେଖିବାର ଆବଶ୍ୟକତା ରହିଛି। ଏହି ଚଳଚ୍ଚିତ୍ର ଲୋକମାନଙ୍କୁ ସମାନତାର ଅଧିକାର ପାଇଁ ଲଢ଼ିବା, ଜାତି, ଧର୍ମ ଏବଂ ଦେଶରେ ପ୍ରଚଳିତ ସମସ୍ତ କୁପ୍ରଥାରୁ ଉପରକୁ ଉଠିବାକୁ ଶିକ୍ଷା ଦେଉଛି। ଯାହା ଏହି ଚଳଚ୍ଚିତ୍ରରେ ବାର୍ତ୍ତା ରହିଛି। ଚଳଚ୍ଚିତ୍ରଟି ଲୋକଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ନାବାଳିକାକୁ ଦୁଷ୍କର୍ମ; ଟିଉସନ୍ ସାର୍‌କୁ ୨୦ ବର୍ଷ ଜେଲ

**ଝାରସୁଗୁଡା, ୨୪।୫(ସମିସ):** ଝାରସୁଗୁଡା ଜିଲ୍ଲା ବଡ଼ମାଲ ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଟିଉସନ ସାର୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ଜରିମାନା ଅନାଦେୟ ସ୍ଥଳେ ଅଧିକ ୧ ବର୍ଷ କରାଦଣ୍ଡ ଭୋଗିବେ ବୋଲି ଜଜ୍ ନିଜ ରାୟରେ ପ୍ରକାଶ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଟିଉସନ୍ ସାର୍ ଜଣକ ହେଲେ ଝାରସୁଗୁଡ଼ା ଜିଲ୍ଲା ବଡ଼ମାଲ ଅଞ୍ଚଳର କିଶୋର ବାଦୀ। ମାମଲାନୁଯାୟୀ, ୨୦୨୨ ମସିହାରେ ଝାରସୁଗୁଡା ଜିଲ୍ଲା ବଡ଼ମାଲ ଅଞ୍ଚଳରେ ଟିଉସନ ପଢ଼ିବାକୁ କିଶୋର ବାଦୀଙ୍କ ଘରକୁ ନାବାଳିକା ଛାତ୍ରୀ ଜଣକ ନିଜ ସାଙ୍ଗମାନଙ୍କ ସହ ଯାଇଥିଲେ। ଟିଉସନ ଛୁଟି ପରେ ଦୋଷୀ ଟ୍ୟୁସନ୍ ସାର୍ କିଶୋର ପୀଡିତାଙ୍କୁ ଆଶ୍ଳୀଳ ଭିଡିଓ ଦେଖାଇ ବଳ ପୂର୍ବକ ଦୁଷ୍କର୍ମ କରିଥିଲେ। ଏନେଇ ପୀଡିତାଙ୍କ ପରିବାର ପକ୍ଷରୁ ବଡ଼ମାଲ ଥାନାରେ ଅଭିଯୋଗ ହୋଇଥିଲା। ବଡ଼ମାଲ ପୁଲିସ ଅଭିଯୁକ୍ତ କିଶୋର ବାଦୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୫୮ ଟି ଦସ୍ତାବିଜ ଏବଂ ୨୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାମାଲାର ଶନିବାର ଶୁଣାଣି କରି ଦୋଷୀ କୋଶୋର ବାଦୀକୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ କୋର୍ଟ ରାୟ ଦେଇଥିବା ପବ୍ଲିକ୍ ପ୍ରସିକ୍ୟୁଟର ପୃଥ୍ୱୀରାଜ ସିଂଦେଓ ସୂଚନା ଦେଇଛନ୍ତି।

## ୩ ଗାଡ଼ିରୁ ବ୍ୟାଟେରୀ ଚୋରି

**ଝାରସୁଗୁଡା, ୨୪।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ୪୯ ନମ୍ବର ଜାତୀୟ ରାଜପଥର ଗାନ୍ଧିଛକରୁ ଶୁକ୍ରବାର ରାତିରେ ୩ଟି ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛି। ସୂଚନାନୁଯାୟୀ, ଜାତୀୟ ରାଜପଥ କଡରେ ଅଟକିଥିବା ଦୁଇଟି ଟେଲର ଓ ଗୋଟିଏ ହାଇୱା ଗାଡ଼ିରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରମାନେ ବ୍ୟାଟେରୀ ଚୋରି କରି ନେଇଥିଲେ। ଗାଡ଼ି ମାଲିକ ଶନିବାର ସକାଳୁ ଏନେଇ ଗାନ୍ଧିଛକ ଫାଣ୍ଡି ପୁଲିସକୁ ଜଣାଇଥିଲେ। ଖବରପାଇ ପୁଲିସ ଘଟଣାର ଯାଞ୍ଚ ଜାରି ରଖିଛି। ଅନ୍ୟପକ୍ଷରେ ଗାଡ଼ି ମାଲିକଙ୍କ ତରଫରୁ ଏନେଇ ଲିଖିତ ଅଭିଯୋଗ ହୋଇନଥିବା ଗାନ୍ଧିଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ସୂଚନା ଦେଇଛନ୍ତି।

## କାର୍‌ରୁ ୪୩ କିଲୋ ଗଞ୍ଜେଇ ଜବତ

**ଝାରସୁଗୁଡା, ୨୪।୫(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ଡେହେରୀଢ଼ୀପା ଛକ ନିକଟରେ ଏକ କାର(ଓଆର ୬୪ ଡବ୍ଲ୍ୟୁ ୯୩୩୩)ରୁ ପ୍ରାୟ ୪୩ କିଲୋ ଗଞ୍ଜେଇ ଜବତ କରିଛି ପୁଲିସ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଶନିବାର ସକାଳେ ବରଗଡ଼ ଜିଲ୍ଲା ପଟୁ ଛତିଶଗଡ଼ ରାଜ୍ୟକୁ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିଲା। ପୁଲିସ ଏନେଇ ଖବର ପାଇ ଗଞ୍ଜେଇ ଚାଲାଣ ହେଉଥିବା କାର୍‌କୁ ପିଛା କରିଥିଲା। ଅଭିଯୁକ୍ତମାନେ ରେଙ୍ଗାଲି ଥାନା ଅନ୍ତର୍ଗତ ଦେହେରୀଢ଼ୀପା ଛକ ନିକଟରେ କାର୍ ଛାଡି ଫେରାର ହୋଇଯାଇଥିଲେ। ପରେ କାର୍ ଓ ଗଞ୍ଜେଇକୁ ଜବତ କରାଯାଇଥିବା ରେଙ୍ଗାଲି ପୁଲିସ ପକ୍ଷରୁ ସୂଚାଯାଇଛି






ସମ୍ବଲପୁର ଉପକଣ୍ଠସ୍ଥ କବରାପାଲିରେ ଚାଲିଛି ରବିଧାନ ଅମଳ

# ହାତୀ ଶାବକ ମୃତଦେହ ଠାବ

**ସମ୍ବଲପୁର, ୨୪।୫ (ସମିସ) :** ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ସଦର ବନାଞ୍ଚଳ ଯୁଯୋମୁରାର ମୁଣ୍ଡେର ନିକଟସ୍ଥ ସୁର୍‌ଷୋବାଡ଼ି ଜଙ୍ଗଲରେ ଶନିବାର ସକାଳୁ ଏକ ହାତୀ ଶାବକର ମୃତଦେହ ଠାବ ହୋଇଛି। ସୁର୍‌ଷୋବାଡ଼ି ଜଙ୍ଗଲରେ ହାତୀ ଶାବକର ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନବିଭାଗକୁ ସୂଚନା ଦେଇଥିଲେ। ହାତୀ ଶାବକଟି ଗତ ଚାରି-ପାଞ୍ଚ ଦିନ ହେବ ଅସୁସ୍ଥ ହୋଇ ମା' ହାତୀ ସହ ବୁଲୁଥିବା ଲୋକେ କହୁଛନ୍ତି। ହାତୀ ଛୁଆର ବୟସ ଏକ ବର୍ଷରୁ କମ ହେବ ବୋଲି ଅନୁମାନ କରାଯାଉଛି। ତେବେ, କେଉଁ ପରିସ୍ଥିତିରେ ହାତୀ ଶାବକର ମୃତ୍ୟୁ ହେଲା ଓ ତାହାର କାରଣ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଅଞ୍ଚଳବାସୀଙ୍କଠାରୁ ଖବର ପାଇ ସଦର ବନାଞ୍ଚଳ ଅଧିକାରୀଙ୍କ ସହ ବନବିଭାଗର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ହାତୀ ଶାବକ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକ ସୂଚନା ଦେଇଛନ୍ତି।






### ନନ୍ଦପଡ଼ା, ଝାଡ଼ୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା

# ଶୋଭାଯାତ୍ରାରେ ମିଳିବ ଲୋକସଂସ୍କୃତିର ଝଲକ

**ସମ୍ବଲପୁର, ୨୪।୫ (ସମିସ)**

ଆସନ୍ତା ଶୀତଳଷଷ୍ଠୀ ଯାତ୍ରାରେ ନନ୍ଦପଡ଼ା, ଝାଡ଼ୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଲୋକକଳା ଓ ଲୋକସଂସ୍କୃତିକୁ ପ୍ରାଧାନ୍ୟ ଦିଆଯାଉଛି। ଏହାସହ ସ୍ଥାନୀୟ କଳାକାର ଓ ଲୁପ୍ତପ୍ରାୟ କଳା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି ତିନୋଟି ଯାତ୍ରା କମିଟିର ମୁଖ୍ୟ ଯୁଗଳ ଦର୍ଶନ ଶୋଭାଯାତ୍ରା ଏବଂ ଅନ୍ୟ ଶୋଭାଯାତ୍ରାମାନଙ୍କରେ ତଲନାଚ, ରଥନାଚ, ରେକର୍ଡ ଡ୍ୟାନ୍ସ ଆଦିକୁ ମିଶାଇ ପ୍ରାୟ ସାଢ଼େ ୭ ହଜାର କଳାକାର ରାଜ୍ୟ ତଥା ରାଜ୍ୟ ବାହାରୁ ଆସି ସେମାନଙ୍କ କଳା ପ୍ରଦର୍ଶନ କରିବେ। ନନ୍ଦପଡ଼ା, ଝାଡ଼ୁଆପଡ଼ା ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟିର ମିଳିତ କ୍ରିୟାନୁଷ୍ଠାନ କମିଟିର ସାମ୍ବାଦିକ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମିଶ୍ର, ସଭାପତି ସୁଶାନ୍ତ ପୁରୋହିତ, ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସମୀର ରଞ୍ଜନ ବାବୁ, ଝାଡ଼ୁଆପଡ଼ା ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସରୋଜ ଦଳପତ ଓ ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡା ମଞ୍ଚାସୀନ ଥିଲେ। ଏପ୍ରିଲ ୩୦ ତାରିଖ 'ଥାଳ ଉଠା' ସହିତ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀର ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ତାରିଖ ବିଳମ୍ବିତ ରାତ୍ରି ଏବଂ ବ୍ରାହ୍ମମୁହୂର୍ତ୍ତରେ ଦେବବିବାହ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଯାତ୍ରା କମିଟିର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି।

ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଦେବବିବାହ ଆୟୋଜନ କରାଯାଉଛି। ଚଳିତବର୍ଷର ମୁଖ୍ୟ ଆକର୍ଷଣ ଭବ୍ୟ ମହାଆଳତୀ ହେବାକୁ ଥିବାବେଳେ ଯୁଗଳ ଦର୍ଶନ ଶୋଭାଯାତ୍ରାରେ କେରଳର ତମ୍ବୋଲା ଓ ମେଲମ, ମୁମ୍ବାଇର ଲାବନୀ ଓ ଖଡ଼ଗପୁରର ଶେରବାଜା ରହିଛି। ଏଥର ବ୍ୟୟ ଅଟକଳ ରହିଛି ୭୦ ଲକ୍ଷ ଟଙ୍କା। ମୁଖ୍ୟ ଶୋଭାଯାତ୍ରା ଓ ଅନ୍ୟ ଶୋଭାଯାତ୍ରାରେ ପ୍ରାୟ ୧୮୦୦ କଳାକାର ସାମିଲ ହେବେ। ଚଳିତବର୍ଷ ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଭାବରେ ପ୍ରତାପ ନନ୍ଦ ଓ ଲିପିକା ନନ୍ଦ ଦାୟିତ୍ୱ ନିର୍ବାହ କରିବେ।

ଝାଡ଼ୁଆପଡ଼ାର ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଶ୍ରୀ ଲୋକନାଥ ବାବାଙ୍କ ଦେବବିବାହ ଆୟୋଜନ କରାଯାଉଛି। ଚଳିତବର୍ଷର ମୁଖ୍ୟ ଆକର୍ଷଣ ହେଉଛି ଭୋପାଲ, ମଧ୍ୟପ୍ରଦେଶରୁ ଆସୁଥିବା ବାବା ବଟେଶ୍ୱର କୀର୍ତ୍ତନ ସମିତିର ୧୫୦ ଜଣିଆ ଦଳ ଏବଂ ଗୋଆ ଶ୍ରୀ ଟୋନେଶ୍ୱର ସିଂ ମହୋତ୍ସବ ମଣ୍ଡଳ୍‌ର ୬୦ ଜଣିଆ ଡ୍ୟାନ୍ସ ଗ୍ରୁପ୍। ଏଥର ବ୍ୟୟ ଅଟକଳ ରହିଛି ୫୭ରୁ ୬୦ ଲକ୍ଷ ଟଙ୍କା। ମୁଖ୍ୟ ଶୋଭାଯାତ୍ରା ଓ ଅନ୍ୟ ଶୋଭାଯାତ୍ରାରେ ପ୍ରାୟ ୨୫୦୦ ରୁ ୨୭୦୦ କଳାକାର ସାମିଲ ହେବେ। ବରାତି ଶୋଭାଯାତ୍ରାରେ ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ, ବୌଦ୍ଧର ମୟୁର ନୃତ୍ୟ, ବରଗଡ଼ର ଜଙ୍ଗଲି ନୃତ୍ୟ, ରାୟଗଡ଼ାର ଢେମ୍‌ସା ନୃତ୍ୟ, ସୁନ୍ଦରଗଡ଼ର କରମା ନୃତ୍ୟ ଓ ରାଜଗାଙ୍ଗପୁରର କଳସି ନୃତ୍ୟ ରହିଛି। ଚଳିତବର୍ଷ ପ୍ରଜ୍ଞାପନ ମେଢ଼ରେ ରାଫେଲ୍



ଫାଇଟର୍ ଜେଟ୍, ରାବିଟ୍ କାର୍ଟୁନ, ଏଲିଏନ୍ ମୋନଷ୍ଟର୍ କାର୍ଟୁନ, ଅଗ୍ନି, ବ୍ରହ୍ମୋସ, ଏସ୍-୪୦୦ ମିଜାଇଲ୍‌ସ, ଅଘୋରୀ ଓ ବଡ଼ ନନ୍ଦୀ ରହିବ। ଏହାକୁ କାରିଗର ରାକେଶ ବର୍ଗେ ଓ ପୁତ୍ର ପ୍ରସ୍ତୁତ କରୁଛନ୍ତି। ଶିବ ପାର୍ବତୀଙ୍କ ମୁଖ୍ୟମେଢ଼ ରୂପା ପରଭା ହେବାକୁ ଥିବାବେଳେ ଶ୍ରୀ ରାଧାକୃଷ୍ଣ ମେଢ଼ ମୟୂର ସିଂହାସନ ଓ ହନୁମାନ ମେଢ଼ ନାରାୟଣ ସିଂହାସନ ଶୈଳୀରେ କାରିଗର ପୁରୀର ପୂର୍ଣ୍ଣଚନ୍ଦ୍ର ସାଥୁଆ କରୁଥିବା ଯାତ୍ରା କମିଟି ସୂତ୍ରରୁ ପ୍ରକାଶ। ଚଳିତବର୍ଷ ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ପଦ୍ମିନୀ ନାୟକ ଦାୟିତ୍ୱ ନିର୍ବାହ କରିବେ।

ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଦେବବିବାହ ଆୟୋଜନ କରାଯାଉଛି। ଏଥର ବ୍ୟୟ ଅଟକଳ ରହିଛି ୪୦ରୁ ୪୫ ଲକ୍ଷ ଟଙ୍କା। ମୁଖ୍ୟ ଶୋଭାଯାତ୍ରା ଓ ଅନ୍ୟ ଶୋଭାଯାତ୍ରାରେ ପ୍ରାୟ ୨୫୦୦ ରୁ ୩୦୦୦ କଳାକାର ସାମିଲ ହେବେ। ଶୋଭାଯାତ୍ରା ସମୟରେ ତଲନାଚ ବର୍ଗରେ ସୁବର୍ଣ୍ଣପୁରର ଘଣ୍ଟ ପାର୍ଟି, ବରଗଡ଼ର ଦୁଲଦୁଲି ଏବଂ ଡିଜେ, ବଲାଙ୍ଗୀରର ଢୋଲ ବାଜା, ବୌଦ୍ଧର ମୟୁର ନୃତ୍ୟ, କୋଲକାତାର ସୃଜନୀ ଡାନ୍ସ ଗ୍ରୁପ୍, ପୁରୀର ଦୁର୍ଗା ନୃତ୍ୟ, କୋରାପୁଟର ଆଦିବାସୀ ନୃତ୍ୟ, ରାଉରକେଲାର କାଳିସୀ ନୃତ୍ୟ, ଛତିଶଗଡ଼ର ମାଛ ଓ ଗରିଲା ନୃତ୍ୟ, ଗଞ୍ଜାମର ଯୋଡ଼ି ଶଙ୍ଖ, ସୁନ୍ଦରଗଡ଼ର ଝାଜିର୍ ଓ କୁଚିଣ୍ଡାର ଗଉର୍‌ବାଡ଼ି ନୃତ୍ୟ ରହିଛି। ସେହିପରି ଉପରନାଚ ବର୍ଗରେ ମୁମ୍ବାଇର ଲାୱନୀ, ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱର, କଲକାତା, ପୁନେ ଓ ନାଗପୁରର ଆଲବମ ନୃତ୍ୟ ରହିଛି। ଚଳିତବର୍ଷ ପ୍ରଜ୍ଞାପନ ମେଢ଼ରେ ବ୍ରହ୍ମୋସ ମିଜାଇଲ୍‌ସ, ନରସିଂହ ଅବତାର ଓ ଗରୁଡ଼ ରହିବ। ଶିବ ପାର୍ବତୀଙ୍କ ମୁଖ୍ୟମେଢ଼ ମୟୁର ରଥ ଏବଂ ହନୁମାନ ରଥକୁ ଭାନୁ ରଥ ହେବାକୁ ଥିବାବେଳେ ପୁରୀର କାରିଗର ଉପେନ୍ଦ୍ର ପଣ୍ଡା ଏହାକୁ କରୁଛନ୍ତି। ସମ୍ବଲପୁରର ଚନ୍ଦନ ବାରିକ ରାମସୀତା ରଥକୁ ନୀଳଚକ୍ର ଡାଞ୍ଚାରେ କରୁଥିବା ଯାତ୍ରା କମିଟି ସୂତ୍ରରୁ ପ୍ରକାଶ। ଚଳିତବର୍ଷ ଜଗଜ୍ଜନନୀ ମାତା ପାର୍ବତୀଙ୍କ ପିତାମାତା ଭାବରେ ବୁର୍ଲା କଣ୍ଟ୍ରାକ୍ଟର୍ସ କଲୋନୀର ମୃତ୍ୟୁଞ୍ଜୟ ଦାଶ ଓ ମଧୁସ୍ମିତା ପଣ୍ଡା ଦାୟିତ୍ୱ ନିର୍ବାହ କରିବେ।

ଆସନ୍ତା ୨୯ ତାରିଖ ଝାଡ଼ୁଆପଡ଼ାର ଶ୍ରୀ ଲୋକନାଥ ବାବା ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କ ଦେବବିବାହ ନିମନ୍ତେ ପତରପେଁଡ଼ି କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୩୦ ତାରିଖ ଦେ'ନିଉତା ବା ହନୁମାନ ନିଉତା, ୩୧ ତାରିଖ ରାତିରେ ବରାନୁଗମନ ଓ ବିଳମ୍ବିତ ରାତ୍ରି ବ୍ରାହ୍ମମୁହୂର୍ତ୍ତରେ ଶୁଭ ଲଗ୍ନରେ ହାତଗଣ୍ଠି, ୧ ତାରିଖ ବିଳମ୍ବିତ ରାତିରେ ନଗର ପରିକ୍ରମା ବା ଯୁଗଳ ଦର୍ଶନ ଶୋଭାଯାତ୍ରା ଆରମ୍ଭ ଏବଂ ୨ ତାରିଖ ସନ୍ଧ୍ୟାରେ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ତେବେ, ନନ୍ଦପଡ଼ାର ବମ୍‌ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡ଼ି ଦୁଇଦିନ ପୂର୍ବରୁ ୨୭ ତାରିଖ ହେବାକୁ ଥିବାବେଳେ ୨୮ରେ ନୃସିଂହ ନିଉତା ହେବ ବୋଲି ସୂଚନା ମିଳିଛି।

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଘଟଣା

# ଜେଲ୍ ଗଲା ଅଭିଯୁକ୍ତ ସ୍ୱାମୀ

**ସମ୍ବଲପୁର, ୨୪।୫(ସମିସ):** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ତାଲପାଲି ଗାଁରେ ପତ୍ନୀଙ୍କୁ ଯୌତୁକ ନିର୍ଯାତନାଜନିତ ହତ୍ୟା କରାଯାଇଥିବା ଅଭିଯୋଗରେ ସ୍ୱାମୀ କିଶୋର ପାଣ୍ଡେଙ୍କୁ ଗିରଫ କରାଯାଇଛି। ମାନସୀ ପାଣ୍ଡେଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଯାଇଛି। ମାନସୀଙ୍କ ଶରୀରରେ ମାଡ଼ର ଦାଗ ରହିଛି। ଶାରୀରିକ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ଅଢେଇ ବର୍ଷ ତଳେ କିଶୋରଙ୍କୁ କୁଦୋପାଲି ଗାଁର ସୀତାରାମ ସେଠଙ୍କ ଝିଅ ମାନସୀ ବାହା ହେଇଥିଲେ। ସ୍ୱାମୀ ମଦ ପିଇ ସବୁବେଳେ ମାନସୀଙ୍କୁ ମାରପିଟ୍ କରୁଥିବା ସେ ବାପଘରେ କୁହନ୍ତି। ଶୁକ୍ରବାର ପୂର୍ବାହ୍ନରେ କିଶୋର ପତ୍ନୀ ମାନସୀଙ୍କ ବଡ଼ ଭଉଣୀ ସହ ଫୋନରେ କଥା ହୋଇ ମାନସୀ ଆତ୍ମହତ୍ୟା ଉଦ୍ୟମ କରୁଥିବା ନେଇ ସୂଚନା ଦେଇଥିଲେ। ପୂର୍ବାହ୍ନ ସାଢ଼େ ୧୦ଟାରେ କିଶୋର ଗୁରୁତର ଅବସ୍ଥାରେ ମାନସୀଙ୍କ ଚିକିତ୍ସା ସକାଶେ ଡିଏଚଏଚରେ ଡାକ୍ତରଖାନା ପହଞ୍ଚାଇଥିଲେ। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରାହ୍ନ ୪ଟାରେ ପୁଲିସ୍ ଡାକ୍ତରଖାନାରୁ ମାନସୀଙ୍କ ଶବ ଉଦ୍ଧାର କରିଥିଲା। ଯୌତୁକ ନିର୍ଯାତନା ନେଇ ମୃତ ମାନସୀଙ୍କ ବାପା ସୀତାରାମ ସେଠ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସଦର ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

**ସମ୍ବଲପୁର, ୨୪।୫(ସମିସ):** ଯୁଯୁମୁରା ଥାନା ପୁଲିସ ଝାଙ୍କରପାଲି ଜହରୁପଡ଼ା ଗ୍ରାମର ଏକ ବିଲରୁ ଜଣେ ପୁରୁଷଙ୍କ ଗଳିତ ଶବ ଉଦ୍ଧାର କରିଛି। ଶବଟି ପ୍ରାୟ ଚାରି-ପାଞ୍ଚ ଦିନ ତଳର ବୋଲି ଅନୁମାନ କରାଯାଉଛି। ଶବକୁ ବୁର୍ଲା ଶବଗୃହରେ ରଖାଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଦୁର୍ଘଟଣାଗ୍ରସ୍ତ ହୋଇ କୂଅରେ ପଡ଼ିଲା ବାଇକ

**ସମ୍ବଲପୁର, ୨୪।୫(ସମିସ):** ବାମରା ନିକଟ ନୁନିଆମୁଣ୍ଡା ବୁଲାଣିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା କଡରେ ଥିବା ଏକ କୂଅରେ ପଶି ଯାଇଥିଲା। ଏଥିରେ ୨ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଟାଙ୍ଗରମୁଣ୍ଡା ଗ୍ରାମର ୨ ଜଣ ନାବାଳକ ଏକ ବାଇକ୍ ଯୋଗେ ବାମରାକୁ ଆସୁଥିଲେ। ଏହି ସମୟରେ ନୁନିଆମୁଣ୍ଡା ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ବାଇକ୍‌ଟି ଘୋଷାଡି ହୋଇ ରାସ୍ତା କଡରେ ଥିବା ଏକ ଗଭୀର କୁଅ ଭିତରକୁ ଚାଲି ଯାଇଥିଲା। ବାଇକ୍ ଆରୋହୀମାନେ ବାହାରକୁ ଡେଇଁ ନିଜ ଜୀବନ ବଞ୍ଚାଇଥିଲେ। ସ୍ଥାନୀୟ ଯୁବକ ଘଟଣା ସ୍ଥଳରେ ପହଞ୍ଚି ବାଇକ ଉଦ୍ଧାର କରିଥିଲେ।

# ୩ ଲକ୍ଷ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ଅଧିକାର ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ରାଜ୍ୟ ସଂଘ

**ସମ୍ବଲପୁର, ୨୪।୫(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଠାରେ ଜଙ୍ଗଲ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ତୋଳାଳି ଓ କର୍ମଚାରୀଙ୍କ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ପରେ ଆଜି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ କେନ୍ଦୁପତ୍ର ଡିଭିଜନର ଶତାଧିକ ତୋଳାଳୀ, କେନ୍ଦୁପତ୍ର ଶ୍ରମିକ ତଥା କର୍ମଚାରୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଦାବି ଗୁଡ଼ିକ ମଧ୍ୟରେ ବର୍ତ୍ତମାନର ସରକାର ବନ୍ଦ କରିଥିବା ସକାଶେ କନ୍ୟା ବିବାହ ସହାୟତାର ପୁନଃପ୍ରଚଳନ, ସର୍ବନିମ୍ନ ମଜୁରୀ ବୃଦ୍ଧି ଅନୁପାତରେ ଋତୁକାଳୀନ କର୍ମଚାରୀଙ୍କ ଦରମା ବୃଦ୍ଧି, କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣକୁ ପ୍ରୋତ୍ସାହନ ନ ଦେବା, ପତ୍ର ଦର ବୃଦ୍ଧି କରିବା, ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ପାଇଁ ବଜେଟରୁ ୨୦୦ କୋଟି ଟଙ୍କା ପ୍ରଦାନ ଏବଂ ବଜେଟ ମଞ୍ଜୁରୀ ଲାଭ ହୋଇଥିବା ସ୍ଥଳେ ବଜେଟ୍‌ରେ ୫୦ କୋଟି ଟଙ୍କା କଟିଯାଇଥିବା କେନ୍ଦୁପତ୍ର ସଂସ୍ଥାକୁ ହସ୍ତାନ୍ତର କରିବା ଏବଂ ସାମାଜିକ ନିରାପତ୍ତା ମୂଳକ କାର୍ଯ୍ୟକ୍ରମ ବାବଦରେ ଅର୍ଥ ହିତାଧିକାରୀ ମାନଙ୍କୁ ଅର୍ଥ ବଣ୍ଟନ କରିବା ଆଦି ରହିଛି। ଏନେଇ ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ସଂଘର କର୍ମକର୍ତ୍ତାମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ସବୁ ବିଷୟରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଘର ଉପସଭାପତି ଗୋକୁଳ ମେହେର, ସଂଘର ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୃତ୍ତୁଜା, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ପ୍ରସାଦ ନାୟକ, ଯୁଗ୍ମ ସମ୍ପାଦକ ଉଦିତ ତ୍ରିପାଠୀ, ତରୁଣ ସାହୁ, ସଭା ପ୍ରଧାନ, ମିଳନ ପଲେଇ, ମିଳନ ହତା, ଦେବଜ୍ୟୋତି ପଟ୍ଟନାୟକ, ସୁମିତ ପଟେଲ, ଚୁମନ ପ୍ରଧାନ, ଆକାଶ ଦେବତା, ରମେଶ ମାହାର, ଅନାଦି ମିର୍ଦ୍ଧା, ଜିତେନ୍ଦ୍ର ଷଣ୍ଢ, ପ୍ରମୋଦ ସାହୁ, ରାଜେଶ ରାଉଳ, ସତ୍ୟବାଦୀ ପ୍ରଧାନ, ରଶ୍ମିତା ମାଝୀ, ରମେଶ ପ୍ରଧାନ, ତିଲୋରମ ମାଝୀ, ବାସନ୍ତୀ ମିର୍ଦ୍ଧା, ଗୋଲରିଆ କେରକେଟା ପ୍ରମୁଖଙ୍କ ସହିତ ବହୁ ତୋଳାଳୀ ଓ କର୍ମଚାରୀ ଉପସ୍ଥିତ ଥିଲେ।




# ଜୁନ ୮ ରେ ଜାତୀୟସ୍ତରୀୟ ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରତିଯୋଗିତା

**ସମ୍ବଲପୁର, ୨୪।୫ (ସମିସ):** ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସିଟି ପକ୍ଷରୁ ସମ୍ବଲପୁରରେ ପ୍ରଥମଥର ପାଇଁ ଜୁନ ୮ ତାରିଖରେ ଜାତୀୟସ୍ତରୀୟ ଶାସ୍ତ୍ରୀୟ ଓ ଲୋକନୃତ୍ୟ ସ୍ପର୍ଦ୍ଧା ପ୍ରତିଯୋଗିତା 'ଷ୍ଟେପ୍ ଅପ୍ ୨୦୨୫' ଆୟୋଜନ କରାଯିବ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରେକ୍ଷାଳୟରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ସାରା ଭାରତରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଚଳିତବର୍ଷ ଗୋଟିଏ ଦିନର କାର୍ଯ୍ୟକ୍ରମ ହେଉଥିବାରୁ ପ୍ରତିଯୋଗୀ ସଂଖ୍ୟା ୨୩୦ରେ ସୀମିତ କରାଯାଇଛି। ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସିଟି ପକ୍ଷରୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯାଉଛି। ପଞ୍ଜିକୃତ ହେବାପରେ ରୋଟାରୀ କ୍ଲବ ପକ୍ଷରୁ ସେମାନଙ୍କୁ ଯୋଗାଯୋଗ କରାଯାଉଛି। ପ୍ରତି ପ୍ରତିଯୋଗୀଙ୍କୁ ୬ ମିନିଟ୍‌ର ସମୟ ଦିଆଯିବ। ଚାରୋଟି ବୟସ ବର୍ଗରେ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀଙ୍କୁ ପୁରସ୍କୃତ କରାଯିବାସହ ସମସ୍ତ ପ୍ରତିଭାଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ। ଏଥିପାଇଁ ଶାସ୍ତ୍ରୀୟ ନୃତ୍ୟ ଓ ଲୋକନୃତ୍ୟରେ ବିଶାରଦ ବିଚାରକ ଚୟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦେଶରେ ସାଂସ୍କୃତିକ ବିପ୍ଳବ ଆଣିବାସହ ଭାରତର ସଂସ୍କୃତିକୁ ଆନ୍ତର୍ଜାତିକସ୍ତରକୁ ନେଇପାରିବ ବୋଲି କର୍ମକର୍ତ୍ତାମାନେ ଆଶାପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ସିଟିର ସଭାପତି ହେମନ୍ତ କୁମାର ପାଣିଗ୍ରାହୀ, ପ୍ରକଳ୍ପ ଚେୟାରମ୍ୟାନ ଜତିନ୍ଦର୍ ଶର୍ମା, ପ୍ରକଳ୍ପ କୋ-ଚେୟାରମ୍ୟାନ ଲଳିତ ରୋହିଦାସ, ମିଡିଆ ସଂଯୋଜକ ସୂର୍ଯ୍ୟ ଗୁରୁ ପ୍ରମୁଖ ମଞ୍ଚାସୀନ ଥିଲେ।

ଶାସ୍ତ୍ରୀୟ ଓ ଲୋକନୃତ୍ୟକୁ ଜାତୀୟସ୍ତରୀୟ ପ୍ରତିଯୋଗିତା ମାନଙ୍କରେ ମଞ୍ଚ ମିଳୁନଥିବାବେଳେ ବର୍ଷ ବର୍ଷ ଧରି ଅଧବସାୟ କରିଥିଲେ ସୁଦ୍ଧା ସେମାନଙ୍କୁ ପୁରସ୍କାର ମିଳୁନାହିଁ। ପଶ୍ଚିମ ନୃତ୍ୟ ଶିଳ୍ପୀମାନେ ବିଶେଷକରି ପୁରସ୍କୃତ ହେଉଛନ୍ତି। ଏଣୁ ରୋଟାରୀ କ୍ଲବ ପକ୍ଷରୁ ଶାସ୍ତ୍ରୀୟ ଓ ଲୋକନୃତ୍ୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ପ୍ରକଳ୍ପ ଚେୟାରମ୍ୟାନ ଜତିନ୍ଦର୍ ଶର୍ମା କହିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଶାସ୍ତ୍ରୀୟ ଓ ଲୋକନୃତ୍ୟ ଶିଳ୍ପୀଙ୍କ ସଂଖ୍ୟାରେ ବୃଦ୍ଧି ପାଇବାସହ ପ୍ରଶିକ୍ଷକମାନେ ମଧ୍ୟ ସୃଷ୍ଟି ହେବେ। ଫଳରେ ତିନିବର୍ଷ ମଧ୍ୟରେ ସମ୍ବଲପୁରରେ ସାରାଦେଶର ବ ହଜାରରୁ ଊର୍ଦ୍ଧ୍ୱ ଶାସ୍ତ୍ରୀୟ ଓ ଲୋକନୃତ୍ୟ ଶିଳ୍ପୀ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି।









### ଉଦ୍‌ଘାଟିତ ହେଲା ଗାଁ ଆମ୍ବ ପସରା

# ଦୁବାଇ ଓ ଇଂଲଣ୍ଡ ଗଲା ସମ୍ବଲପୁରର ଆମ୍ବ

**ସମ୍ବଲପୁର, ୨୪।୫(ସମିସ)**

ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଉଦ୍ୟାନ ନିର୍ଦ୍ଦେଶାଳୟର ସାଧନ ଏବଂ ପ୍ରୋତ୍ସାହନରେ ସମ୍ବଲପୁର ଜିଲ୍ଲାର ଦ୍ୱାରା ଆମ୍ବର ରପ୍ତାନୀ ଏବେ ଦୁବାଇ ଓ ଇଂଲଣ୍ଡକୁ ଆରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଜେଲ ଛକ ଠାରେ ଜିଲ୍ଲା ପ୍ରଶାସନ ଏବଂ ଓରମାସ ପକ୍ଷରୁ ଆୟୋଜିତ ଆମ୍ବ ପସରା ପ୍ରଦର୍ଶନୀ ବୁଲିବା ସହ ଆମ୍ବ ରପ୍ତାନୀ ଗାଡ଼ିର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରରେ ଉତ୍ପାଦିତ ହେଉଥିବା ଆମ୍ରପଲ୍ଲୀ, ମଲ୍ଲିକା, ଲେଙ୍ଗଡ଼ା ଓ ବାଇଗଣପଲ୍ଲୀ ଭଳି ବିଭିନ୍ନ ରକମର ସୁସ୍ୱାଦୁ ଆମ୍ବ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ସହଯୋଗରେ ଦୁବାଇ ଓ ଇଂଲଣ୍ଡ ଭଳି ରାଷ୍ଟ୍ରକୁ ରପ୍ତାନୀ ହେଉଛି, ଯାହା ପ୍ରଶଂସନୀୟ ଉଦ୍ୟମ । କୃଷକ ଉତ୍ପାଦ ସଂଗଠନ ଏବଂ ଆମ୍ବ ଚାଷୀମାନଙ୍କ ଦ୍ୱାରା ଭଲ ଆମ୍ବ ଉତ୍ପାଦନ ହେଉଛି । ଆମ୍ବ ସମେତ ସମ୍ବଲପୁରର ଧାନ, ଲଙ୍କା, ଫଳ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନକୁ ପ୍ରୋତ୍ସାହନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏକ ବିସ୍ତୃତ ଯୋଜନା କରୁଛି । ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜଭୂତ୍ କରିବାକୁ ହେଲେ ଏ ସବୁ ଦିଗକୁ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି ।


ସୂଚନା ଅନୁଯାୟୀ ୨୫ କ୍ୱିଣ୍ଟାଲ ଆମ୍ବ ଇଂଲଣ୍ଡ, ୧୦ କ୍ୱିଣ୍ଟାଲ ଆମ୍ବ ଦୁବାଇ ରପ୍ତାନୀ କରାଯାଇଛି। କାର୍ଯ୍ୟକ୍ରମର ମୁଖ୍ୟଅତିଥି ଭାବେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ରାଜସ୍ୱ ବିଭାଗୀୟ ଆୟୁକ୍ତ, ଉତ୍ତରାଞ୍ଚଳ ବିଭାଗ, ସମ୍ବଲପୁର ସଚିନ୍ ରାମଚନ୍ଦ୍ର ଜାଧବ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦଭୂଷଣ ପ୍ରମୁଖ ଉପସ୍ଥିତ ରହି ଏହି ରପ୍ତାନି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

ସମ୍ବଲପୁର ଜେଲ ଛକସ୍ଥିତ ଆହାର କେନ୍ଦ୍ର ପରିସରରେ ଓରମାସ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଗାଁ ଆମ୍ବ ପସରା ପର୍ବର ଆୟୋଜନ ହୋଇଛି। ୧୮ ଟି ଷ୍ଟଲ ଖୋଲାଯାଇଥିଲା, ଯେଉଁଥିରେ ୩୬ ଜଣ କୃଷକ ଭାଗ ନେଇଥିଲେ। ଏହି ଷ୍ଟଲ ଗୁଡିକରେ ଜମନକିରା, ନାକଟିଦେଉଳ, ଯୁଯୁମୁରା, ଧନକଉଡା, ରେଙ୍ଗାଲି, ରେଢାଖୋଲ, କୁଚିଣ୍ଡା ମାନେଶ୍ୱର ଆଦି ଅଞ୍ଚଳରୁ ଆସିଥିବା ପ୍ରାୟ ୧୯ ପ୍ରକାରର ଆମ୍ବ ଯଥା:-ମିୟାଜାକି, ଆଲ୍‌ଫୋନ୍ସୋ, ଲେଙ୍ଗେଡା, ନୀଳାଚଳ କେଶରୀ, ଦସେରା, ବାଦାମ କେଶରୀ, ମଲ୍ଲିକା ଆମପାଲି, ତୋଟାପୁରି, ମହମ୍ମଦବାହାର, ଗୁଲାବ ଖାସ, ମାଲପୁଆ, ସିନ୍ଧୁ, ପ୍ରଭାଶଙ୍କର, ସୁନ୍ଦରୀ, ହେମସାଗର, ଫଜଲି, ରତନା, ବାଇଗଣପଲି ଆମ୍ବ ଆଦି ଆମ୍ବ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଶନିବାର ଠାରୁ ଆସନ୍ତା ଜୁନ ମାସ ୨ ପର୍ଯ୍ୟନ୍ତ ଆମ୍ବପସରା ପର୍ବ କରାଯିବ, ଯାହା ପ୍ରତ୍ୟକ ଦିନ ସକାଳ ୮ରୁ ସନ୍ଧ୍ୟା ୮ ଯାଏଁ ଖୋଲାରହିବ।



# ସୃଜନିକା







# କାଠ କଣ୍ଢେଇ

ମୂଳ ମାଲାୟାଲମ୍: କାରୁର ନୀଳକଣ୍ଠ ପିଲ୍ଲାଇ
ଅନୁସୃଜନ : ଲଳିତ ମୋହନ ମିଶ୍ର

ଘର ଅଗଣାରେ ପହଞ୍ଚି ଜନଗଣନାକାରୀ ଉଚ୍ଚ ସ୍ୱରରେ ପଚାରିଲେ, "କେହି ଘରେ ଅଛନ୍ତି କି?" ନଡ଼ିଆ ପତ୍ର ଛାଇର ବାରଣ୍ଡାରୁ ଜଣେ ମହିଳା ଆସିଲେ।

ହାତରେ ଧରିଥିବା କାଗଜକୁ ଦେଖି ଆଗନ୍ତୁକ ଜଣକ ପଚାରିଲେ, "ଆପ୍ଣିନି କାହାର ନାମ? ମୋତେ କୁହ, ଏଠାରେ କିଏ କିଏ ରୁହନ୍ତି?"

-ଏବେ ତ ମୁଁ ହିଁ ଜଣେ । ମା' ଚମ୍ପା ଫୁଲ କାଟିବାକୁ ଯାଇଛି । ଭାଇ ମୂଲ ଲାଗିବାକୁ ଯାଇଛି।

- ଆପ୍ଣିନି କାହାର ନାମ?

- ମା'ର ନାମ।

"ଓଃ , ଆପ୍ଣିନି ପୁରୁଷ ନୁହେଁ? ଜଣେ ମହିଳା?" କହି ହସିଲେ ।

- ମୁଁ ଓ ମୋ ମାଆ ମହିଳା... ମୋ ଭାଇ ପୁରୁଷ।

- ବାପା ନାହାଁନ୍ତି କି?

- ମରିଗଲା...

- ତେବେ ଅପ୍ଣିନି ଜଣେ ବିଧବା?

- ଏବେ ସେ ବିଧବା... ।

ଆଗନ୍ତୁକ ଜଣକ, ଛୋଟ ବାରଣ୍ଡାରେ ପଡ଼ିଥିବା ଏକ ବେଞ୍ଚ ଉପରେ ବସିଲେ। ତା'ପରେ ସେ ଦେଉଥିବା ତଥ୍ୟଗୁଡ଼ିକ ଲେଖିବା ଆରମ୍ଭ କଲେ।

- ତୋର ନାମ?

- ମୋର ନାଁ ନଳିନୀ । ସେ ସାମାନ୍ୟ ଲଜ୍ଜାରେ କହିଲା।

- ବୟସ?

- ତେଇଶି...

- ବିବାହିତା କି...?

ସେ ଟିକିଏ ବିଚଳିତ ହୋଇଗଲା କହିଲା, "ତେର ନମ୍ବର ମିଲ୍‌ବାଲା ଘରେ ଜନଗଣନା ହେଲା କି?"

ସେଠାକାର ଜନଗଣନା ଅନ୍ୟ ଜଣେ ବ୍ୟକ୍ତି କରିବ। ଏବେ ତୁମେ ମୋତେ କୁହ "ତୁମର ସ୍ୱାମୀ ଅଛି ନା ନାହିଁ?"

"ହଁ ଅବା ନାହିଁ... ଯାହା ତୁମକୁ ଭଲ ଲାଗିବ ଲେଖିବ।" ସେ ଆନମନା ଭାବରେ କହିଲା। "ମୁଁ ଏ ପର୍ଯ୍ୟନ୍ତ ବିବାହ କରିନାହିଁ, କେବଳ ନିର୍ବନ୍ଧଘର ବା ରିଂଗ ସେରିମନୀ ହୋଇଛି।"

-ତାହା ହେଲେ ଅବିବାହିତ ଲେଖିବାକୁ ପଡ଼ିବ।

"ବିବାହ ତ ହୋଇଛି...।" ଏହା କହି ମୁଣ୍ଡ କୁଣ୍ଡେଇବାକୁ ଲାଗିଲା...ତା' ମୁଣ୍ଡର ତୈଳବିହୀନ କେଶରାଶି ଖୋଲିଗଲା... ନିଜର ସୁନ୍ଦର ରୂପଲାବଣ୍ୟ...ମନ୍ତ୍ରମୁଗ୍ଧ କରି ଦେଇଥିଲା ସୁନ୍ଦର ପରିବେଶ।

- ମୋର ଜଣେ ସ୍ୱାମୀ ଅଛନ୍ତି... ଏବଂ ସେ ମୋର ନୁହଁନ୍ତି। ଛାଡ଼ି ଦେଇଛି ?

- ତା'ହେଲେ ତୁମେ ବିଉର୍ତ୍ତୁକା ଅଥବା ପତିବିହୀନା...?

- ଯଦି ସେ ମୋତେ ଛାଡ଼ି ଦେଇଛନ୍ତି, ତେବେ ସେ ପ୍ରତି ସପ୍ତାହରେ ମୋ ପାଖକୁ କାହିଁକି ତାଙ୍କର ଦୂତ ପଠାଉଛନ୍ତି?

- ତୁମେ ତାକୁ ଛାଡ଼ି ଦେଇଥିବ...?

- ମୁଁ ତ ତାକୁ ଗ୍ରହଣ କରି ନଥିଲି, ଆଉ ଛାଡ଼ିବାର ପ୍ରଶ୍ନ କେଉଁଠୁ ଆସିଲା ? ଆପଣଙ୍କୁ ଯାହା ଭଲ ଲାଗୁଛି... ତାହା ଲେଖନ୍ତୁ। ତୁମକୁ ତ ସବୁକଥା ଜଣା...ତୁମେ ଅନୁଭବି।

- ମୁଁ ତୁମର ସ୍ୱାମୀଙ୍କ ବିଷୟରେ କ'ଣ ଜାଣେ? ତୁମେ ଯାହା କହିବ, ମୁଁ ତାହା ଲେଖିବି । ସ୍ୱାମୀ ଅଛନ୍ତି, ଲେଖି ଦେବି?

- ହଁ, ଏହା ଭଲ ହେବ ।

- ଏହି ରେଜିଷ୍ଟର ଭଲ ଓ ଖରାପ ଲେଖିବା ପାଇଁ ନୁହେଁ। ଯାହା ସତ୍ୟ ତାହା ଲେଖିବା ଦରକାର ।

- ମୁଁ ଯାହା କହିଲି, ତାହା ସତ୍ୟ।

- ଆଚ୍ଛା, ମୋତେ କୁହ ! ତୁମର ମାସିକ ରୋଜଗାର କେତେ?

- ମୁଁ କୌଣସି କାମ କରେ ନାହିଁ।

- ତେବେ ଆୟ ନାହିଁ...ପରାବଲମ୍ବୀ...

- ଏକଥା କିଏ କହିଲା?

- ଯେଉଁ ବ୍ୟକ୍ତିଙ୍କର ରୋଜଗାର ନାହିଁ, ସେ ଅନ୍ୟର ଆୟ ଉପରେ ବଞ୍ଚିବାକୁ ପଡ଼ିଥାଏ । ଆପଣଙ୍କର କୌଣସି ରୋଜଗାର ନାହିଁ।

- ଖାଇବା ଓ ପିନ୍ଧିବା ପାଇଁ ଟଙ୍କା ଦରକାର । ସେ ଦେବାବାଲା ମା' ହୁଅନ୍ତୁ କି ଭାଇ, ତାଙ୍କର ଆଶ୍ରୟରେ ରହୁଅଛି? ଠିକ୍ କଥା ନା...? ଆପଣ କୋର୍ଟରେ ପ୍ରଶ୍ନ ପଚାରିଲା ଭଳି ପ୍ରଶ୍ନ କରୁଛନ୍ତି?

- ତୁମକୁ କେବେ କୋର୍ଟରେ ପଚରାଉଚରା କରାଯାଇଥିଲା କି?

- ସେହି ବଦମାସ୍ ମଧ୍ୟ ତାହା କରିଥିଲା ।

- ପତି...? କ'ଣ, ସେ ତୁମର ସ୍ୱାମୀ!

- ମୋର ସ୍ୱାମୀ ନାହାଁନ୍ତି ବୋଲି ଲେଖି ଦିଅନ୍ତୁ। ଯଦି ତୁମେ ଚାହୁଁଛ, ତାଙ୍କ ପାଇଁ ମୁଁ ତୁମକୁ ଏକ ଉପହାର ଦେବି ।

- ତୁମର କିଛି ରୋଜଗାର ନାହିଁ...ନା...?

- ମୋର ରୋଜଗାର ଅଛି । ମୁଁ ପରାଶ୍ରୟରେ ବଞ୍ଚୁ ନଥିଲି । ମୋର ମାସିକ ରୋଜଗାର ପନ୍ଦର ଟଙ୍କା।

- ଠିକ୍ ଅଛି । ତା'ହେଲେ ତୁମର ମଧ୍ୟ ଏକ ବୃତ୍ତି ଅଛି, ତାହା ମୋତେ କୁହ?

- ଭଲ କଥା... ! ଏଇ ସରକାରକୁ କ'ଣ... କ'ଣ...ଜାଣିବା ଦରକାର ? ଗୋଟିଏ ବୃତ୍ତି ନୁହଁ, ଅନେକ ବୃତ୍ତି ରହିଛି...। ସେସବୁ କହିଦେବି...। ଲେଖିବା ପାଇଁ କାଗଜରେ ଜାଗା ଅଛି ତ...। ମୁଁ ଏହି ଘରେ ରୋଷେଇ କରୁଅଛି। ମୁଁ ଏହି ବାରଣ୍ଡାକୁ ଲିପା ପୋଛା କରିଅଛି। ଭଲ ଭାବରେ ଲିପା ପୋଛା କରିଅଛି। କେମିତି ଦର୍ପଣ ଭଳି ଚମକୁ ଅଛି? ମୋର ସ୍ୱାମୀ...ଓହୋ...! ସେ ତ ମୋର କିଏ ନୁହେଁ ! ସେ କହୁଥିଲେ, ମୋର ଗାଲ ଦର୍ପଣ ଆଗରେ ଚମକୁ ଅଛି, ତେଣୁ ଏହି ବାରଣ୍ଡାଟି ମୋର ଗାଲ ପରି।

ସେ ହସିଲେ, ଯେମିତି ସେ କିଛି ମଜାଳିଆ କଥା କହିଲେ ।

-ମୁଁ ଆପଣଙ୍କ ବୃତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଯାହା ତୁମକୁ କିଛି ରୋଜଗାର ଦେଇଥାଏ।

- ଯଦି ରୋଜଗାର ବୃତ୍ତି ନୁହେଁ, ତେବେ ଆପଣ କିଛି କାମ ଦେବେ କି?

ବ୍ୟକ୍ତି ଜଣକ ଚାରିଆଡ଼କୁ ଚାହିଁଲା। ସେ କହିଲା, "ଯଦି କେହି ଘରକୁ ଆସନ୍ତି, ଶିଷ୍ଟାଚାର ପାଳନ କରିବା ଉଚିତ୍, ନୁହେଁ କି? ଲାଗୁଛି ଆପଣ ପାନ ଖାଇବା ଲୋକ।" ଏତିକି କହି ସେ କୋଠରି ଭିତରକୁ ଚାଲିଯାଇଥିଲା। କିଛି ସମୟ ପରେ ସେ ପାନ ଗୁଆ ଇତ୍ୟାଦି ନେଇ ଆସିଲା । ବ୍ୟକ୍ତି ଜଣକ ପାନ ଖାଇବାକୁ ଲାଗିଲା। ଏହା ହିଁ ପରେ ସେ ପୁଣି କୋଠରି ଭିତରକୁ ଯାଇ ତିନୋଟି କଣ୍ଢେଇ ଆଣି କହିଲା, "ଏହା ମୋର ବୃତ୍ତି । ଗୋଟିଏ କଣ୍ଢେଇ ତିଆରି କରିବାକୁ ମୋ ପାଇଁ ଗୋଟିଏ ଦିନ ଯଥେଷ୍ଟ।"

ଲୋକଟି କଣ୍ଢେଇ ଦେଖିଲା । ଏକ ବିଶେଷ ଶୈଳୀରେ ନିର୍ମିତ ସ୍ତ୍ରୀ ମୂର୍ତ୍ତି। ଲୋକଟି ଆଖି ବନ୍ଦ ନକରି ମୂର୍ତ୍ତିକୁ ଚାହିଁ ରହିଲା। ତା'ପରେ କହିଲା, ଚମତ୍କାର... । ଚାରିଜଣ ଯାକ ଏକାପରି...!

ସେ କହିଲା, "ତିନି ଦେଖିକରି ଚାରି ପରି ଲାଗିବା...ଅଦ୍ଭୁତ...ଆଶ୍ଚର୍ଯ୍ୟଜନକ।" ବ୍ୟକ୍ତି ଜଣକ କିଛି ଉତ୍ତର ଦେଲା ନାହିଁ।

-ଏଗୁଡ଼ିକ ଅତି ନିଖୁଣ ଭାବରେ ତିଆରି କରାଯାଇଛି? ଛାଞ୍ଚରେ ନୁହେଁ ତ... ଆମେ ଛାଞ୍ଚରେ କରିବୁ ନାହିଁ।

ତା'ହେଲେ ନିଶ୍ଚୟ ଏହାକୁ ଖୋଦେଇ କରି କରା ଯାଇଥିବ। ସମୁଦ୍ର ମନ୍ଥନରୁ ବାହାରି ଥିବା କ୍ଷୀରସାଗର ଲକ୍ଷ୍ମୀଙ୍କ ପରି ଦେଖାଯାଉଛନ୍ତି।

-ମୁଁ କ୍ଷୀରସାଗର ମନ୍ଥନରେ ଭାଗ ନେଇନଥିଲି। ସେଥିପାଇଁ ମୁଁ ଲକ୍ଷ୍ମୀଙ୍କୁ ଦେଖିନାହିଁ। ମୁଁ ତୁମକୁ ମୋର ବୃତ୍ତି ଦେଖାଇଥିଲି, ଏତିକି । ବାସ୍ତବରେ, ତୁମେ ତିନି ଜଣଙ୍କୁ ଦେଖି ଚାରି ଜଣ କାହିଁକି କହିଲ?

ଜଡ଼ ମୂର୍ତ୍ତି ତିନୋଟି, କିନ୍ତୁ ଏହାକୁ ସୃଷ୍ଟି କରିଥିବା ଚେତନ ଏକ। ଏହିପରି ସମୁଦାୟ ଚାରୋଟି। ଆଶ୍ଚର୍ଯ୍ୟର କଥା ହେଉଛି, ଚାରିଜଣ ଯାକ ସମାନ। ଅର୍ଥାତ୍ ଚେତନ ମଧ୍ୟ ଜଡ଼ ପରି ଜଣାପଡୁଛି। ଏହା ନା..., ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହା ତ ମୋର ଭାଗ୍ୟ । ତା'ର ଆଖି ଛଳଛଳ ହୋଇଗଲା। ଏହାପରେ ସେ କୋଠରି ଭିତରକୁ ଚାଲିଗଲା । ■

ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

# ପୁସ୍ତକ ପରିଚୟ

## ତାରଜାଲି ଓ ଅନ୍ୟାନ୍ୟ ଗଳ୍ପ

### ଶକ୍ତିପ୍ରଭା ମିଶ୍ର




ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୪
ମୂଲ୍ୟ: ୧୭୯ ଟଙ୍କା

ସାଧାରଣ କଥାଟିଏ ମଧ୍ୟ କହି ଜାଣିଲେ ସୁନ୍ଦର ଗପଟି ହୋଇଯାଏ। ସମାଜର ସାଧାରଣ ମଣିଷଟିଏ ପାଲଟି ଯାଏ ଗପର ଚରିତ୍ରଟିଏ। ଏମିତି କିଛି ସାଧାରଣ ଚରିତ୍ର ଶକ୍ତିପ୍ରଭା ମିଶ୍ରଙ୍କ 'ତାରଜାଲି ଓ ଅନ୍ୟାନ୍ୟ ଗପ' ପୁସ୍ତକର ଗପଗୁଡ଼ିକରେ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି। ଏହି ପୁସ୍ତକରେ ୧୯ଟି ଗପ ସଂକଳିତ ହୋଇଛି। ଏଥିରେ ସନ୍ନିବେଶିତ 'ଜହ୍ନରାତି', 'କଳ୍ପବଟ', 'ତାରଜାଲି', 'ଝିଅ ପାଇଁ', 'ଧୂଳିଖେଳ', 'ଶଙ୍ଖା ସିନ୍ଦୂର', 'ଚେନାଏ ଆକାଶ', 'ଏକାକୀ ମଣିଷ', 'ରାତିର ଆୟୁଷ', 'ସେଇ ଝିଅଟି', 'ଏମିତି ରାତି', 'ଧକ୍କା', 'ରାଧୁବାପା', 'ମିଶା ମିଶ୍ର', 'ଗୋଲାପଜାମୁ'ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ଜହ୍ନ ଓ ଜହ୍ନରାତି କାହାକୁ ବା ଭଲ ନ ଲାଗେ! କିନ୍ତୁ ଏହି ଜହ୍ନ ଦିନେ କାହାର ସଂସାରକୁ ଉଜୁଡ଼ା ଦିଏ। ତେଣୁ ଜହ୍ନ ନାଁ ଶୁଣିଲେ, ପୁନେଇଁ ଜହ୍ନକୁ ଦେଖିଲେ ଜଣେ ନାରୀ ଦେହରେ କାଳେଣୀ ଲାଗିଯାଏ। ଏଭଳି ଏକ ନିଆରା କଥାକୁ ନେଇ 'ଜହ୍ନରାତି' ଗପର କାହାଣୀ ଗତିଶୀଳ ହୋଇଛି। ସେଭଳି ବିଶ୍ୱାସ ଉପରେ ସଂପର୍କର ମୂଳଦୁଆ ଛିଡ଼ା ହୋଇଥାଏ। କିନ୍ତୁ ବେଳେବେଳେ ଅନୈତିକ ସଂପର୍କ ଏଇ ବିଶ୍ୱାସକୁ ଭାଙ୍ଗି ଦେଇଥାଏ। 'ଗୋଲାପଜାମୁ' ଗପରେ ସୁମିତ୍ରାଙ୍କ ବିଶ୍ୱାସ କିଭଳି ଭାଙ୍ଗି ଯାଉଛି, ତାହା ଗାଳ୍ପିକା ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ସାମାଜିକ ବାସ୍ତବତା, ମାନବୀୟ ସଂପର୍କର ଚିତ୍ର ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।■

## ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା

### ଶାନ୍ତନୁ କୁମାର ଦାସ




କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍ ରୋଡ୍
ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ : ୨୦୨୨
ମୂଲ୍ୟ: ୨୦୦ ଟଙ୍କା

"ମରିନାହିଁ ପ୍ରିୟତମା/ ଏ ମନରୁ ତୁମସ୍ମୃତି/ ଏ ଦେହରୁ ତୁମ ଧୂପ/ ଏ ଆଖିରୁ ନିଭି ନାହିଁ/ ତମରି ସପନ/ ମରିନାହିଁ ପ୍ରିୟତମା/ ରୂପର ପୂଜାରୀ ତବ/ ଏବେ ବି ଶ୍ୟାମ ମନେ/ ବିନ୍ଦୁ ବିନ୍ଦୁ ପାପ ପ୍ରଲୋଭନ।" (ମରି ନାହିଁ ପ୍ରିୟତମା) ଭୁଲି ହୁଏ ନାହିଁ କେବେ ପ୍ରିୟତମା ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତ। ସେ ମୁହୂର୍ତ୍ତ ସବୁ ଅଭୁଲା, ଅପାସୋରା। ପ୍ରିୟ ବାନ୍ଧବୀ ସହିତ ବିତାଇ ଥିବା ଏଭଳି କିଛି ଅଭୁଲା ସ୍ମୃତିର ପ୍ରତିଛବି ପ୍ରତିଫଳିତ ହୋଇଛି ଶାନ୍ତନୁ କୁମାର ଦାସଙ୍କ 'ପ୍ରିୟତମା ଓ ଅନ୍ୟାନ୍ୟ କବିତା' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସନ୍ନିବେଶିତ 'ପ୍ରିୟ ବାନ୍ଧବୀ', , 'ପ୍ରିୟ ବାନ୍ଧବୀ: ତମ ସହ ସାକ୍ଷାତ', 'ପ୍ରିୟ ବାନ୍ଧବୀ: ତୁମ ପ୍ରେମିକମାନେ', 'ପ୍ରିୟ ବାନ୍ଧବୀ: ତମ ଗାଁ', 'ପ୍ରିୟ ବାନ୍ଧବୀ: ତୁମ ଗାଁ ଜହ୍ନରାତି', 'ପ୍ରିୟ ବାନ୍ଧବୀ: ତମେ ଏକ ଅଭୁଲା ସ୍ମୃତି', 'ମରି ନାହିଁ ପ୍ରିୟତମା', 'ପ୍ରିୟ ସଖୀ', 'ବିରହୀ', 'ଆଗୋ ମଧୁଝରା', 'ପ୍ରଥମ ଚୁମ୍ବନ' ଆଦି କବିତାଗୁଡ଼ିକ ପ୍ରେମ, ପ୍ରଣୟ, ବିରହ, ସ୍ମୃତି, ଅନୁଭୂତି ଛଳଛଳ ଆବେଗରେ ସିକ୍ତ ହୋଇଛି। ପ୍ରିୟ ବାନ୍ଧବୀଙ୍କ ସ୍ମୃତି କବିଙ୍କୁ ମୋହାଚ୍ଛନ୍ନ କରିଛି। ପ୍ରଣୟ ବିଭୋର କବିଙ୍କ କବିତାରେ ପ୍ରେମ, ବିରହ, ସ୍ୱପ୍ନ ଓ ସ୍ମୃତି ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି। ଏହି ପୁସ୍ତକର ଅଧିକାଂଶ କବିତା ପ୍ରେମ ଆଧାରିତ। ନିବିଡ଼ ପ୍ରଣୟାନୁଭବରେ ରସସିକ୍ତ ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ।■


## ସ୍ରୋତସ୍ୱିନୀ

### କଲ୍ୟାଣୀ ସାସମଲ୍



ବନଫୁଲ, ଭିଏସ୍ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ପ୍ରଥମ ପ୍ରକାଶନ : ୨୦୨୫
ମୂଲ୍ୟ: ୧୭୫ ଟଙ୍କା

କଲ୍ୟାଣୀ ସାସମଲ୍‌ଙ୍କ କବିତା ପୁସ୍ତକ 'ସ୍ରୋତସ୍ୱିନୀ' ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୬୭ଟି କବିତା ସଂକଳିତ ହୋଇଛି। ପ୍ରତିଟି କବିତାର ଆବେଦନ ଭିନ୍ନ ଭିନ୍ନ। ସବୁ ବାଧାବିଘ୍ନକୁ ଅତିକ୍ରମ କରି ପ୍ରବାହିତ ହେବା ନଈର ଧର୍ମ। ସେହିପରି ମଣିଷ ମଧ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ଘାତପ୍ରତିଘାତକୁ ସାମ୍ନା କରି ସୁଖଦୁଃଖରେ ଜୀବନ ଅତିବାହିତ କରିଥାଏ। ଜୀବନର ଏଭଳି ବାସ୍ତବତାର ଚିତ୍ର କଲ୍ୟାଣୀ ସାସମଲ୍‌ଙ୍କ 'ସ୍ରୋତସ୍ୱିନୀ' ପୁସ୍ତକର କବିତାରେ ଚମତ୍କାର ଭାବେ ଉକୁଟି ଉଠିଛି। ଏହି ପୁସ୍ତକର 'ଜୀବନ', 'ଜୀବନ୍ତ ଶବ୍ଦପୁଞ୍ଜ', 'ଅପେକ୍ଷାରତ ଜୀବନ', 'ପ୍ରତିଛବି', 'ଅନ୍ୱେଷଣ', 'ଅବ୍ୟକ୍ତ ଆଲେଖ୍ୟ', 'ସ୍ୱପ୍ନ', 'ପ୍ରକୃତିର କୋଳ', 'କଥାକୁହା ଛବି', 'ଆମ ଜୀବନ', 'ଅସଜଡ଼ା ପୃଥିବୀ', 'ଜୀବନ ସ୍ରୋତ','ସ୍ରୋତସ୍ୱିନୀ' ଆଦି କବିତାଗୁଡ଼ିକରେ ଜୀବନର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି। ଜୀବନର ନାନା ଦୁଃଖ,ଯନ୍ତ୍ରଣା, ହର୍ଷ, ବିଷାଦ, ଦ୍ୱନ୍ଦ୍ୱ, ସଂଘାତର କଥା ବର୍ଣ୍ଣିତ ହୋଇଛି ଅନେକ କବିତାରେ। ସେହିପରି 'ପରିବାର', 'ମା', 'ତୁମେ ମୋ ସାଥିରେ ଅଛ', 'ବାପା', 'ବୋହୂ' ଆଦି କବିତାରେ ମାନବୀୟ ସମ୍ବନ୍ଧ ଓ ଭାବାବେଗ ପ୍ରସ୍ଫୁଟିତ ହୋଇଛି। ସେଭଳି 'କରାଳ ବେଦନା', 'ପ୍ରତାରଣା', 'ମାୟାବନ୍ଧନ', 'ଗୋଧୂଳି ଲଗ୍ନ', 'ମୋକ୍ଷ', 'ଭୁଲ୍ କାହାର', 'ସ୍ୱାଭିମାନ', 'ମଧୁରତମ ଶବ୍ଦ' ଆଦି କବିତା ମନଛୁଆଁ ହୋଇପାରିଛି। ସରଳ ଓ ବୋଧଗମ୍ୟ ଭାଷା, ନିବିଡ଼ ଅନୁଭବ କବିତାଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।■



ମୂଳ କବିତା : କେ. ସଚ୍ଚିଦାନନ୍ଦନ
ଅନୁବାଦ : ସୂର୍ଯ୍ୟ ମିଶ୍ର

## ଗୁଡ଼ି

ସେ ଦିନ ଖୁବ୍ ଖରା ଥିଲା ଓ ବହୁଥିଲା ବି ପବନ
ତ ମୁଁ ଉଡ଼ାଇଦେଲି ଚାରିଟି ଗୁଡ଼ି।

ଲାଲ୍ ଗୁଡ଼ିଟି ଗଛ ଅଗରେ ପହଞ୍ଚି ଯାଇ
କଢ଼ ପାଲଟିଗଲା,
ଶାଗୁଆ ଗୁଡ଼ିଟି ଇନ୍ଦ୍ରଧନୁରୁ ଧୂଳି ଆଣି
ବର୍ଷା ହୋଇ ତଳକୁ ଖସିଲା
ନୀଳ ଗୁଡ଼ିଟି କାହିଁ କେତେ ଦୂର ଉଡ଼ିଲା
ଈଶ୍ୱରଙ୍କ ପତାକା ହେବାର ଆଶାରେ।

ମାତ୍ର ଧଳା ଗୁଡ଼ିଟିରେ
ସଇତାନ୍ ଗାରେଇଥିବା ଅକ୍ଷରଗୁଡ଼ିକ
ଚିହ୍ନିବା ଚେଷ୍ଟାରେ ମୁଁ
ବିତାଇ ଦେଲି ଅବଶିଷ୍ଟ ଜୀବନ। ■



## ତିନିଜଣ କବି



ପ୍ରତିଟି କବିତାରେ
ସବୁ କିଛି ସଂପନ୍ନ କରିବା ଚେଷ୍ଟା ହେତୁ
କେଉଁଥିରେ କିଛି ହିଁ କହିପାରିଲି ନାହିଁ।

ଆଜି ମୋର ଯାହା କହିବାକୁ ଥିଲା
ସେସବୁ ପରଦିନକୁ କହିବି ବୋଲି ଟାଳିଲି
ସେଦିନ କି ପରଦିନ ହିଁ
କହିପାରିଲି ନାହିଁ ସତକଥା।

ସବୁ ମଣିଷଙ୍କୁ ଦେଖି ହସିଲି,
ସେମାନଙ୍କୁ ପଶୁ କହିଲି,
ସେଥିପାଇଁ ମୁଁ ଏବେ ଉପହସିତ
ମଣିଷଙ୍କ ଦ୍ୱାରା, ପଶୁଙ୍କ ଦ୍ୱାରା।

ଆସନ୍ତାକାଲିର କବିମାନେ!
ଆମେମାନେ ଗତକାଲିର କବିମାନଙ୍କୁ
ଅନୁସରଣ କରି ଚାଲିଲୁ,
ସେପରି କରିବ ନାହିଁ ଆମକୁ। ■

ବି-୧୦୯, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର-୨

# ରିଚାର୍ଡ ବାଚ୍‌ଙ୍କ ଉପନ୍ୟାସରେ ଦାର୍ଶନିକ ଭାବ ସଂପଦ



ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ


ରିଚାର୍ଡ ଡେଭିଡ୍ ବାଚ୍ (ଜନ୍ମ ଜୁନ୍ ୨୩, ୧୯୩୬) ଜଣେ ସୁପ୍ରସିଦ୍ଧ ଆମେରିକୀୟ ଲେଖକ। ତାଙ୍କ ରଚିତ Illusion The Adventures of a Reluctant Messiah, The bridge across forever, One ପ୍ରଭୃତି ଉପନ୍ୟାସ ଗଭୀର ଦାର୍ଶନିକ ଭାବଧାରାର ସମୁଜ୍ଜ୍ୱଳ ପରିପ୍ରକାଶ । ତାଙ୍କର ବ୍ୟୋମ ଉଡ଼ାଣ ଭିତ୍ତିକ ଏକାଧିକ ଉପନ୍ୟାସ ବିଶ୍ୱବିଦିତ। ତନ୍ମଧ୍ୟରୁ 'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' (୧୯୭୦) ସବୁଠୁ ବେଶୀ ଲୋକପ୍ରିୟ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସଟି 'ମାକମିଲାନ ପବ୍ଲିଶର୍ସ' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇଲା ଏକାଧିକ ପ୍ରକାଶକଙ୍କ ଦ୍ୱାରା ଅଗ୍ରାହ୍ୟ ହେବାପରେ। ଏହା ପ୍ରଥମେ Soaring ନାମକ ଆମେରିକାର ଏକ ପତ୍ରିକାରେ ପ୍ରକାଶ ପାଇ ବିପୁଳ ଜନାଦୃତି ଲାଭ କରିଥିଲା। ବହିଟି ପ୍ରକାଶ ପାଇବା ସମୟରେ ଚିତ୍ରକର ରସେଲ୍ ମୁନାସନ୍ ସିଗଲ୍ ପକ୍ଷୀର ଅନେକ ଚିତ୍ତାକର୍ଷକ ଚିତ୍ର ଆଙ୍କିଥିଲେ। ଯାହା ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ସଂଯୋଜିତ। ପ୍ରାୟ ଦଶହଜାର ଶବ୍ଦ ବିଶିଷ୍ଟ ଏହି କ୍ଷୁଦ୍ର ଉପନ୍ୟାସଟି ପ୍ରକାଶ ପାଇବାର ଅଳ୍ପଦିନ ମଧ୍ୟରେ ଏକ ମିଲିୟନରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଥିଲା। ଏହା ତା'ର ଲୋକପ୍ରିୟତାର ନମୁନା। ବାଚ୍‌ଙ୍କ ଅଧିକାଂଶ ଉପନ୍ୟାସ ଆତ୍ମଜୀବନୀମୂଳକ ଏବଂ ଦାର୍ଶନିକ ଭାବ ସଂପଦରେ ପରିପୂର୍ଣ୍ଣ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ଚିତ୍ରକର ରସେଲ୍‌ଙ୍କ ଚିତ୍ରରେ ଜୋନାଥନ୍‌ର ଅସୀମ ଆକାଶରେ ଉଡ଼ାଣର ଦୃଶ୍ୟ ସଂଯୋଜିତ ହୋଇଛି। ଯେପରି ଭାବେ ରିଚାର୍ଡ ବାଚ୍ ତାଙ୍କର ଯାଦୁକରି ଶବ୍ଦ ବିନ୍ୟାସରେ ଜୋନାଥନ୍‌କୁ ଆଙ୍କିଛନ୍ତି। ଜୋନାଥନ୍‌ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଭରା ଉଡ଼ାଣ ରିଚାର୍ଡଙ୍କ ପ୍ରତିଟି ଶବ୍ଦ ଭିତରେ ଲାଭ କରିଛି ଦିବ୍ୟ ସୌନ୍ଦର୍ଯ୍ୟର ସ୍ନିଗ୍ଧ ଅଭିବ୍ୟକ୍ତି।

ବାସ୍ତବରେ ଏ କାହାଣୀ ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିଜ ସ୍ୱପ୍ନ ପଛରେ ଅନୁଧାବନ କରିପାରନ୍ତି। ଗତାନୁଗତିକ ଶୃଙ୍ଖଳା ବାହାରେ ଆପଣାର ନିଜସ୍ୱ ସ୍ୱପ୍ନ ପ୍ରଣୋଦିତ ନିୟମ ତିଆରି କରିପାରନ୍ତି ଓ ସେହି ଅନୁସାରେ ଆପଣା ମାର୍ଗରେ ବାଟ ଚାଲନ୍ତି। ସାରା ପୃଥିବୀରେ ଦଶନ୍ଧି ଦଶନ୍ଧି ବ୍ୟାପୀ ବହିଟି ନିୟୁତ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଛି ଏହି କାରଣରୁ।

ସବୁ ସିଗଲ୍‌ମାନଙ୍କ ଜୀବନ ଖୁବ୍ ସାଧାସିଧା – ଖାଇବା ଓ ବଞ୍ଚିରହିବା। ଯେଉଁଠି ଉଡ଼ିବାର ଲକ୍ଷ୍ୟ ଥାଏ ଖାଦ୍ୟ ସଂଗ୍ରହ। ଖାଦ୍ୟ ଅନ୍ୱେଷଣକୁ ବାଦ୍ ଦେଲେ ଉଡ଼ିବା ଯେପରି ସେମାନଙ୍କ ପାଇଁ ଅର୍ଥହୀନ। ମାତ୍ର ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍– ସେପରି ଏକ ସାଧାରଣ ସାମୁଦ୍ରିକ ପକ୍ଷୀ ନୁହେଁ। ତା' ପାଇଁ ଉଡ଼ିବା ହେଉଛି ଜୀବନ। (For him flying is life itself) ସିଗଲ୍‌ମାନଙ୍କ ସାଧାରଣ ଜୀବନ ଧାରାର ବୃତ୍ତ ଭିତରୁ ଜୋନାଥନ୍‌ର ଉଡ଼ାଣ ଏକ ଅସାଧାରଣ ସ୍ତର ଆଡ଼କୁ ଏବଂ ଏକ ଅନନ୍ୟ ଅଭୀପ୍‌ସା ଓ ଅସାଧାରଣ ଅନ୍ୱେଷାର ପ୍ରେମ ତା'ପାଇଁ ଆଣିଦେଇଛି ଯେଉଁ ସଫଳତା - ସ୍ୱପ୍ନର ସ୍ୱର୍ଗ ପଥରେ ଉଡ଼ି ବୁଲିବାର ନାନ୍ଦନିକ ପ୍ରେରଣା ଓ ଜିଜ୍ଞାସା ଫିଟାଇ ଦେଇଛି ତା' ଆଗରେ ଏକାଧିକ ସ୍ତରର ବାସ୍ତବତା –ଯାହା କି ସ୍ଥୂଳ ବାସ୍ତବତାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଲୌକିକ ସ୍ତର।





ଏଇ କାହାଣୀଟି ଆମ ଜୀବନକୁ ଏକ ଅସୀମ ଉଚ୍ଚତା ଆଡ଼କୁ ନେଇ ଯାଇପାରେ। ଆମ ଜୀବନରେ ଭରି ଦେଇପାରେ ବିରଳ ପ୍ରେରଣା। ଏପରିକି ଆମର ସ୍ୱପ୍ନ ସବୁ ଯଦି ଆମର ତଥାକଥିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯାଉଥାଏ - ଅଥଚ ଏକ ତୁଙ୍ଗିମାକୁ ସ୍ପର୍ଶ କରିବାର ମହତ ଅଭୀପ୍‌ସା ତହିଁ ଭିତରେ ଭରି ରହିଥାଏ। ଆମେ ତେବେ ଅଟକି ଯିବା ନାହିଁ। ଜୋନାଥନ୍ ଆମ ଆଗରେ ଏକ ଜ୍ୱଳନ୍ତ ଉଦାହରଣ।

ଉଡ଼ାଣର ମେଟାଫର୍ ଭିତରେ ଜୋନାଥନ୍‌ର କାହାଣୀ ଆମକୁ ଏଇଆ କହେ ଯେ, ଆମେ ଯଦି ଆମ ସ୍ୱପ୍ନମାନଙ୍କୁ ଧରିବା ପାଇଁ ବ୍ୟାକୁଳ ହେବା ଓ ପକ୍ଷ ବିସ୍ତାରିବା ତେବେ ଅବଶ୍ୟ ଆମେ ମଧ୍ୟ ଜୋନାଥନ୍ ପରି ସେଇଭଳି ଅଲୌକିକ ସ୍ତରକୁ ଯାଇପାରିବା। ମାତ୍ର ଆମ ଅଭୀପ୍‌ସା ଜୋନାଥନ୍ ପରି ତୀବ୍ର ହେବା ଆବଶ୍ୟକ।

ଜୋନାଥନ୍ ଆକାଶରେ ଉଡୁ ଉଡୁ ଏପରି ଏକ ଉଚ୍ଚତାକୁ ଉଠି ଯାଇଛି – ଯେଉଁଠି ସେ ଦେଖିପାରୁଛି ଭିନ୍ନ କେତୋଟି ସିଗଲ୍‌କୁ। ସେଇଭଳି ଦୁଇଟି ସିଗଲ୍ ପକ୍ଷୀ ଜୋନାଥନ୍‌କୁ ସେହି ଅସୀମ ଉଚ୍ଚତାର ସ୍ତରକୁ ସ୍ୱାଗତ କରି ନେଇଛନ୍ତି। ଜୋନାଥନ୍ ସେଇଠି ଅନୁଭବ କଲା – ଏଇଟା ତେବେ ସ୍ୱର୍ଗ! ନିଜକୁ ନିରେଖି ଚାହିଁ ସେ ସ୍ମିତ ହାସ୍ୟ କଲା। ସ୍ୱର୍ଗର ମୁହୂର୍ତ୍ତମାନଙ୍କୁ ଅନୁଭବ କରିବାରେ ସେ ଲାଗିପଡ଼ିଲା। କାହାଣୀର ଦ୍ୱିତୀୟ ଭାଗରେ ଜୋନାଥନ୍‌ର ଉଡ଼ାଣର ଏପରି ଏକ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି।

ଜୋନାଥନ୍ ଭୂପୃଷ୍ଠରୁ ଉଡ଼ି ଆସିଲାବେଳେ ମେଘମାଳାର ଊର୍ଦ୍ଧ୍ୱରେ ଏବଂ ଖୁବ୍ ଅନ୍ତରଙ୍ଗ ବାତାବରଣରେ ସେହି ଦୁଇ ବିଚକ୍ଷଣ ସିଗଲ୍‌ଙ୍କ ସହ ତା'ର ସାକ୍ଷାତ ହେଲା ଏବଂ ସେହି ମୁହୂର୍ତ୍ତରେ ସେ ଦେଖିଲା ଯେ ତା'ର ନିଜର ଶରୀର ଆଲୁଆରେ ଉଛୁଳି ଉଠୁଛି ତାକୁ ସ୍ୱାଗତ କରି ନେଇଥିବା ସେହି ଦୁଇ ଅଲୌକିକ ସିଗଲ୍ ପକ୍ଷୀଙ୍କ ପରି। ସେହି ତରୁଣ ଜୋନାଥନ୍ ସିଗଲ୍ ସେଠାରେ ଥିଲା, ମାତ୍ର ତା'ର ଦୁଇ ସ୍ୱର୍ଣ୍ଣାଭ ଆଖିର ପଶ୍ଚାତରେ ତା'ର ଶରୀରର ଏକ ଆଲୋକିତ ରୂପାନ୍ତର ସମ୍ଭବ ହୋଇ ଯାଇଥିଲା।

ଜୋନାଥନ୍ ଅନୁଭବ କଲା, ପୃଥିବୀରେ ଯେଉଁଟା ଥିଲା ତା'ର ସବୁଠୁ ବେଶୀ ଦ୍ରୁତ ଉଡ଼ାଣ, ସେହି ଉଡ଼ାଣରୁ ଆହୁରି କେତେ ଅଧିକ ବେଗରେ ସେ ଉଡ଼ିପାରୁଥିଲା ଇଚ୍ଛା କଲାମାତ୍ରେ। ତା'ର ଦୁଇ ଡେଣାର ପର ସବୁ ସଫେଦ ଉଜ୍ଜ୍ୱଳ ହୋଇ ଚକ୍ ଚକ୍ କରୁଥିଲା ଓ ଭାରି ମାସୁମ ଲାଗୁଥିଲା। ତା'ର ସେହି ଡେଣା ଯୋଡ଼ିକ ରୁପା ରଙ୍ଗରେ ଯେପରି ଝଲସି ଉଠୁଥିଲା। ଜୋନାଥନ ଅନୁଭବ କଲା – ପୃଥିବୀ ଉପରେ ଉଡ଼ାଣର ଏକ ସୀମା ଥାଏ, ମାତ୍ର ସ୍ୱର୍ଗରେ ସେପରି ଉଡ଼ାଣର ସୀମା ନଥାଏ।

ସେଠି ସେହି ଆକାଶର ଏକ ଅଲୌକିକ ଇଲାକାରେ ମେଘଖଣ୍ଡକୁ ଡେଣାରେ ଆଡ଼େଇ ଦେଇ ତା'ର ସାଥୀ ପକ୍ଷୀଟି ଜୋନାଥନ୍‌କୁ କହିଲା – ହାପି ଲ୍ୟାଣ୍ଡିଙ୍ଗ ଜୋନାଥନ ଏବଂ କେଉଁଠି ସେ ପବନରେ ମିଳେଇ ଗଲା ତାହା ଜୋନାଥନ୍ ଜାଣିପାରିଲା ନାହିଁ। ସେଠି ସେ ଭିନ୍ନ ଆକାଶରେ ଏକ ସମୁଦ୍ର ଉପରେ ଉଡୁଥିଲା। ଜୋନାଥନ୍‌କୁ ଆଦୌ କ୍ଳାନ୍ତ ଲାଗୁନଥିଲା। କାରଣ ସେ ସ୍ତରଟି ଥିଲା କ୍ଳାନ୍ତିଠାରୁ ଊର୍ଦ୍ଧ୍ୱରେ। ଯନ୍ତ୍ରଣାଠୁ ଊର୍ଦ୍ଧ୍ୱରେ। ଜୋନାଥନ୍‌ର ଉଡ଼ାଣର ଏପରି ରୋମାଞ୍ଚକର ଅଭିଜ୍ଞତା ଚିତ୍ରିତ ହୋଇଛି ଉପନ୍ୟାସର ପ୍ରତିଟି ପୃଷ୍ଠାରେ। ■

ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ, ଯାଜପୁର
ମୋ: ୯୪୩୯୦୪୦୯୩୭

# ମହିଳାଙ୍କୁ ଦଳିଦେଲା ହାତୀ

## ଅଳ୍ପକେ ବର୍ତ୍ତିଲା ଶିଶୁପୁତ୍ର

ବିଶୋଇ, ୨୪।୫(ସମିସ): ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗାରଗାଡ଼ି ଗ୍ରାମର ବାଟା ନାଏକଙ୍କ ଝିଅ ଚାର୍ମେଇ ନାଏକ ଓରଫ୍ କିଳିକି। ତେବେ ସୌଭାଗ୍ୟକୁ ତାଙ୍କ ସାଥିରେ ଥିବା ବର୍ଷକର ଶିଶୁପୁତ୍ରଟି ଅଳ୍ପକେ ବର୍ତ୍ତିଯାଇଛି। ସୂଚନାନୁସାରେ, ଶନିବାର ସକାଳ ପ୍ରାୟ ୮ଟାରେ ଚାର୍ମେଇ ଶାଳ ଛାଲି ଦଉଡ଼ି ଆଣିବାକୁ ପୁଅକୁ ଧରି ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ପୁଅକୁ ବସାଇଦେଇ ଦଉଡ଼ି ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଚାର୍ମେଇଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏଥିରେ ଘଟଣାସ୍ଥଳରେ ଚାର୍ମେଇଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ବର୍ଷକର ପୁଅ ଅଳ୍ପକେ ରକ୍ଷା ପାଇଯାଇଥିଲା। ଶିଶୁପୁତ୍ରଟିର କାନ୍ଦ ଶୁଣି ମଧ୍ୟାହ୍ନରେ କିଛି ସ୍ଥାନୀୟ ଲୋକେ ତାକୁ ଜଙ୍ଗଲରୁ ଉଦ୍ଧାର କରିଥିଲେ।

ଖବର ପାଇ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ, ଏସିଏଫ୍ ଧରିତ୍ରୀ ମୁର୍ମୁ, ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ବନପାଳ ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବିଶୋଇ ଡେପୁଟି ରେଞ୍ଜର ସତ୍ୟବାନ ନାଏକଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ିଆ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି।

## ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ପ୍ରାଦୁର୍ଭାବ

# ଫରେଷ୍ଟ ଗାର୍ଡଙ୍କୁ ଗୁଳି କରି ହତ୍ୟା

■ ଗାର୍ଡ ଅଫ୍ ଅନର୍ ସହ ପ୍ରହ୍ଲାଦଙ୍କ ଶେଷକୃତ୍ୟ ସମ୍ପନ୍ନ
■ ୩୦ ଲକ୍ଷର ଅନୁକମ୍ପା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୨୪।୫(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ତାଣ୍ଡିଚିରା କଇଁ ଜଙ୍ଗଲରେ ଶିକାରୀଙ୍କ ଗୁଳି ମାଡ଼ରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ପ୍ରହ୍ଲାଦ ପ୍ରଧାନ। ତାଙ୍କ ଘର କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଲି ଗ୍ରାମରେ। ଏହି ଜଙ୍ଗଲରେ କିଛି ଦିନ ହେବ ଶିକାରୀମାନେ ଜନ୍ତୁ ଶିକାର କରୁଥିବା ନେଇ ବନ ବିଭାଗ ଖବର ପାଇଥିଲା। ସେମାନଙ୍କୁ ଧରିବା ପାଇଁ ଶୁକ୍ରବାର ରାତି ପ୍ରାୟ ୩ଟାରେ ହିନ୍ଦୋଳ ଏନ୍‌ଏସି ୱାର୍ଡ ନଂ ୧୪ ଅନ୍ତର୍ଗତ କଇଁ ଜଙ୍ଗଲ ମଧ୍ୟରେ ଥିବା ଏକ ବଗିଚା ଓ ଘରକୁ ବନ ବିଭାଗର ଏକ ଟିମ୍ ଘେରାଉ କରିଥିଲା। ଏହି ଟିମ୍‌ରେ ପ୍ରହ୍ଲାଦ ରହିଥିଲେ। ବନ କର୍ମଚାରୀମାନେ ସେଠାରେ କିଛି ଶିକାରୀଙ୍କୁ କାବୁ କରି ନେଇଥିବା ବେଳେ ଜଣେ ଶିକାରୀ ପ୍ରହ୍ଲାଦଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିଟି ପ୍ରହ୍ଲାଦଙ୍କ ପେଟରେ ବାଜିଥିଲା। ଗୁରୁତର ପ୍ରହ୍ଲାଦଙ୍କୁ ପ୍ରଥମେ ହିନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରହ୍ଲାଦଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଆଜି ପ୍ରଚାରିତ ହେବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।



ଖବର ପାଇ ଏସ୍‌ପି ଅଭିନବ ସୋନକର, ହିନ୍ଦୋଳ ଏସଡିପିଓ ଓ ଥାନାଧିକାରିଣୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ହିନ୍ଦୋଳ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍, ଅନୁସନ୍ଧାନୀ କୁକୁର ସହାୟତାରେ ଛାନଭିନ୍ କରିଥିଲା। ଏହି ଘଟଣାରେ ହିନ୍ଦୋଳ ବନ ବିଭାଗ ୪ଜଣଙ୍କୁ ଗିରଫ କରି ହିନ୍ଦୋଳ ପୁଲିସ୍‌କୁ ହସ୍ତାନ୍ତର କରିଛି। ସେମାନେ ହେଲେ, ସ୍ଥାନୀୟ ତାଣ୍ଡିଚିରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦେହୁରୀ, ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆଲୋକ, ଇଲିରିସିଙ୍ଗା ଅଞ୍ଚଳର ଶିବରାମ ପ୍ରଧାନ ଏବଂ ନରସିଂହପୁର କନ୍ଧାଲୁ ଗ୍ରାମର ସୁନୀଲ କୁମାର ଜେନା। ହିନ୍ଦୋଳ ପୁଲିସ୍ ଏ ସଂକ୍ରାନ୍ତରେ ୧୫୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ପ୍ରହ୍ଲାଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ତାଙ୍କ ପରିବାରକୁ ୩୦ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବାକୁ ପିସିସିଏଫଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ବ୍ୟବଚ୍ଛେଦ ପରେ ପ୍ରହ୍ଲାଦଙ୍କୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯାଇଥିଲା। ଜଙ୍ଗଲ, ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପିସିସିଏଫ୍, ଆରସିସିଏଫ, ଡିଏଫଓ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକରଙ୍କ ସମେତ ବହୁ ପଦାଧିକାରୀ ଏବଂ ଲୋକପ୍ରତିନିଧି ତାଙ୍କ ଶେଷ ଦର୍ଶନ କରିଥିଲେ। ଶେଷରେ ଗାଁ ଶ୍ମଶାନରେ ପ୍ରହ୍ଲାଦଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୦୯ରୁ ପ୍ରହ୍ଲାଦ ଫରେଷ୍ଟଗାର୍ଡ ଭାବେ ଯୋଗଦେଇ ଅନେକ ପ୍ରଶଂସା ସାଉଁଟିଥିଲେ। ଏପରିକି ବିଭାଗ ପକ୍ଷରୁ ମଧ୍ୟ ତାଙ୍କୁ ଶ୍ରେଷ୍ଠ ବନକର୍ମଚାରୀ ଭାବେ ସମ୍ମାନିତ ମଧ୍ୟ କରାଯାଇଥିଲା। ପ୍ରହ୍ଲାଦଙ୍କ ଘରେ ତାଙ୍କର ବିଧବା ପତ୍ନୀଙ୍କ ସହ ୬ ବର୍ଷର ଝିଅ ରହିଛି। ଘଟଣାକୁ ନେଇ ଡିଏଫ୍‌ଓ ସୁମିତ କର ଗଭୀର ଶୋକ ପ୍ରକାଶ କରିଛନ୍ତି।

■ ଭଉଣୀ ଘରେ ପହଞ୍ଚି ପାରିଲାନି ସାବିତ୍ରୀ ଭାର

# ବଜ୍ରପାତରେ ଚାଲିଗଲା ଭାଇର ଜୀବନ

ଟାଙ୍ଗୀ/ଭୂଷଣ୍ଡପୁର,୨୪।୫(ସମିସ): ସୋମବାର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଶାଢ଼ି-ଚୂଡ଼ି, ଶଙ୍ଖା-ସିନ୍ଦୂର ସାଙ୍ଗକୁ ଫଳଭାର ନେଇ ଭଉଣୀ ଘରକୁ ଯାଉଥିଲେ। କିନ୍ତୁ ବାଟ ଅଧାରୁ ଯମ ଟେକିନେଲା। ଆକାଶରୁ ବଜ୍ର ଖସି ଭାଇର ଜୀବନ ଚାଲିଗଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, କନ୍ତଳବାଇର ନବକିଶୋର ମହାପାତ୍ରଙ୍କ ପୁଅ ଅଭୟ ମହାପାତ୍ର (୨୭)।



ସୂଚନାନୁଯାୟୀ, ଅଭୟ ଆଜି ସାବିତ୍ରୀ ଭାର ନେଇ ଏକ ବାଇକ୍‌ରେ ନିଜ ଦାଦା ଝିଅ ଭଉଣୀ ଘର ଜରିପଡ଼ାକୁ ଯାଉଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ହଠାତ୍ ବର୍ଷା ପବନ ମାଡ଼ି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ସେ ଟାଙ୍ଗୀ ମଙ୍ଗଳାଯୋଡ଼ି ରାସ୍ତାରେ ଥିବା ଏକ ବରଓସ୍ତ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଅଭୟ ସେହିଠାରେ ହିଁ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ଅଭୟଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ‘ପାକିସ୍ତାନ-ଜିନ୍ଦାବାଦ୍’ନାରା ଦେଇ ୨ ଗିରଫ

■ ଏନ୍‌ଆଇଏ ଜାଣିବା ପରେ ଚାଉଳିଆଗଞ୍ଜ ପୁଲିସର କାର୍ଯ୍ୟାନୁଷ୍ଠାନ
■ ଅଭିଯୁକ୍ତଦ୍ୱୟ ମର୍ଚ୍ଚାଣ୍ଟ ନ୍ୟାଭି ଓ ଆଇନପେସାରେ ଥିବା ଡିସିପିଙ୍କ ସୂଚନା

କଟକ, ୨୪।୫(ସମିସ): ‘ପାକିସ୍ତାନ ଜିନ୍ଦାବାଦ’ ନାରା ଦେବା ୨ଜଣ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଏହି ୨ଜଣ ଯୁବକଙ୍କୁ ଗିରଫ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ସୋସିଆଲ ମିଡିଆରେ ଏ ସମ୍ପର୍କିତ ବିବାଦୀୟ ଭିଡିଓ ଭାଇରାଲ ହେବା ପରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଏହା ଜାଣିବାକୁ ପାଇଥିଲା। ପରେ ଚାଉଳିଆଗଞ୍ଜ ଥାନା ପୁଲିସ ସମ୍ପୃକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। ସେମାନେ ହେଲେ, ମହାନଦୀବିହାରରେ ରହୁଥିବା କଟକ ଜିଲ୍ଲା ନରସିଂହପୁର ନିକଟ କାନପୁର ଥାନା ଅଞ୍ଚଳର ସୌରଭ କୁମାର ସାହୁ(୨୭) ଓ ମହାନଦୀ ବିହାରର ଗୌତମ ଲେଙ୍କା(୨୮)। ଅଭିଯୁକ୍ତଦ୍ୱୟଙ୍କଠାରୁ ୨ଟି ଫୋନ୍ ଜବତ ହୋଇଛି। ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ଜେଲ୍ ପଠାଇ ଦିଆଯାଇଛି ବୋଲି ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ଗତ ୧୫ ତାରିଖ ରାତି ପ୍ରାୟ ସାଢ଼େ ୯ଟାରେ କିଛି ଯୁବକ ଗାନ୍ଧୀପଲ୍ଲୀର ମହାନଦୀ କୂଳ ଗଡ଼ାରେ ବସି ଖଟି କରୁଥିଲେ। ସେମାନେ ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତି ବିଷୟରେ ଆଲୋଚନା କରୁଥିଲେ। ଏହାକୁ ନେଇ ୨ ପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହା ମଧ୍ୟରେ କିଛି ଯୁବକଙ୍କୁ କଡା ସମାଲୋଚନା କରିବାକୁ ଯାଇ ଅଭିଯୁକ୍ତ ସୌରଭ ପାକିସ୍ତାନ ସପକ୍ଷରେ ନାରା ଦେଇଥିଲା। ପ୍ରାୟ ୫୦ ଥର ଲଗାତାର ଭାବେ ସେ ପାକିସ୍ତାନ ଜିନ୍ଦାବାଦ ବୋଲି କହିଥିଲା। ଆଉ ଏହି ସମୟର ଦୃଶ୍ୟକୁ ପାଖରେ ଥିବା ଗୌତମ ଲେଙ୍କା ନିଜ ମୋବାଇଲରେ ରେକର୍ଡିଂ କରିଥିଲା। ତୁରନ୍ତ କିଛି ହ୍ୱାଟସଆପ ଗ୍ରୁପରେ ଉକ୍ତ ଭିଡିଓକୁ ଛାଡିବା ପରେ ତାହା ଆଖିପିଛୁଳାକେ ଭାଇରାଲ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେହି ସମୟରେ ଭାରତ ପାକିସ୍ତାନ ମଧ୍ୟରେ ଅପରେସନ ସିନ୍ଦୁର ପରବର୍ତ୍ତି ତିକ୍ତତା ସର୍ବୋଚ୍ଚ ସ୍ତରରେ ଥିଲା। ଏପରିକି ଭାଇରାଲ ଭିଡିଓ ବିଷୟ ଶେଷରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ମଧ୍ୟ ଜାଣିବାକୁ ପାଇଥିଲା। ଏ ବିଷୟରେ ତଦନ୍ତକାରୀ ଏଜେନ୍ସି କମିଶନରେଟ୍ ପୁଲିସକୁ ଅବଗତ କରାଇଥିଲା। କମିଶନରେଟ୍ ପୁଲିସ ଠାରୁ ଏ ସମ୍ପର୍କରେ ତୁରନ୍ତ ଉତ୍ତର ଦେବାକୁ କୁହାଯାଇଥିଲା। ଚାଉଳିଆଗଞ୍ଜ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଭିଡିଓଟି ଅନ୍ଧାରୁଆ ଓ କମ ସମୟରେ ହୋଇଥିବାରୁ ତାହା କେଉଁଠିକାର ଏବଂ କିଏ କରିଛି ତାହା ଜଣାପଡନଥିଲା। ଗତ ଏକ ସପ୍ତାହ ଧରି ଯାଞ୍ଚ ପରେ ଆଜି ଅଭିଯୁକ୍ତ ଦ୍ୱୟଙ୍କୁ ଚିହ୍ନଟ କରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମର୍ଚ୍ଚାଣ୍ଟ ନ୍ୟାଭିରେ ଥିବା ବେଳେ ଅନ୍ୟ ଜଣେ ଆଇନ ପେଷା ସହିତ ଜଡିତ ବୋଲି ପୁଲିସ ସୂଚନା ଦେଇଛି। ଅଧିକ ତଦନ୍ତରୁ ଜଣାପଡିଛିଯେ, ଜାଣିଶୁଣି ୨ ଯୁବକ ଏଭଳି ନାରା ଦେବା ସହିତ ତାହାକୁ ଅନ୍ୟମାନଙ୍କ ପାଖକୁ ପହଞ୍ଚାଇଥିଲେ। ଉକ୍ତ ଭିଡିଓଟି ଦୁଇ ସଂପ୍ରଦାୟ ମଧ୍ୟରେ ବିବାଦକୁ ବଢାଉଥିଲା। କଟକରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ଆଶଙ୍କା ବଢିଥିଲା। ତେଣୁ ଦେଶ ଭିତରେ ସାଂପ୍ରଦାୟିକ ସଦଭାବନା ବିଗାଡିବା ଓ ୨ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି କରିବା ଅଭିଯୋଗରେ ପୁଲିସ ଯୁବକ ଦ୍ୱୟଙ୍କୁ ଗିରଫ କରିଥିବା ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଯୁବ ଆଇନଜୀବୀ ମୃତ

କରଞ୍ଜିଆ, ୨୪।୫(ସମିସ): କରଞ୍ଜିଆ ସହରର (ଗଡ଼ସାହି) ନିବାସୀ ତଥା ଯୁବ ଆଇନଜୀବୀ ସୌମେନ୍ଦ୍ର ମହାନ୍ତି ଓରଫ ବୁଲୁଙ୍କ ଶୁକ୍ରବାର ସାଢେ ୧୧ଟା ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଏକ କାମରେ ଆନନ୍ଦପୁର ଯାଇଥିଲେ। ରାତିରେ କାର ଯୋଗେ ଫେରୁଥିବା ବେଳେ ଭାରସାମ୍ୟ ହରାଇ କାଦଡ଼ିହା ଗ୍ରାମ ଛକରେ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୦ ବର୍ଷ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ କରଞ୍ଜିଆ ବାର ଓ ନୂତନ ବସଷ୍ଟାଣ୍ଡକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅବଶିଷ୍ଟାଂଶ

### ସଅଳ ଛୁଇଁଲା...

ସୂଚନାଯୋଗ୍ୟ, ଗତ ୫୦ ବର୍ଷ ମଧ୍ୟରେ ୧୯୯୦ ମସିହାରେ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଆକଳନର ୧୩ ଦିନ ପୂର୍ବରୁ ଅର୍ଥାତ୍ ସେହିବର୍ଷ ମେ’ ୧୯ ରେ ମୌସୁମୀ କେରଳ ଛୁଇଁଥିଲା। ୨୦୦୯ ରେ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ମେ’ ୨୩ ତାରିଖରେ କେରଳ ଉପକୂଳ ଛୁଇଁଥିଲା। ୧୬ ବର୍ଷ ପରେ ପୁଣି ଥରେ ମୌସୁମୀ କ୍ଷିପ୍ରଗତିରେ ଆସି ମେ’ ୨୪ରେ କେରଳ ଛୁଇଁଛି। ଅନ୍ୟପକ୍ଷରେ କିଛି ଘଣ୍ଟା ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଏବଂ ତାମିଲନାଡୁ ଛୁଇଁବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁରେ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ମୌସୁମୀ ସକ୍ରିୟ ହେବା ସହିତ ସପ୍ତାହକ ମଧ୍ୟରେ ଏହା ଦକ୍ଷିଣ ଭାରତର ସମସ୍ତ ରାଜ୍ୟ ଏବଂ ଜୁନ୍ ୪ ସୁଦ୍ଧା ପୂର୍ବ ଏବଂ ମଧ୍ୟଭାଗ ଛୁଇଁବ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀ ଉପରେ ଏଲ୍-ନିନୋର ପ୍ରଭାବ ପଡ଼ିବାର ସମ୍ଭାବନା କମ୍ ବୋଲି କୁହାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ଏହା ମୌସୁମୀକୁ ଆହୁରି ସକ୍ରିୟ କରିବ। ମୌସୁମୀ ଆଗମନ ପୂର୍ବରୁ ଗତ ୧-୨ ଦିନ ଧରି ରାଜ୍ୟବାପୀ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଏହା ଆସନ୍ତା ୨୯ ତାରିଖ ଯାଏଁ ଲାଗି ରହିବ।

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମର ପାତ୍ରପୁରଠାରେ ସର୍ବାଧିକ ୧୧୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜ, ବଲାଙ୍ଗିର, କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆସନ୍ତା ୩୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଆସନ୍ତାକାଲି ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବାଲେଶ୍ୱର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରୁ ଝଡ଼ବର୍ଷାର ପ୍ରକୋପ ବଢ଼ିବାକୁ ଥିବାବେଳେ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ତାପମାତ୍ରା ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

### ଧୋଇଗଲା ହାଟ...

ଜୋର୍‌ରେ ପବନ ସହ ବର୍ଷା ହୋଇଥିଲା। ବାଦଲ ଫଟା ବର୍ଷା ଯୋଗୁଁ ହାଟରେ ଜରି ପାଲ ଦେଇ ବ୍ୟବସାୟ କରୁଥିବା ବ୍ୟବସାୟୀ ଅସହାୟ ହୋଇ ପଡ଼ିଥିଲେ। ପବନରେ ଜରି ପାଲ ଉଡ଼ି ଯାଇ ବ୍ୟବସାୟୀଙ୍କ ଜିନିଷ ନଷ୍ଟ ହୋଇ ଯାଇଥିଲା। ହାଟରେ ବ୍ୟବସାୟୀ ବିକ୍ରି କରୁଥିବା ପରିବା, ଚପଲ ଭଳି ବିଭିନ୍ନ ଜିନିଷ ପତ୍ର ପାଣିରେ ଭାସିଯାଇଥିବା ଦେଖିବାକୁ ମିଳିଛି। ଅଚାନକ ବର୍ଷା ଯୋଗୁଁ ହାଟକୁ ଆସିଥିବା ଗ୍ରାହକ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଅଳ୍ପ ସମୟ ମଧ୍ୟରେ ଏତେ ପରିମାଣର ବର୍ଷା ଲମତାପୁଟରେ ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରବଳ ବର୍ଷାରେ ଜୟପୁର-ବିଶାଖାପାଟଣା ରାଜପଥ ଉପରେ ବର୍ଷା ଜଳ ଜମି ରହିବାରୁ କିଛି ସମୟ ପାଇଁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଯୋଗୁଁ କ୍ଷୟକ୍ଷତିର କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇ ନଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ରିପୋର୍ଟ ମଗା ଯାଇଥିବା ସେ କହିଛନ୍ତି।

### ‘ଟିମ୍ ଇଣ୍ଡିଆ’ ହୋଇ...

କରିଛନ୍ତି। ଚଳିତ ବର୍ଷ ନିତି ଆୟୋଗର ସଂକଳ୍ପ ରାଜ୍ୟ ବିକାଶ ପାଇଁ ଉଦ୍ଦିଷ୍ଟ ରହିଛି। ରାଜ୍ୟମାନଙ୍କ ଦ୍ରୁତ ବିକାଶ ଦ୍ୱାରା ଦେଶର ସାମଗ୍ରିକ ବିକାଶ ସମ୍ଭବ ବୋଲି କୁହାଯାଇଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମିଳିତ ଉଦ୍ୟମରେ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହି ପଦ୍ଧତିରେ କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ ସେ ‘ୱାନ ଷ୍ଟେଟ୍ : ୱାନ ଗ୍ଲୋବାଲ ଡେଷ୍ଟିନେସନ୍’ ପାଇଁ ଆହ୍ୱାନ ଜଣାଇଛନ୍ତି। ପ୍ରତ୍ୟେକ ରାଜ୍ୟ ଆନ୍ତର୍ଜାତିକ ମାନର ଏକ ପର୍ଯ୍ୟଟନ ସ୍ଥଳ ବିକାଶ କରିବା ସହିତ ବିଭିନ୍ନ ସହରକୁ ବିକାଶ ଦୃଷ୍ଟିରୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରଖିବାକୁ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କହିଛନ୍ତି। ଏହି ବୈଠକରେ ତିନି ରାଜ୍ୟକୁ ଛାଡି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ , କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ନିତି ଆୟୋଗ ଉପାଧ୍ୟକ୍ଷ ଉପସ୍ଥିତ ରହିଥିଲେ। ଅପରପକ୍ଷେ ନିତି ଆୟୋଗର ୧୦ ପରିଚାଳନା ପରିଷଦ ବୈଠକରେ ବିକଶିତ ଓଡ଼ିଶାର ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୨୦୩୬ ମସିହା ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଛି। ସେହିପରି ୨୦୪୭ ସୁଦ୍ଧା ସ୍ୱାଧୀନ ଭାରତକୁ ୧୦୦ ବର୍ଷ ପୂର୍ତ୍ତି ହେଉଛି। ୨୦୩୬ ସୁଦ୍ଧା ଓଡ଼ିଶା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ରଖିଛି। ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ନିଜ ସରକାରର ପ୍ରଥମ ବର୍ଷ ପୂରଣ କରୁଥିବା ବେଳେ ସେହିଦିନ ୨୦୩୬ ସମୃଦ୍ଧ ଓଡ଼ିଶାର ମୂଳଦୁଆ ପଡ଼ିବ। ୨୦୩୬ ସୁଦ୍ଧା ଏକ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଏହାର ଦୃଷ୍ଟିକୋଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାର ଏବଂ ଅନ୍ୟ ରାଜ୍ୟର ପ୍ରତ୍ୟେକ୍ଷ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ବୈଠକରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ଭିଜନ ଡକ୍ୟୁମେଣ୍ଟ ପାଇଁ ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ଭିଜନ ଡକ୍ୟୁମେଣ୍ଟର ଲୋକାର୍ପଣ ହେବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ କୃଷକଙ୍କ ଉନ୍ନତି ସହ ବିଶ୍ୱସ୍ତରୀୟ ରାସ୍ତା, ରେଳ ଏବଂ ବାୟୁ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ସରକାର ନେଇଥିବା ପ୍ରମୁଖ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବତାରଣା କରିଥିଲେ।

### ଗୋଡ଼ାଇ ଗୋଡ଼ାଇ...

କରୁଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୁଲିସ୍ ପ୍ରଫୁଲ୍ଲଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ସେହି ଗ୍ରାମର ବିଭୂତି ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟ ୩ଜଣ ଫେରାର୍ ହୋଇଯାଇଥିବା ଜଣାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି।

ସୂଚନାନୁଯାୟୀ, ପ୍ରଫୁଲ୍ଲ ଆଜି ନିଜ ଚାଷ ଜମିରେ ଜେସିବି ସାହାଯ୍ୟରେ କାମ କରୁଥିଲେ। ତାଙ୍କ ଜମି ପାର୍ଶ୍ୱକୁ ଲାଗି ସେହି ଗ୍ରାମର ବିଭୂତି ପ୍ରଧାନ ଚାଷଜମି ରହିଛି। ବିଭୂତିଙ୍କ ଜମି ଆଡ଼କୁ କିଛି ମାଟି ଧସିଯିବାରୁ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ, କଥା ବଢ଼ିବାରୁ ବିଭୂତିଙ୍କ ସହ ତାଙ୍କ ସ୍ତ୍ରୀ, ଭାଇ ଏବଂ ମାଆ ମିଶି ସଂଘବଦ୍ଧ ଭାବେ ପ୍ରଫୁଲ୍ଲଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ।

**ADMISSION NOTICE**
**ROURKELA LAW COLLEGE, ROURKELA**
(Affiliated to Madhusudan Law University & BCI. Accredited by NAAC)
Admission into 1st Semester of 3 years LL.B. Degree Course (CBCS System) for the session 2025-2026
ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.
Application form will be available in the College Office from 8.30 A.M to 10.30 A.M from 26.05.2025 on payment of Rs. 500/- on cash by hand and Rs. 800/- by Registered Post or download from college website www.rourkelalawcollege.in and submit along with a Demand Draft of Rs. 500/-
In Campus Hostel available for Girls only.
For Admission Contact:- Mobile No.: 9439025508, 8249701300, 8249872894, 7992799527, 7606882907, 9937129994 and Mobile No.: 9337796064.
Sd/-
Principal

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**NOTICE**
By virtue of an affidavit sworn before The Notary Public, Keonjhar dated 02.05.2025, I, Lahari Munda, Address: At-Trilochanpur, Po-Nischintapur, Ps-Jhumpura, Dist-Keonjhar, Pin-758047, Odisha declare that I have changed my name from Pande Purty to Lahari Munda. Henceforth, I shall be known as Lahari Munda for all purposes.
LAHARI MUNDA

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Ipsita Sarangi , Address At- Hatpada Pada, Po/Ps- Titilagarh, Dist- Balangir, Odisha Pin- 767033 declare that I have changed my name from Sushree Ipsita Sarangi to Ipsita Sarangi. Henceforth, I shall be known as Ipsita Sarangi for all purposes.
Ipsita Sarangi

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ
କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ସୁଦୂର ଡିପୋ ମଡ୍ୟୁଲ (UDM) ପାଇଁ ଇନ୍‌ଫ୍ରାଷ୍ଟ୍ରକଚର ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବରଗଡ଼, ରେଢ଼ାଖୋଲ, ସମ୍ବଲପୁର ସିଟୀ, ହେଙ୍ଗାଲି, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, ରୁପ୍ରା ରୋଡ୍, ମୁନିଗୁଡ଼ା, ଭବାନୀପାଟଣା, କଣ୍ଟାବାଞ୍ଜି, ଖରିଆର ରୋଡ୍ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିଆର ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଳନେଟ୍ ର ବିସ୍ତାର।
ଟେଣ୍ଡର ମୂଲ୍ୟ: ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1100 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ହାର୍ଡ କପି/ଫ୍ୟାକ୍ସ ଇତ୍ୟାଦିରେ କିମ୍ବା ହାତରେ ଦାଖଲ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ବାତିଲ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନୋଟିସ ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଡେଲି), ସମ୍ବଲପୁର
PR-164/O/25-26

**AFFIDAVIT**
I, Sraban Kumar Budankailu Subudhi, S/o- Purna Chandra Subudhi, resident of Flat No. B-904, Z1 Vyom Apartment, Nandankanan Road, Raghunathpur, Dist.-Khordha, Odisha- 751024 declare by this affidavit No. 69 dated 04.11.2024 that now onwards I shall be known as **SRABAN KUMAR SUBUDHI** for all future purposes.

**AFFIDAVIT**
By virtue of an affidavit sworn before (Executive Magistrate) Koraput, 23-05-2025 I, Satyanarayan Jalli Banabharati Colony, Koraput declare that I have changed the name of my son from Santosh Jalli to Sandesh Kumar Jalli Henceforth,he shall be known as Sandesh Kumar Jalli for all purposes.
Satyanarayan Jalli

**AFFIDAVIT**
By virtue of an affidavit sworn before Notary Public Titilagarh, dated 23/05/2025 I, Dingara Chhatara , Address At/Po-Ghantabahali, Ps- Titilagarh, Dist-Balangir, Odisha, Pin- 767033 declare that I have changed my daughter's name from Tapaswani Chhatar to Tapaswini Chhatar. Henceforth, she shall be known as Tapaswini Chhatar for all purposes.
Dingara Chhatara

**AFFIDAVIT**
By virtue of an affidavit No.6237, Dtd.19.05.2025 sworn before the Executive Magistrate, Balasore I, Jharana Parida, D/o.Murali Parida, At./Po.: Mirjapur, Ps.-Khaira, Dist. Balasore, Odisha, declare that in my Adhar vide no. 711281800140 and Enrollment No. 1092/20226/02244, my sister's photo i,e. Sasmita Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
I, Kumar Aryan, S/O-Paiticheti Anjan Subudhi, resident of Plot No-70, Madhusudan Nagar, Unit-4, Ps- Kharavela Nagar, Bhubaneswar, Dist-Khordha, Odisha, Pin-751001 declared by this affidavit No. 1067, dtd. 24/05/2025 that now onwards I shall be known as **KUMAR ARYAN SUBUDHI** for all future purposes.

**AFFIDAVIT**
I, Alema Parween, W/o- Shaikh Riyazuddin, resident of Chandpur, Po/Ps-Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.-21/05/2025 that now onw-ards I shall be known as ALEMA BIBI for all future purposes.

**AFFIDAVIT**
By virtue of an affidavit No.6238, Dtd.19.05.2025 sworn before the Executive Magistrate, Balasore, I, Sasmita Parida, D/o. Tulasi Parida, At./Po.: Mirjapur, Ps.- Khaira, Dist. Balasore, Odisha, declare that in my Adhar vide no. 977696737445 and Enrollment No. 1092/10221/06604, my sister's photo i,e. Jharana Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**
By virtue of an affidavit sworn before the Executive Magistrate, Baripada, Mayurbhanj; I Ramakanta Patra, S/O Gradadhara Patra, resident At-Dharampur, P.O - Brundabanachandrapur, P.S - Khunta, Dist - Mayurbhanj, Pin - 757087, declare that this affidavit no - 3371, dated - 23.05.2025.That I have changed my daughter's name from Gunman Patra to Gunjan Patra; henceforth, she shall be known as Gunjan Patra for all purposes.
Sd/- Ramakanta Patra

**AFFIDAVIT**
By virtue of an affidavit sworn before Notary Public Titilagarh, dated 21/05/2025 I, Pabitra Majhi, Address At- Kharsel Pada, Po- Kuskela, Ps- Sindhekela, Dist-Balangir, Odisha, Pin- 767066 declare that I have changed my name from Krushna Chandra Majhi to Pabitra Majhi. Henceforth, I shall be known as Pabitra Majhi for all purposes.
Pabitra Majhi

**AFFIDAVIT**
By virtue of an affidavit sworn before Notary Public Titilagarh, dated 24/05/2025 I, Pradyumna Tandi, Address At/Po- Haldi, Ps-Muribahal, Dist- Balangir, Odisha, Pin- 767037 declare that I have changed my name from Nila Madhaba Tandi to Pradyumna Tandi. Henceforth, I shall be known as Pradyumna Tandi for all purposes.
Pradyumna Tandi

**AFFIDAVIT**
I, Priyadarsini Pattnaik, W/o- Sovan Pattnaik, resident of Plot No. PP-30, Pandav Nagar, Road No-4, PO- Badagada BRIT Colony, PS-Badagada, PIN- 751018, Odisha declared by this affidavit No. 951, dtd-30/04/2025 that now onwards I shall be known as **PRIYADARSINI DAS** for all future purposes.

### ଆଇସିଏଆଇର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'

# ଉଠାଦୋକାନୀ ଓ ଲକ୍ଷପତି ଦିଦି ସହ ଯୋଡ଼ି ହୁଅନ୍ତୁ ଚାଟାର୍ଡ ଆକାଉଣ୍ଟାଣ୍ଟ : ଧର୍ମେନ୍ଦ୍ର

**ସମ୍ବଲପୁର, ୨୪।୫ (ସମିସ)**

ଦେଶରେ ଚାଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ସମୁଦାୟ ବୃଦ୍ଧି ପାଇଲେ ବ୍ୟବସାୟ ବୃଦ୍ଧି ପାଇବ। ଏହି କମ୍ୟୁନିଟିର ବନ୍ଧୁମାନେ କୃଷି ଉତ୍ପାଦ ସଂଗଠନ ତଥା ଏଫପିଓ, ଷ୍ଟ୍ରିଟ୍ ଭେଣ୍ଡର ବା ଉଠା ବ୍ୟବସାୟୀ ଏବଂ ଲକ୍ଷପତି ଦିଦି ଭଳି ବିଷୟ ସହ ଯୋଡ଼ିହେବା ଦରକାର। ଏହିଭଳି ବ୍ୟବସାୟକୁ ସହଯୋଗ କରିବା ଦରକାର। ସେମାନଙ୍କ ଆର୍ଥିକ ବ୍ୟବସ୍ଥା ବଢ଼ିଲେ ହିଁ ଆମର ବ୍ୟବସାୟରେ ଅଭିବୃଦ୍ଧି ଘଟିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଆଇଆଇଏମ ସମ୍ବଲପୁରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'ର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଚାଟାର୍ଡ ଆକାଉଣ୍ଟାଣ୍ଟ ସମୁଦାୟକୁ ଏହି ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ନିଆରା କର୍ମଶାଳାରେ ସାରା ଦେଶରୁ ଯୋଗଦେଇଥିବା ଚାଟାର୍ଡ ଆକାଉଣ୍ଟାଣ୍ଟ ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଶ୍ରୀ ପ୍ରଧାନ।

'ସକ୍ଷମ-ବୃତ୍ତିଗତଙ୍କୁ ସଶକ୍ତ କରିବା, ପ୍ରଗତିକୁ ସକ୍ଷମ କରିବା' ବିଷୟ ଉପରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କ୍ଷେତ୍ରର




ଅଭିଜ୍ଞ ବ୍ୟକ୍ତିମାନଙ୍କର ଯୋଗଦାନ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥାରେ ପରିଣତ କରିଛି। ଆଗାମୀ ଦିନମାନଙ୍କରେ ଏହି କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ହେବ। ବିଶ୍ୱରେ ଭାରତର ପରିଚୟ ବଢ଼ିବ। ଭାରତର ଏହି ଯାତ୍ରାରେ ଆମର ସିଏ ସମ୍ପ୍ରଦାୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯେ ଦେଶର ୱେଲଥ୍ କ୍ରିଏଟର୍‌ଙ୍କୁ ସଠିକ୍ ସମ୍ମାନ ଦେଇଛନ୍ତି, ଯେଉଁଥିରେ ଆମର ଚାଟାର୍ଡ ଆକାଉଣ୍ଟାଣ୍ଟ ଏକ କାଟାଲିଷ୍ଟ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ଆମେ ୨୦୩୬ ସୁଦ୍ଧା ଓଡ଼ିଶାରେ ୧୦୦ କ୍ୟୁବର ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଷ୍ଟାର୍ଟଅପ୍‌ର ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା କରିବାର ଯୋଜନା କରିଛୁ। ଏଥିପାଇଁ ଆମକୁ ଏକ ସକ୍ଷମ ଇକୋସିଷ୍ଟମ ଏବଂ ଉଦ୍ୟମିତା ବାତାବରଣ ବଢ଼ାଇବାକୁ ହେବ। ଆଇଡିଆରୁ ଇନୋଭେସନ୍, ଇନୋଭେସନ୍‌ରୁ ଟେକ୍ନୋଲୋଜି ଏବଂ ପୁଣି ଟେକ୍ନୋଲୋଜିରୁ ସ୍କେଲ୍‌ଅପ୍ କରିବା ଆମର ପ୍ରାଥମିକତା ହେବା ଦରକାର। ଆଜି ସମଗ୍ର ଦେଶରେ ଆମର ଯୁବଶକ୍ତି ୨.୫ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରୁ ପ୍ରାୟ ୪୦ ଲକ୍ଷ କୋଟି ମୂଲ୍ୟର ତଥା ୭ ଲକ୍ଷରୁ ଅଧିକ ଲୋକଙ୍କୁ ରୋଜଗାର ଦେଉଛନ୍ତି। ଆମର ଯୁବବର୍ଗଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆମେ ନୂଆ ସୁଯୋଗ ଏବଂ ସମାନ ମଞ୍ଚ ପ୍ରସ୍ତୁତ କରିବାକୁ ହେବ। ପୁରାତନ ବ୍ୟବସାୟକୁ ସମର୍ଥନ ଦେବା ସହିତ ନୂଆ ନୂଆ ବ୍ୟବସାୟକୁ ମଧ୍ୟ ଆଗକୁ ନେବାକୁ ହେବ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଅପାର ସମ୍ଭାବନା ରହିଥିବାବେଳେ ତାହାର କେନ୍ଦ୍ରବିନ୍ଦୁରେ ସମ୍ବଲପୁର ରହିଛି। ସମ୍ବଲପୁରକୁ ଏକ ଷ୍ଟାର୍ଟଅପ୍‌ର ପେଣ୍ଠସ୍ଥଳୀ କରିବା ପାଇଁ ସମସ୍ତ ପ୍ରକାର ସମ୍ଭାବନା ଅଛି। ଏଠାରେ ଟେକ୍ସଟାଇଲ୍, ଗାର୍ମେଣ୍ଟ, କୃଷି-ଉତ୍ପାଦ ଓ ଡିଜିଟାଲ ପ୍ରକଳ୍ପ ଭଳି ଅନେକ କ୍ଷେତ୍ରରେ ସୁଯୋଗ ରହିଛି। ଆମର ସିଏ କମ୍ୟୁନିଟି ଏହି ସୁଯୋଗଗୁଡ଼ିକୁ ଚିହ୍ନଟ କରିପାରିଲେ ହିଁ ଆମର ଯୁବବର୍ଗ ଏବଂ ନିବେଶକମାନେ ଉପଯୁକ୍ତ ହୋଇପାରିବେ। ଏହି କର୍ମଶାଳା ଆଇସିଏଆଇକୁ ସ୍ଥାନୀୟ ପ୍ରତିଭାଶାଳୀ ଯୁବବର୍ଗ ଏବଂ ପ୍ରତିଭାଙ୍କୁ ଖୋଜିବାରେ ସହାୟକ ହେବ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଇଆଇଏମ ସମ୍ବଲପୁରକୁ ଆସନ୍ତା ୫ ବର୍ଷରେ ଏକ ସବୁଜ ବନାଞ୍ଚଳ ଭାବରେ ବିକଶିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ବର୍ତ୍ତମାନ ସମୟରୁ ବୃକ୍ଷରୋପଣ ଏବଂ ପରିବେଶ ସୁରକ୍ଷା ଉପରେ ସଠିକ୍ ପଦକ୍ଷେପ ନେବାକୁ ହେବ। ଆମେ ସମ୍ବଲପୁରକୁ ଏକ ସ୍ଥାୟୀ, ସବୁଜ ଓ ସ୍ୱଚ୍ଛ ସହର ବନାଇବା ଦରକାର ଏବଂ ଏହାର ଆରମ୍ଭ ଛୋଟ ଛୋଟ ପଦକ୍ଷେପ ଦ୍ୱାରା ସମ୍ଭବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ମହାନଗର ନିଗମ ନିର୍ବାଚନ ଶୀଘ୍ର କରିବାକୁ ପ୍ରଗତିଶୀଳ ନାଗରିକ ମଞ୍ଚର ଦାବି

**ସମ୍ବଲପୁର, ୨୪।୫ (ସମିସ):** ସମ୍ବଲପୁରର ଗଣସଂଗଠନ ତଥା ବିଭିନ୍ନ ବର୍ଗର ନାଗରିକଙ୍କୁ ନେଇ ଗଠିତ ପ୍ରଗତିଶୀଳ ନାଗରିକ ମଞ୍ଚର ବୈଠକ ଶନିବାର ସନ୍ଧ୍ୟାରେ ସାମ୍ବାଦିକ ଭବନରେ ସମାଜବାଦୀ କର୍ମୀ ରାଧାକାନ୍ତ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଭୟ ଅପରେସନ 'ସିନ୍ଦୂର'ର ଉପଲବ୍ଧି ଓ ସମ୍ବଲପୁର ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଯାଇଛି।

ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସମ୍ବଲପୁର ମହାନଗର ନିଗମ ଗଠନ ସତ୍ତ୍ୱେ ଏଯାଏଁ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ନିଗମ ନିର୍ବାଚନ ନ ହେବା କାରଣରୁ ସହରର ଅନେକ ସମସ୍ୟା ଓ ସଙ୍କଟର ନିବାରଣ ହୋଇ ପାରୁନଥିବାରୁ ନିଗମ ନିର୍ବାଚନ ଦିଗରେ ଥିବା ଅନ୍ତରାୟକୁ ଦୂର କରାଯିବା ସହ ଯଥାଶୀଘ୍ର ଓଡ଼ିଶା ସରକାର ନିର୍ବାଚନ ଘୋଷଣା କରନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଗଙ୍ଗାଧର ମେହେର ହାୟର ସେକେଣ୍ଡାରୀ ସ୍କୁଲର ନିଜସ୍ୱ ପରିସର ପ୍ରତିଷ୍ଠା ପାଇଁ ତୁରନ୍ତ ପଦକ୍ଷେପ, ଅଇଁଠାପାଲି ଜାତୀୟ ରାଜପଥରେ ଫ୍ଲାଇଓଭର ନିର୍ମାଣ କାର୍ଯ୍ୟରେ ଆବଶ୍ୟକ ସୁରକ୍ଷା ନିୟମ ଉଲ୍ଲଂଘନ ପରିପ୍ରେକ୍ଷୀରେ ଘଟୁଥିବା ଜୀବନହାନି ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯିବ ସହ ଜନଜୀବନର ସୁରକ୍ଷା ଦିଗରେ ନିର୍ମାଣ କାର୍ଯ୍ୟରେ ସଠିକ ନୀତି ଓ ସାବଧାନତା ଅବଲମ୍ବନ ପାଇଁ ଜୋର ଦିଆଯାଇଥିଲା। ଏ ଦିଗରେ ଜିଲ୍ଲା ପ୍ରଶାସନ, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଜରୁରୀ ପଦକ୍ଷେପ ନେବା ପାଇଁ ଦାବି କରାଯାଇଥିଲା। ଆସନ୍ନ ମୌସୁମୀ ବର୍ଷା ପୂର୍ବରୁ ପୋତି ହୋଇଯାଇଥିବା ନାଳ ଗୁଡ଼ିକୁ ସଫା କରିବା ପାଇଁ ମହାନଗର ନିଗମ ତରଫରୁ ତ୍ୱରିତ ପଦକ୍ଷେପ ନେବା ଦାବି କରାଯାଇଥିଲା। ଆଲୋଚନାରେ ଗଦାଧର କୁଁଅର, ଗୋକୁଳ ମେହେର, ଶିବ ନନ୍ଦ, ସରୋଜ ମହାନ୍ତି, ଏନ. ଗୋପାଳ, ପ୍ରଣୟ ନାୟକ, ରୂପେଶ ବାଗ, ସଞ୍ଜିତ ମହାନ୍ତି, ଚୁମନ ପ୍ରଧାନ, ମହେଶ ସାଇତା, ଆଶିଷ ମହାପାତ୍ର, ସଞ୍ଜୟ ତିୱାରୀ, ମହମ୍ମଦ ସନାଉଲ୍ଲା, ମହେଶ୍ୱର ଷଣ୍ଢ, ରାହାସ ବିହାରି ପଣ୍ଡା, ସନ୍ତୋଷ ନାଥ, ଭି. ରାମ।ରାଓ, ବ୍ରଜକିଶୋର ବିଶ୍ୱାଳ, ସୁଶ୍ରୀ ସଙ୍ଗୀତା ବେହେରା, ସପ୍ନେଶ୍ୱର ସେନାପତି, ବୀରକିଶୋର ନାୟକ, ସୁଶିଲ ପାଢ଼ୀ, ଦିବ୍ୟଜ୍ୟୋତି ପଟ୍ଟନାୟକ, ହେରମ୍ବଚନ୍ଦ୍ର ଦାନୀ, ଗୀତମ୍ ସିଂ, ରମେଶ ସାହୁ, ଅରୁଣ ଖୁଣ୍ଟିଆ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ତାଲବାହାଲିରେ ବିହନ କମ୍ପାନୀର ଚାଷୀ କର୍ମଶାଳା

**କୁଚିଣ୍ଡା, ୨୪।୫(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ତୁରେଇ ପଞ୍ଚାୟତର ତାଲବାହାଲି ଠାରେ ରାଶି ବିହନ କମ୍ପାନୀ ପକ୍ଷରୁ ଶନିବାର ଚାଷୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୀଳାଦ୍ରୀ ବିହାରୀ ପଟେଲ, ସନ୍ୟାସୀ ପଟେଲ, କିଶୋର ତ୍ରିପାଠୀ, ରାଜକୁମାର ନାୟକ, ଦିଲିପ ନାଏକ ଓ ଅମୂଲ୍ୟ ତ୍ରିପାଠୀ ପ୍ରମୁଖ ଚାଷୀ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଶି କମ୍ପାନୀ ପକ୍ଷରୁ ଜାତୀୟ ସେଲସ୍ ମ୍ୟାନେଜର ତାମିଲନାଡୁ କୋଇମ୍ବାଟୁରର ନବୀନ କୁମାର ସାହା, ଓଡ଼ିଶା ଶାଖା ଭୁବନେଶ୍ୱରର ଏବିଏମ ତାରା ପ୍ରସାଦ ରଥ, ବରଗଡ଼ର ବ୍ୟବସାୟିକ କ୍ଷେତ୍ର ମ୍ୟାନେଜର ମୁକେଶ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।କମ୍ପାନୀର ଏହି ଅଧିକାରୀମାନେ ଉପସ୍ଥିତ ଚାଷୀଙ୍କୁ ରାଶି ବିହନ କମ୍ପାନୀ ପକ୍ଷରୁ ନୂତନ ତାରା ନାମକ ହାଇବ୍ରିଡ୍ ଧାନ ଉପରେ ତାଲିମ ପ୍ରଦାନ କରିଥିଲେ।୧୨୦ ଦିନରେ ଉତ୍ପାଦିତ ତାରା ଧାନର ରୋଗ ପ୍ରତିରୋଧକ ଶକ୍ତି, ଅଧିକ ପିଲ, ଅଧିକ ଅମଳକ୍ଷମ ଓ ଓଜନ, ବାତ୍ୟା ପ୍ରତିରୋଧକ ଶକ୍ତି ରହିଥିବା ନେଇ ଚାଷୀଙ୍କୁ ସଚେତନ କରାଇଥିଲେ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ପ୍ରସ୍ତୁତ ଉନ୍ନତ କିସମର ହାଇବ୍ରିଡ୍ ତାରା ଧାନ ଚାଷ କଲେ ଚାଷୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଥିଲେ।ପରେ ଚାଷୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିବା ବେଳେ ତାଲବାହାଲି ଗ୍ରାମରେ ସନ୍ୟାସୀ ପଟେଲ କରିଥିବା ରବି ଧାନ (ରାଶି) ଚାଷ କ୍ଷେତକୁ ଚାଷୀଙ୍କୁ ପ୍ରଦର୍ଶିତ କରିଥିଲେ।ଏହି ଅବସରରେ ଯୋଗଦେଇଥିବା ଚାଷୀଙ୍କ ପାଇଁ କମ୍ପାନୀ ପକ୍ଷରୁ ଲଟେରୀ ମାଧ୍ୟମରେ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। କମ୍ପାନୀର କୁଚିଣ୍ଡା ଦାୟିତ୍ୱରେ ଥିବା କ୍ଷେତ୍ର କର୍ମଚାରୀ ମଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷେତ୍ର କର୍ମଚାରୀ ସୁଭ୍ରାଂଶୁ ଦେହୁରୀ ଓ ବରୁଣାବଳୀ ଶ୍ରୀହରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟକ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଗୋକୁଳାନନ୍ଦଙ୍କ ଜୟନ୍ତୀ ପାଳିତ

**ରେଢ଼ାଖୋଲ, ୨୪।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର କଦମ୍ବପଡ଼ିଆସ୍ଥିତ ବ୍ୟାଡମିଣ୍ଟନ ଷ୍ଟାଡିୟମ୍‌ରେ ରେଢ଼ାଖୋଲ ବ୍ଲକର ପ୍ରଥମ ଚେୟାରମ୍ୟାନ ଗୋକୁଳା ନନ୍ଦ ସାହୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅକ୍ଷୟ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ଆୟୋଜନ ସଭାରେ ପ୍ରଥମତଃ ଦୀପ ପ୍ରଜ୍ୱଳନ କରି ପ୍ରଥମ ଚେୟାରମ୍ୟାନ ଗୋକୁଳାନନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋକୁଳାନନ୍ଦ ଜଣେ ରେଢ଼ାଖୋଲ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ, ସ୍ୱଭିମାନୀ ବ୍ୟକ୍ତିତ୍ୱ ଥିଲେ। ଉପସ୍ଥିତ ଅତିଥିମାନେ ତାଙ୍କର ଜୀବନୀ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।ଭୀମଭୋଇ କଲେଜର ପୂର୍ବତନ ଅଧ୍ୟକ୍ଷ ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂହ, ବିଜେଡ଼ି ଜିଲ୍ଲା ସମ୍ପାଦକ ପୁରୋଷତ୍ତମ ଅଗ୍ରୱାଲ, କାଳନ୍ଦୀ ଚନ୍ଦ୍ର ପ୍ରଧାନ, ପବିତ୍ର ମୋହନ ସାହୁ, କରୁଣା କର ପ୍ରଧାନ, ହରିହର ସାହୁ, ପ୍ରେମାନନ୍ଦ ସାମଲ, ସନ୍ୟାସୀ ଚରଣ ପ୍ରଧାନ, ବରିଷ୍ଠ ସାମ୍ବାଦିକ ରଞ୍ଜିତ ଦେହୁରୀ, ତପନ କୁମାର ବିଶ୍ୱାଳ, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## କେନ୍ଦୁପତ୍ର ଶ୍ରମିକ ସଶକ୍ତୀକରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୨୪।୫ (ସମିସ):** ରାଜ୍ୟ ସରକାରଙ୍କ ଜଙ୍ଗଲ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ଆଜି 'କେନ୍ଦୁପତ୍ର ଶ୍ରମିକଙ୍କର ସଶକ୍ତିକରଣ, ଅଧିକାର, ସୁଯୋଗ ଓ କଲ୍ୟାଣ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ କେନ୍ଦୁପତ୍ର ଭାଇ ଭଉଣୀମାନଙ୍କର ବଡ଼ ଯୋଗଦାନ ରହିଛି। ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାୟୀ ସମସ୍ୟାର ସମାଧାନ କରିବା ପାଇଁ ଆମ ଡବଲ ଇଞ୍ଜିନ ସରକାର ଯତ୍ନଶୀଳ। କେନ୍ଦୁପତ୍ର ଶ୍ରମିକଙ୍କର ସବୁ ପ୍ରତିଶ୍ରୁତି ପୂରଣ କରାଯିବ। ଏ ଦିଗରେ ଆଜିର କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ସରକାର ସବକା ସାଥ୍- ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସରେ କାମ କରୁଥିବା ସରକାର। ଏବେ ଡବଲ ଇଞ୍ଜିନ ସରକାରରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି। ସୁଭଦ୍ରା ଯୋଜନା ପ୍ରାୟ ଏକ କୋଟି ମାଆ ଭଉଣୀମାନଙ୍କୁ ସଶକ୍ତ କରିଛି। ରାଜ୍ୟର ପ୍ରାୟ ୮୦୦୦ କୋଟି ଟଙ୍କା ମୂଲ୍ୟର ୭ ଲକ୍ଷ ମେଟ୍ରିକ୍ ଟନ ଖରିଫ ଧାନ ସଂଗ୍ରହ ଏବଂ ହିତାଧିକାରୀଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ଡବଲ ଇଞ୍ଜିନ ସରକାରର କାମ କରିବାର ପ୍ରତିଫଳନ। ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀଙ୍କ ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ସମ୍ମାନ ବଢ଼ାଇବା ସହ କଲ୍ୟାଣକାରୀ ଯୋଜନା କରିବା ପାଇଁ କଟିବଦ୍ଧ। ସମ୍ବଲପୁରରେ ପ୍ରାୟ ୨ ଲକ୍ଷରୁ ୨.୫ ଲକ୍ଷ ପରିବାର ବସବାସ କରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମସ୍ତଙ୍କର କଲ୍ୟାଣ ତଥା ଆୟ ବୃଦ୍ଧି କରାଇବା ଡବଲ ଇଞ୍ଜିନ ସରକାରର ଦାୟିତ୍ୱ ରହିଛି। ଆମ ଡବଲ ଇଞ୍ଜିନ ସରକାରରେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢ଼ାଇବା ପାଇଁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ୫୦, ୦୦୦ ଅଟଲ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ମଧ୍ୟାହ୍ନ ଭୋଜନ ସମ୍ପ୍ରସାରଣ ହୋଇଛି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହା ପ୍ରଶଂସନୀୟ। ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦୁପତ୍ର ତୋଳାଳୀ ଏବଂ ନିର୍ମାଣ ଶ୍ରମିକ ହିତାଧିକାରୀମାନଙ୍କୁ ଶିକ୍ଷାବୃତ୍ତି, ମୃତ୍ୟୁକାଳୀନ, ଅନୁକମ୍ପାମୂଳକ ଏବଂ ଅନ୍ୟାନ୍ୟ ସହାୟତା ରାଶି ଆଦି ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ବଲପୁର ବିଜେଡି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୨୪।୫ (ସମିସ):** ସମ୍ବଲପୁର ଜିଲ୍ଲା ବିଜେଡ଼ି ନୂତନ ସଭାପତି ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀଙ୍କ ବାସଭବନରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଦଳ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହ ଏକ ବୈଠକର ଆୟୋଜିତ ହୋଇଥିଲା। ବୈଠକରେ ସମସ୍ତ ୱାର୍ଡର କର୍ମୀ ଉପସ୍ଥିତ ଥିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରା ଯାଇଥିଲା। ଆଗକୁ ସମ୍ବଲପୁରର ସାଧାରଣ ଜନତାପାଇ ନିଃସ୍ୱାର୍ଥରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଅନେକ ପୁରୁଣା, ଯୁବ, ଛାତ୍ର କର୍ମୀ ଉପସ୍ଥିତ ଥିଲେ।



## ପ୍ରୀତମ୍ ଓ ସାହିଲଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର






**ସମ୍ବଲପୁର, ୨୪।୫ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଛାତ୍ର ପ୍ରୀତମ ପ୍ରତ୍ୟୁଷ ବାରିକ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ଛାତ୍ର ସାହିଲ ଦାସଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ବଲପୁର ୰ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଛାତ୍ର ପ୍ରୀତମ ଚାରାରୋପଣ, ନାରୀ ସଶକ୍ତିକରଣ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସଚେତନତା ଓ ଯୋଗ ଶିକ୍ଷା ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜ ପାରିଦର୍ଶିତା ପ୍ରଦର୍ଶନ କରିଛନ୍ତି। ନିଜ ପାଠପଢ଼ା ଏବଂ ସାମାଜିକ କାର୍ଯ୍ୟକ୍ରମ ସହ ପ୍ରୀତମ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଯୋଗାସନରେ ରାଜ୍ୟ ଓ ଦେଶ ପାଇଁ ସୁନାମ ଅର୍ଜନ କରିଛନ୍ତି। ସେ ଯୋଗଶିକ୍ଷା ଗୁରୁ ଚିତ୍ତରଞ୍ଜନ ପଣ୍ଡାଙ୍କଠୁ ଗ୍ରହଣ କରିଥିବାବେଳେ ଡଃ ବିଶ୍ୱମୋହନ ଜେନାଙ୍କ ନେତୃତ୍ୱରେ ଜାତୀୟ ସେବା ଯୋଜନା ଜରିଆରେ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

ସେହିପରି ଜାତୀୟ ସେବା ଯୋଜନା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ସମ୍ବଲପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ଡିଗ୍ରୀ କଲେଜର ଛାତ୍ର ସାହିଲ ଦାସଙ୍କୁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ସାହିଲ ଦୀର୍ଘଦିନ ଧରି ଚାରାରୋପଣ, ନାରୀ ସଶକ୍ତିକରଣ, ରକ୍ତଦାନ ଶିବିର ଓ ଜନସଚେତନତା କାର୍ଯ୍ୟକ୍ରମ ମାନଙ୍କରେ ନିଜ ପାରଦର୍ଶିତା ପ୍ରଦର୍ଶନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ନିଜ ପାଠପଢ଼ା ଓ ସେବାକାର୍ଯ୍ୟକୁ ସମନ୍ୱୟ କରି ସାହିଲ ସମାଜର ଉନ୍ନତି ପାଇଁ ଅନେକ ସୃଜନଶୀଳ କାମ କରୁଛନ୍ତି।

### ବନ ବିଭାଗ ନିରବଦ୍ରଷ୍ଟା

# ଖାଦ୍ୟ ଅନ୍ୱେଷଣରେ ଜନବସତିମୁହାଁ ହାତୀ





**ସମ୍ବଲପୁର, ୨୪।୫(ସମିସ)**

ବଣୁଆ ହାତୀ ଖାଦ୍ୟ ଅନ୍ୱେଷଣ ପାଇଁ ଜନବସତି ପାଖ ଜଙ୍ଗଲକୁ ପଳାଇ ଆସିଛି। 'ଜଙ୍ଗଲ ପାଖ ରାସ୍ତାରେ ଛିଡ଼ା ହୋଇଛନ୍ତି ଲୋକ। କିଏ ପଥର ମାରୁଛି ତ କିଏ ପାଟି କରୁଛି। କିଛି ଦୂରରେ ଛିଡା ହୋଇ ଆମ୍ବ ଖାଉଛି ଦନ୍ତା। ହେଲେ ଲୋକଙ୍କ ମନରେ ଟିକେ ହେଲେ ଭୟ ନାହିଁ। ସବୁଠୁ ବିଚିତ୍ର କଥା ଏତେ ସବୁ ଘଟି ଯାଉଛି ବନ ବିଭାଗର ଜଣେ ହେଲେ କର୍ମଚାରୀ ସେଠାରେ ଦେଖା ନାହିଁ।ଏପରି ଘଟଣା ଦିନିକିଆ ନୁହେଁ ବୋଲି ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ହିରୋ ଗ୍ରାମର କିଛି ସଚେତନ ନାଗରିକ ଏଭଳି କହିଛନ୍ତି। ସୂଚନା ଯୋଗ୍ୟ, ଶନିବାର ଅପରାହ୍ନ ୫ଟାରେ ହିରୋ-ମାନେଶ୍ୱର ଦେଇ ଯାଇଥିବା ରାସ୍ତା ପେଟୁପାଲି ପୂର୍ବ ଜଙ୍ଗଲରେ ଏକ ଦନ୍ତା ଖାଦ୍ୟ ଖୋଜିବା ପାଇଁ ଆସିଥିଲେ। ପ୍ରଥମେ କିଛି ଲୋକ ରାସ୍ତାରେ ଅଟକିଯାଇ ଥିଲେ। ପରେ ପରେ ଅନେକ ଲୋକ ରାସ୍ତା ଉପରେ ଛିଡ଼ା ହୋଇ ଭିଡ଼ ଜମାଇଥିଲେ।

### ସଚେତନତା ଅଭାବ
### ଫଟୋ ଉଠାଇବାରେ ବ୍ୟସ୍ତ

ସୂଚନାଯୋଗ୍ୟ, ରବି ଫସଲ ଖାଇବା ଲାଗି ପଡ଼ିଆବାହାଲ ରେଞ୍ଜରେ ଅନେକ ସମୟରେ ହାତୀ ଦେଖିବାକୁ ମିଳୁଛି। ଏପରିକି ହାତୀ ଧାନ ଖାଇବା ସହ ଫସଲ ଦଳୁଛନ୍ତି, ଘର ଭାଙ୍ଗୁଛନ୍ତି। ଏପଟେ ବନ ବିଭାଗ କର୍ମଚାରୀ ଲୋକମାନଙ୍କୁ ମାଇକ୍ ଯୋଗେ ସଚେତନ କରୁଥିବା ବେଳେ ଲୋକମାନେ ସଚେତନ ହେବେ କଣ ହାତୀ ଦେଖିବାର ଆଳରେ ଭିଡ଼ ଜମାଇ ମଜା ନେବା ସହ ବିଭିନ୍ନ ଆଳରେ ହାତୀଙ୍କ ଯିବା ରାସ୍ତାକୁ ପ୍ରତିରୋଧ କରୁଛନ୍ତି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ ଲୋକେ ଠିକ ଭାବେ ମାନୁ ନାହାନ୍ତି। ଏହାସହ ବନ ବିଭାଗ ପକ୍ଷରୁ କୌଣସି କଡା ପାଟ୍ରୋଲିଂ ମଧ୍ୟ ରହିନାହି। ହିରୋ ଗ୍ରାମବାସୀଙ୍କ କହିବା ଅନୁସାରେ ପ୍ରାୟ ଦିନ ଉକ୍ତ ଜଙ୍ଗଲରେ ହାତୀମାନେ ଯିବା ଆସିବା କରିଥାନ୍ତି। କିନ୍ତୁ ବନ ବିଭାଗର କେବେ ହେଲେ ଦେଖା ନାହିଁ। ଲୋକେ ଉପସ୍ଥିତ ରହି ହାତୀକୁ ହଇରାଣ କରିଥାନ୍ତି, ପରେ ହାତୀ ନିଜେ ଜଙ୍ଗଲ ଭିତରକୁ ଫେରିଯାଇଥାଏ। ଆଜିର ଘଟଣାରେ ମଧ୍ୟ ସମାନ ହଇରାଣର ଦୃଶ୍ୟ ଦେଖିବାକୁ ମିଳିଥିଲା। ରାସ୍ତା ଉପରେ ଯାଉଥିବା ଗାଡ଼ିରୁ ଲୋକ ଓହ୍ଲାଇ ଆସି ହାତୀ ଦେଖିବାରେ ବ୍ୟସ୍ତ ଥିଲେ। କେହି କେହି ହାତୀର ଫୋଟ ଉଠାଇବାରରେ ମଧ୍ୟ ଲାଗି ପଡ଼ିଥିଲେ। ଅଧିକାଂଶ ପାଟି କରିବା ସହ ପଥର ମାରିବାରେ ଲାଗିଥିଲେ। ହାତୀଙ୍କୁ ଦେଖି ଲୋକମାନେ ଚିତ୍କାର କରିବା ସହ ହାତୀଙ୍କୁ ଘଉଡାଇବା ଭଳି ପରିସ୍ଥିତି ସୃଷ୍ଟି କଲେ ହାତୀ ଓ ମଣିଷଙ୍କ ମଧ୍ୟରେ ସମସ୍ୟା ହେବାର ସମ୍ଭାବନା ରହିଥିବା ଜଣେ ପଶୁପ୍ରେମୀ ମତ ରଖିଛନ୍ତି। ତେଣୁ ହାତୀଙ୍କ ସୁରକ୍ଷା ପାଇଁ ସବୁବେଳେ ବନ ବିଭାଗ ଉପସ୍ଥିତ ରହିବା ସହ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ, ୨ ଗୁରୁତର

**ସମ୍ବଲପୁର, ୨୪।୫ (ସମିସ) :** ବୁର୍ଲା ଥାନା ଗୋଶାଳା ଫାଣ୍ଡି ଲଡୁଖାଇ ଛକ ନିକଟରେ ରାତି ପ୍ରାୟ ୧୧ଟା ସମୟରେ ଏକ କାର ସମ୍ବଲପୁର ପଟୁ ଗୋଡ଼ଭଗା ପଟକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡର୍ ଡେଇଁ ଆରପଟକୁ ଯାଇ ସମ୍ମୁଖରେ ଆସୁଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ କାରରେ ବସିଥିବା ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସର ସୂଚନା ଅନୁଯାୟୀ, ମୃତ ଦୁଇଜଣ ମନିଷ ଯାଦବ ଓ ସୁବ୍ରତ ସାହୁ ଏବଂ ଆହତମାନେ ହେଲେ ସୌରଭ ଗୁପ୍ତା ଓ ଆକାଶ ପଟ୍ଟନାୟକ। ସମସ୍ତେ ଗୋଡ଼ଭଗା ଅଞ୍ଚଳର ହୋଇଥିବା ବେଳେ ବୟସ ପାଖାପାଖି ୨୫ ରୁ ୨୮ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି।



## ବରଦାକାନ୍ତ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ସମ୍ବଲପୁର, ୨୪।୫(ସମିସ):** ସମ୍ବଲପୁର ଦୁର୍ଗାପାଲି ଠାରେ ଜୟଦୁର୍ଗା ଯୁବକ ସଂଘ ପକ୍ଷରୁ ବରଦାକାନ୍ତ ସ୍ମାରକୀ ତ୍ରିଦିବସୀୟ ଜିଲ୍ଲସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଶନିବାର ଦିନ ଉଦଘାଟିତ ହୋଇଯାଇଛି। ଏହାକୁ ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ମେଘନାଦ ପ୍ରଧାନ ଓ ମନୋଜ ଖେମକା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସାମାଜିକ ସଂଗଠନ ସେବା ପକ୍ଷରୁ ସଭାପତି ଛତ୍ରପତି ଡକ୍ଟର ଦିପକ ପାଣ୍ଡେଙ୍କ ସମେତ ସେବାର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ ମଧ୍ୟ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳି ତଥା ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳର ମୋଟ ୧୬ ଗୋଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ବବଲୁ ଚାଆଁର, ନାରାୟଣ ଦେଓ ଉପସ୍ଥିତ ରହି ପରିଚାଳନା କରିବାରେ ସହଯୋଗ କରିଥିଲେ।

# ବସେଇକେଲା କୃଷକ ବଜାର ଧାନକ୍ରୟ ଆରମ୍ଭ



**ଭେଡେନ, ୨୪।୫(ସମିସ):** ଭେଡେନ ପ୍ରାଥମିକ କୃଷି ସମବାୟ ସମିତି ଭେଡେନ ବ୍ଲକ ଅଧୀନ ବସେଇକେଲା କୃଷକ ବଜାରରେ ଶନିବାର ଧାନକ୍ରୟ ଆରମ୍ଭ କରିଛି। ଭେଡେନ ପାକ୍ସ ସଭାପତି ହରିଶଙ୍କର ବେହେରା, ନିର୍ଦ୍ଦେଶକ ସୁବଳ ପଧାନ, ଆର୍‌ଏମ୍‌ସି ଡାଇରେକ୍ଟର ବଳରାମ ଛନ୍ଦ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଚାଷୀ ରକ୍ଷାକର ବେହେରାଙ୍କ ୩୦୦ପ୍ୟାକେଟ୍ ୧୩୦ କ୍ୱିଣ୍ଟାଲ ଧାନ ପ୍ରଥମ କରି କିଣାଯାଇ ମିଲ୍‌କୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏମ୍‌ସି ଇନ୍‌ଚାର୍ଜ ଉଦୟ ଷାଣ୍ଡ, ପାକ୍ସ କର୍ମଚାରୀ ପ୍ରମୋଦ ବାରିକ, ନିରୋଜ ବେହେରା, ଟିକେଶ୍ୱର ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଧାନକ୍ରୟ ଆରମ୍ଭରେ ଚାଷୀ ବାସୁଦେବ ପଟେଲ, ଭଗବାନ ସେଠ, ସିଦ୍ଧେଶ୍ୱର ପାଣିଗ୍ରାହୀ, ଜୟରାମ କରନ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ରକ୍ଷାକାର ବେହେରା, ଡ୍ରାଇଭର ସତ୍ୟଜିତ ମାଝି ଓ ଆର୍‌ଏମ୍‌ସି କର୍ମଚାରୀ ଉଦୟ ଷାଣ୍ଡଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଚାଷୀ ତଥା ପଣ୍ଡିତ ସିଦ୍ଧେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଭାରତୀୟ କିଷାନ ସଂଘର ମଣ୍ଡି ପରିଦର୍ଶନ



**ବରଗଡ଼, ୨୪।୫ (ସମିସ):** ଭାରତୀୟ କିଷାନ ସଂଘର ଓଡ଼ିଶା ପ୍ରଦେଶ ସଭାପତି ଓ ବରଗଡ଼ ଜିଲ୍ଲା କର୍ମକର୍ତ୍ତାଙ୍କ ବିଭିନ୍ନ ମଣ୍ଡି ପ୍ରଦର୍ଶନ ଶନିବାର ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟାୟକ୍ରମେ କଳାପାଣି, ଗୋଡ଼ଭଗା ଓ ଅତାବିରା ମଣ୍ଡି ପରିଦର୍ଶନ କରାଯାଇଥିଲା। ମଣ୍ଡି ବ୍ୟବସ୍ଥାର ସୁଧାର ଉପରେ ଚାଷୀ ତଥା ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନକୁ ଟୋକନ ଆସିବା ପର୍ଯ୍ୟନ୍ତ ରଖିବାର ସରକାରୀ ବ୍ୟବସ୍ଥା ସକାଶେ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ଧାନ ଆସିବା ଅନୁସାରେ ଉଠାଣରେ ବିଳମ୍ବ ସକାଶେ ଉଦ୍‌ବେଗ ପ୍ରକାଶ କରିଥିଲେ। ମଣ୍ଡିରେ ଅଖା ବସ୍ତାର ବ୍ୟବସ୍ଥା ପର୍ଯ୍ୟାପ୍ତ ନ ଥିବାରୁ ଚିନ୍ତାବ୍ୟକ୍ତ କରିଥିଲେ। ଇ-ନାମ ମାର୍କେଟିଂ ଉପରେ ସେମିନାର କରିବାକୁ ଅତାବିରା ଓ ବରଗଡ଼ ଆରଏମ୍‌ସି ସମ୍ପାଦକଙ୍କୁ ପ୍ରସ୍ତାବ ଦେଇଥିଲେ। ପର୍ଯ୍ୟବେକ୍ଷକ ଦଳରେ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର, ଭୁପାଳ ବିଶି, ସୁରେଶ୍ରୁ ନିକେଣ୍ଡି, ଚୈତନ୍ୟ କର୍ଣ୍ଣ ପ୍ରମୁଖ ମଣ୍ଡି ବ୍ୟବସ୍ଥାକୁ ତଦାରଖ କରିଥିଲେ।

# ରକ୍ତଦାନ କରି ପ୍ରସୂତିଙ୍କ ଜୀବନ ବଞ୍ଚାଇଲେ



**ବରଗଡ଼, ୨୪।୫(ସମିସ):** ଗ୍ରୀଷ୍ମ ଋତୁରେ ବରଗଡ଼ ସମେତ ସମସ୍ତ ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଥିବା ବିପଦ ବେଳେ ରକ୍ତ ପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅତ୍ୟଧିକ ଗରମ ହେଉଥିବାରୁ ରକ୍ତଦାନ ଶିବିର ଆୟୋଜନ ମଧ କମିଯାଇଛି। ଯଦ୍ୱାରା ରକ୍ତଭଣ୍ଡାରରେ ସାଧାରଣ ବର୍ଗର ରକ୍ତ ମଧ ମିଳୁନାହିଁ। ଏଭଳି ସମୟରେ ବରଗଡ଼ର ଏକ ଘରୋଇ ଚିକିତ୍ସାଳୟରେ ଜଣେ ପ୍ରସୂତିଙ୍କ ରକ୍ତର ଆବଶ୍ୟକତା ରହିଥିଲା। ଏହା ଜାଣିବା ପରେ ସଂକଳ୍ପ ପରିବାରର ତରୁଣ ପଟେଲ ସ୍ୱେଚ୍ଛାକୃତ ଭାବେ ରକ୍ତ ଭଣ୍ଡାରକୁ ଆସି ରକ୍ତଦାନ କରିଥିଲେ। ତରୁଣ ନିୟମିତ ବ୍ୟବଧାନରେ ପର୍ଯ୍ୟାୟକ୍ରମେ ରକ୍ତଦାନ କରି ଆସୁଛନ୍ତି। ପ୍ରାୟ ବର୍ଷେ ଭିତରେ ୩ ଥର ରକ୍ତଦାନ କରିଛନ୍ତି। ରକ୍ତଦାନ କରିବା ପରେ ଅତ୍ୟନ୍ତ ଖୁସି ଅନୁଭବ କରିବା ସହିତ ଅନ୍ୟମାନଙ୍କୁ ମଧ ନିୟମିତ ଭାବେ ରକ୍ତଦାନ କରିବା ପାଇଁ ତରୁଣ ବାର୍ତ୍ତା ଦେଇଛନ୍ତି।

## ମଣ୍ଡିରେ ଦଲାଲରାଜ ଅଭିଯୋଗ

# ବିଲରୁ ଉଠିନି ଧାନ, ଟୋକନ୍‌ରେ ବିକ୍ରି ସରିଲାଣି

**ବରଗଡ଼, ୨୪।୫(ସମିସ)**

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ମାର୍କେଟ ୟାର୍ଡ ମାନଙ୍କରେ ଦଲାଲ୍ ରାଜ ଖୋଲାଖୋଲି ଭାବେ ଚାଲିଛି। ଚାଷୀ ଖେତରେ ଏପର୍ଯ୍ୟନ୍ତ ଧାନ କାଟି ନାହିଁ କିନ୍ତୁ ସମ୍ପୃକ୍ତ ଚାଷୀ ନାମରେ ଧାନ ବିକ୍ରି ହୋଇ ସାରିଲାଣି। ଏପରି ଗୁରୁତର ଅଭିଯୋଗ ହୋଇଛି ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅଧୀନ ସତଲମା ଧାନ ମଣ୍ଡିରେ। ସେହି ଧାନ ବିଷୟରେ ଧାନବିକ୍ରି ପ୍ରକ୍ରିୟାର ତଦାରଖ କରୁଥିବା ଚାଷୀ କମିଟିକୁ ଜଣାନାହିଁ। ଏପରି ଅଭିଯୋଗ ନେଇ ସତଲମା ମାର୍କେଟ ୟାର୍ଡର ଚାଷୀ ଶନିବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଅଫିସ ବନ୍ଦ ଥିବା କାରଣରୁ ସେମାନେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଘଟଣା ସମ୍ପର୍କରେ ଫୋନ ମାଧ୍ୟମରେ ଜଣାଇଥିଲେ। ଘଟଣାର ଉଚିତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ।



ସୂଚନା ଅନୁଯାୟୀ ମେ ୨୪ ତାରିଖ ସୁଦ୍ଧା ୨୬ ଜଣ ଚାଷୀଙ୍କ ଠାରୁ ୧୪୮୬ କ୍ୱିଣ୍ଟାଲ ଧାନ କିଣା ସରିଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ୨୬ ଜଣ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୦ଜଣ ଚାଷୀ ଏ ପର୍ଯ୍ୟନ୍ତ ଧାନ ଅମଳ ମଧ କରିନାହାନ୍ତି। ଗାଁର ଜଣେ ଧାନ ବେପାରୀ ତଥା ମିଲ୍ ମାନଙ୍କର ଏଜେଣ୍ଟ ନିଜ ଚିହ୍ନାରେ ଛତିଶଗଡ଼ର ନିମ୍ନ ମାନର ଶସ୍ତା ଧାନ ଆଣିଛନ୍ତି। ଚାଷୀଙ୍କୁ ପ୍ରଲୋଭିତ କରି ତାଙ୍କ ନାମରେ ମାର୍କେଟରେ ପକାଇ ସେହି ଧାନକୁ ବିକ୍ରି କରୁଛନ୍ତି। ଏହାକୁ ନେଇ ସତଲମା ମାର୍କେଟ ୟାର୍ଡର ପ୍ରାୟ ୩୫ଜଣ ଚାଷୀ ଜିଲ୍ଲା ପ୍ରଶାସନ ଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଚାଷୀ ଆଜି କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଥିଲେ। ଅତିଶୀଘ୍ର ସ୍କ୍ୱାଡ ପଠାଇ ଘଟଣାର ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଚାଷୀମାନଙ୍କୁ କହିଥିଲେ।

ସରକାର ଟୋକନ ତିଆରି କରିବା ପୂର୍ବରୁ ଚାଷୀର ଜମିକୁ ସାଟେଲାଇଟ୍ ମାଧମରେ ତଥା ରେଭେନ୍ୟୁ ବିଭାଗ ମାଧମରେ ତଦନ୍ତ କରି ଟୋକନ୍ ଦେଇଥାନ୍ତି। ଏ ପରିପ୍ରେକ୍ଷୀରେ ଯଦି ସେଭଳି ତଦନ୍ତ ହୁଏ ତା'ହେଲେ ଛତିଶଗଡ଼ର ଧାନ କିଭଳି ଦଲାଲଙ୍କ ଜରିଆରେ ପ୍ରକ୍ରିୟା କରାଯାଉଛି ତାହା ସ୍ପଷ୍ଟ ହୋଇଯିବ ବୋଲି ଚାଷୀ କହିଛନ୍ତି। ଏଥିରେ ଯିଏ ଦୋଷୀ, ସେ ଚାଷୀ ହେଉ କି ଦଲାଲ୍ କି ପ୍ରାଶାସନିକ ଅଧିକାରୀ ତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସଲଲମା ମାର୍କେଟର ଚାଷୀ ଚଞ୍ଚଳ ପ୍ରଧାନ, ଦୁଷ୍ମନ୍ତ ସାହୁ, ସୁବାଷ ବଡ଼େଇ, ଫଗୁନୁ ସାହୁ, ଦେବାନନ୍ଦ ସାହୁ, ଜୟଦେବ ସାହୁ, କିଶୋର ସାହୁ, ପାରେଶ୍ୱର ସାହୁ, ବୈଶାଖୁରଣା, ଦୁର୍ଯ୍ୟୋଧନ ସାହୁ, ଭାଗବତ ପୂଜାରୀ, ମନୋଜ ସାହୁ, ସୁଶାନ୍ତ ଜାଲ, ସୁନୀଲ ସାହୁ, ବିଶିକେଶନ ବଡ଼େଇ, ବିଜୟ ପାତ୍ର, ଧୀରେନ ସେଠ, ରୁକ୍ମଣ ସାହୁ, ବୈଲୋଚନ ସାହୁ, ମାନସ ବେହେରା, ସମୀର ସାହୁ, ଦିନେଶ ସାହୁ, ବିବେକ ସାହୁ, ଯଦୁନନ୍ଦନ ପ୍ରଧାନ, ପ୍ରସାନ୍ତ ସାହୁ, କୈଳାସ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହି ସମୟରେ ଜୟ କିଷାନ ଆନ୍ଦୋଳନର ଜିଲ୍ଲା ସଭାପତି ସୁଶୀଲ ସାହୁ ଯୋଗ ଦେଇଥିଲେ।

# ଶୀତଳଷଷ୍ଠୀ ନିମନ୍ତେ ଲାୟନ୍ସ କ୍ଲବ୍‌ର ପ୍ରସ୍ତୁତି ବୈଠକ

**ପଦ୍ମପୁର, ୨୪।୫(ସମିସ):** ଲାୟନ୍ସ ଭବନ ପରିସରରେ ଚଳିତବର୍ଷ ଶୀତଳଷଷ୍ଠୀ ଶୋଭାଯାତ୍ରାକୁ ନେଇ ପଦ୍ମପୁର ଲାୟନ୍ସ କ୍ଲବ୍‌ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରୀତମ୍ ମେହର ଏଥିରେ ସଭାପତିତ୍ୱ କରିଥିଲେ। ଶୀତଳଷଷ୍ଠୀ ଶୋଭାଯାତ୍ରା ପ୍ରତିବର୍ଷ ବହୁ ଜନସମାଗମ ହୋଇଥାଏ। ଏବେ ପ୍ରବଳ ଗରମ ହେଉଥିବାରୁ ଏହାକୁ ଆଖିରେ ରଖି ଆସନ୍ତା ୩୧ରେ କଚେରୀ ଛକ ଠାରେ ଥଣ୍ଡା ସର୍ବତ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ସଭାରେ ଲାୟନ୍ସ କ୍ଲବ୍‌ର ବେଣୁ ମାଧବ ଦୋରା, ଚିତ୍ତରଞ୍ଜନ ଦାଶ, ବିନୋଦ ବିହାରୀ ମିଶ୍ର, ସୌମ୍ୟଜିତ୍ ପାଢ଼ୀ, ହିମାଂଶୁ ଯୋଶୀ, ସଦାନନ୍ଦ ପୁରୋହିତ ଓ ଅନ୍ୟ ସଭ୍ୟବୃନ୍ଦ ଯୋଗ ଦେଇଥିଲେ।

# ଚିରୋଲି ଓ ଜଟେଶିରା ରାସ୍ତାକାମ ସାରିବାକୁ ଦାବି



**ବରଗଡ଼, ୨୪।୫(ସମିସ):** ଝାରବନ୍ଧ ବ୍ଲକ ଜଗଦଳପୁର ପଞ୍ଚାୟତ ବଡ଼କୁଞ୍ଜାରୀ ଛକରୁ ଚଣ୍ଡୀଭଟା ପଞ୍ଚାୟତ ଅଧୀନ ଜଟେଶିରା ବାଟ ଦେଇ କୁମୀର ପର୍ଯ୍ୟନ୍ତ ପିଚୁରାସ୍ତା ନିର୍ମାଣ କରାଯାଇଛି। ଦୀର୍ଘ ଦିନର ସମସ୍ୟା ପରେ ଏହି ରାସ୍ତା ତିଆରି ହୋଇଛି। ହେଲେ ଚିରୋଲି ଗାଁରେ ଏହି ରାସ୍ତା ହାରାହାରି ଦଶ ମିଟରରେ ଅଧା କାମ ହୋଇ ମେଟାଲ ପଡ଼ି ରହିଛି। ଅନ୍ୟପଟେ ଜଟେଶିରାରୁ କୁମୀର ବାଟରେ ମଧ ହାରାହାରି ୧୦ ମିଟର ବି ରାସ୍ତା କାମ ନହୋଇ ଖାଲଖମା ହେଇ ପଡ଼ିଛି। ଅସରାଏ ବର୍ଷା ହେଲେ କାଦୁଅରେ ଚାଲିକି ଯିବା ଆସିବା ମଧ ମୁସ୍କିଲ ହୋଇ ପଡୁଛି। ଜଗଦଳପୁରରୁ ଝାରବନ୍ଧକୁ ଏହି ରାସ୍ତା ସଂଯୋଗ କରୁଥିବାରୁ ଦୈନିକ ଶହ ଶହ ଲୋକ ଯିବା ଆସିବା କରନ୍ତି। ସେଥିରେ ରାସ୍ତା ଏପରି ଅବସ୍ଥାରେ ପଡ଼ିରହିବା ସତ୍ତ୍ୱେ ଠିକାଦାର କିମ୍ବା ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନାହିଁ। ପ୍ରତିଦିନ ଉଭୟ ସ୍ଥାନରେ ଅନେକ ଦୁର୍ଘଟଣା ଘଟୁଛି, ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପୂର୍ବରୁ ଅଧା ପଡ଼ିଥିବା ରାସ୍ତା ଗୁଡ଼ିକୁ ସମ୍ପୂର୍ଣ କରିବା ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଲୋକଙ୍କ ପକ୍ଷରୁ ଦାବି ହେଉଛି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

**ଦହିତା, ୨୪।୫ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦେବା ପାଇ ବହୁଦିନରୁ ଦାବି ହୋଇ ଆସୁଅଛି। ଅଦ୍ୟାବଧି କୌଣସି ସୁଫଳ ମିଳୁ ନଥିବାରୁ ଅଞ୍ଚଳରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି। ୧୯୮୬ ମସିହାରେ ସ୍ଥାପିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠାକୁ ୩୯ ବର୍ଷ ହେବା ସତ୍ତ୍ୱେ ଆଶାନୁରୂପ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଫାର୍ମାସିଷ୍ଟ ପଦ ଦୀର୍ଘ ଦିନ ହେଲା ଖାଲି ପଡ଼ିଛି। ସେଥିରେ ଏଠାରେ ଅବସ୍ଥାପିତ ଡାକ୍ତରଙ୍କୁ ଜମଲା ଗୋଷ୍ଠୀକେନ୍ଦ୍ରକୁ ଡେପୁଟେସନରେ ନିଆଯାଇଛି। ସେ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧା ଅଧା ଦିନ ଆସୁଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମଧୁମେହ ରୋଗୀ ରକ୍ତପରୀକ୍ଷା ପାଇଁ ଗଲେ କିଟ୍ ନଥିବାରୁ ନିରାଶ ଫେରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଠିକ ଭାବେ ଔଷଧ ଯୋଗାଣ ହେଉନଥିବା ମଧ ଅଭିଯୋଗ ହେଉଛି। ମଳମୂତ୍ର, ମ୍ୟାଲେରିଆ ରକ୍ତପରୀକ୍ଷା ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦହିତା ପଞ୍ଚାୟତ ଡଙ୍ଗାଛଞ୍ଚା, ଆମ୍ବବାହାଲ, ଅମ୍ବାଦହନ, ଲେନ୍ଦ୍ରାପାଳି, ସରଗିପାଳି, ଶାନ୍ତିପୁର, ବିଜାମାଲ ଏବଂ ଖଳିଆପାଳି ପଞ୍ଚାୟତର ଅନେକ ଗାଁର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦେବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ରବୀନ୍ଦ୍ର ଦାଶଙ୍କ ପରଲୋକ

**ଅତାବିରା, ୨୪।୫ (ସମିସ):** ଅତାବିରାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ଶଙ୍କର ଦାଶଙ୍କ ମଧ୍ୟମ ପୁତ୍ର ରବୀନ୍ଦ୍ର ଦାଶ(୪୨)ଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ



ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ଦୁଇ ବର୍ଷ ହେଲା ଚାକିରିରୁ ଅବ୍ୟାହତି ନେଇ ବ୍ୟବସାୟ କରୁଥିଲେ। ଦୀର୍ଘ ଦିନ ହେଲା ତାଙ୍କ ଖାଦ୍ୟ ନଳୀର ତଳ ଅଂଶରେ ସଂକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଥିଲେ। କିଛି ଦିନ ତଳେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ସଂକ୍ରମଣ ବଢ଼ିବାରୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଶନିବାର ସକାଳେ ତାଙ୍କ ପାର୍ଥୀବ ଶରୀର ଅତାବିରା ସ୍ଥିତ ବାସଭବନକୁ ଅଣାଯିବା ପରେ ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ମୃତ୍ୟୁ ପରେ ପତ୍ନୀ, ଦୁଇ ପୁଅ ଝିଅ, ବଡ଼ ଭାଇ ଜିତେନ୍ଦ୍ର, ସାନ ଭାଇ ଡ.ଶୋଭେନ୍ଦ୍ର ଦାଶ, ପରିବାର ବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ଅନ୍ତିମଦର୍ଶନ ସମୟରେ ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବଡ଼ ଭାଇ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଭୂତପୂର୍ବ ସୈନିକ ସଂଘର ବାର୍ଷିକ ସାଧାରଣ ସଭା

**ବରଗଡ଼, ୨୪।୫(ସମିସ):** ବରଗଡ଼ ଜିଲ୍ଲା ଭୂତପୂର୍ବ ସୈନିକ ସଂଘର ବାର୍ଷିକ ସାଧାରଣ ସଭା ବରାହଗୁଡ଼ା ସ୍ଥିତ ଲା ଫ୍ଲୋରା ଇକୋ ରିଟ୍ରିଟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର ବାର୍ଷିକ ଆର୍ଥିକ ବିବରଣୀ ପାଠ କରାଯାଇଥିଲା। ପ୍ରଥମ ଥର ଭୋଟ ଦ୍ୱାରା ପୁରୁଷ ଏବଂ ମହିଳା ଗ୍ରୁପ୍‌ର କାର୍ଯ୍ୟକାରିଣୀ ପଦବୀ ଚୟନ କରାଗଲା। ପୁରୁଷ ଗ୍ରୁପର ସଭାପତି ଭାବେ ବିଦ୍ୟୁତ୍ ଦାଶ, ଉପସଭାପତି ମାନସ ଚାନ୍ଦ, ସମ୍ପାଦକ ସୂର୍ଯ୍ୟ ପ୍ରସାଦ ଦାଶ, ସହ ସମ୍ପାଦକ ସୁବ୍ରତ ଷଡ଼ଙ୍ଗୀ, କୋଷାଧକ୍ଷ ବିଭୂତି ଭୂଷଣ ଖାଡ଼ଙ୍ଗା, ସହ କୋଷାଧକ୍ଷ ଓମ୍ ପ୍ରକାଶ ଦାଶ ତଥା ମହିଳା ଗ୍ରୁପ୍‌ର ସଭାପତି ଭାବେ ପ୍ରଭାସିନୀ ଦାଶ, ଉପ ସଭାପତି ସୁଜାତା ପ୍ରଧାନ, ସମ୍ପାଦକ ଅନୁପମା ମିଶ୍ର, ସହ ସମ୍ପାଦକ ସୁନୀତା ଦାଶ ଏବଂ ରୀନା ଭୋଇ, କୋଷାଧକ୍ଷ ପଙ୍କଜିନୀ ସାହୁ ନିର୍ବାଚିତ ହେଲେ। ଶେଷରେ ମାନସ ଚାନ୍ଦଙ୍କ ଧନ୍ୟବାଦ ସହ ସଭା ସମାପନ ହୋଇଥିଲା।

# ବରିକେଲ ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା




**ପଦ୍ମପୁର, ୨୪।୫(ସମିସ):** ବିଜେପି ପଦ୍ମପୁର ନିର୍ବାଚନ ମଣ୍ଡଳୀ ବରିକେଲ ମଣ୍ଡଳ ଦ୍ୱାରା ବରିକେଲ ଗାଁରେଦେଶର ସାର୍ବଭୌମତ୍ୱ ବଜାୟ ରଖିବା ଏବଂ ବୀର ଯବାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଶନିବାର ତ୍ରିରଙ୍ଗା ଶୋଭାଯାତ୍ରା ହୋଇଛି। ଶୋଭାଯାତ୍ରାରେ ବିଜେପି ପଦ୍ମପୁର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ, ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସାହୁ, ସରପଞ୍ଚ ଦିନେଶ ସେଠ, ସମିତି ସଦସ୍ୟ ମନ୍ତ୍ର ସେଠ, କାଉନସିଲର ଚିନ୍ମୟ ପଣ୍ଡା, ମଣ୍ଡଳ ସଭାପତି ଦିବ୍ୟ ପଧାନ, ସୁନିଲ ଅଗ୍ରୱାଲ, ଟୁନା ଡନସନା, ଅକ୍ଷୟ ସାହୁ, ଜନକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯକ୍ରମକୁ ବରିକେଲ ପଞ୍ଚାୟତର ଟୁକୁ ପାତ୍ର, ଗୋଲକ ମେହେର, ରାଜେଶ ସାହୁ, ଅନନ୍ତ ସାହୁ, କ୍ଷେତ୍ରପାଲ ସାହୁ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# ପିଏମ୍‌ଶ୍ରୀ ବାଳିକା ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ

**ବରଗଡ଼, ୨୪।୫(ସମିସ):** ବରଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ପିରାମଲ ଫାଉଣ୍ଡେସନର ସହଯୋଗରେ ବରଗଡ଼ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୫ଦିନିଆ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜ ଭୂଏ ଯୋଗ ଦେଇଥିଲେ। ଶିବିରରେ ଚେତନା ଗୀତ, ପ୍ରାଥମିକ ଚିକିତ୍ସା ତାଲିମ୍, ବର୍ଜ୍ୟବସ୍ତୁରୁ ବିଭିନ୍ନ ଜିନିଷ ତିଆରି କରିବା, ନୃତ୍ୟଗୀତ ଅଭିନୟ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଶାନ୍ତି ସୁନା କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନୂତନ କୌଶଳ ଶିଖିବା ଓ ତାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ପାଇଁ ଉତ୍ସାହିତ କରିଥିଲେ। ପିରାମଲ ଫାଉଣ୍ଡେସନର ପ୍ରୋଗ୍ରମ୍ ଲିଡର୍ ପୁନମ ନାୟକ, ଭଜନୀଶ, ଇସୁ ବସ୍ତ୍ର, ଶୁଭଶ୍ରୀ ପ୍ରଧାନ, ରିତୁ ମିଶ୍ର, ଦିପ୍ତିମୟୀ ସେଠ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।



# ପରୀକ୍ଷା ଫଳ ପ୍ରକାଶ ଦାବିରେ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ

## ବିଧାୟିକାଙ୍କ ସମର୍ଥନ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସାଂସଦ

**ପଦ୍ମପୁର, ୨୪।୫(ସମିସ)**

କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଦ୍ୱାରା ଗତ ୧୩ରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳାଫଳ ପ୍ରକାଶ ପାଇସାରିଛି। କିନ୍ତୁ ପଦ୍ମପୁର ଉପଖଣ୍ଡର ପଦ୍ମପୁର, ପାଇକମାଳ, ଗାଇସିଲଟ, ସୋହେଲା ଆଦର୍ଶ ବିଦ୍ୟାଳୟ ସମେତ ଯେନିଥ ଗୁରୁକୁଳ, ପଦ୍ମପୁର ପବ୍ଲିକ ବିଦ୍ୟାଳୟ ଆଦି ୬ଟି ବିଦ୍ୟାଳୟର ପରୀକ୍ଷା ଫଳାଫଳ ପ୍ରକାଶ ପାଇନାହିଁ। ଅଭିଭାବକଗଣ କେନ୍ଦ୍ରୀୟ ବୋର୍ଡ କର୍ତ୍ତୃପକ୍ଷ, ବରଗଡ଼ ସାଂସଦ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା ସୁଫଳ ମିଳିଲା ନାହିଁ। ଶେଷରେ ଅନୋନ୍ୟପାୟ ହୋଇ ଶନିବାର ସମସ୍ତ ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଓ



ସେମାନଙ୍କ ଅଭିଭାବକଗଣ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଆନ୍ଦୋଳନ ସ୍ଥଳକୁ ବିଧାୟିକା ବର୍ଷା ସିଂ ବରିହା ଆସି ସମର୍ଥନ ଜଣାଇଛନ୍ତି। ସମସ୍ତ ବିଦ୍ୟାଳୟର ଅଭିଭାବକ ମାନେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ଲିଖିତ ଅନୁରୋଧ କରିଥିଲେ। ସାଂସଦ ଶ୍ରୀ ବିଶି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ପରୀକ୍ଷା ଫଳାଫଳ ପ୍ରକାଶ କରିବାକୁ ଦାବି ଜଣାଇଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଲୋଚନା ପାଇଁ ଛାତ୍ରଛାତ୍ରୀ ମଣ୍ଡଳୀର ଏକ ପ୍ରତିନିଧି ମଣ୍ଡଳୀଙ୍କୁ ସମ୍ବଲପୁର ଆମନ୍ତ୍ରଣ କରିଛନ୍ତି।

> କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଆଜି ସମ୍ବଲପୁରରେ ଅଭିଭାବକ ଓ ଛାତ୍ରଛାତ୍ରୀ ଆଲୋଚନା କରିଛନ୍ତି। ଆସନ୍ତା ମଙ୍ଗଳବାର ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଏନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧରେ ଆଲୋଚନା ହୋଇ ଆସନ୍ତା ମଙ୍ଗଳବାର ଯାଏଁ ଅନଶନକୁ ସ୍ଥଗିତ କରାଗଲା ଏବଂ ଫଳାଫଳ ପ୍ରକାଶ ନହେଲେ ପୁଣି ବୁଧବାରରୁ ଆନ୍ଦୋଳନ ହେବ ବୋଲି କୁହାଯାଇଛି।

# ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି ଶେଷ

**ପଦ୍ମପୁର, ୨୪।୫(ସମିସ):** ତୃତୀୟ ସାର୍ବଜନୀନ ଶୀତଳଷଷ୍ଠୀ କମିଟି ପଦ୍ମପୁର ତରଫରୁ ପୁରୁଣା ବସ୍ତି ସ୍ଥିତ କଣ୍ଟାବନ୍ଧ ସଂଲଗ୍ନ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଏବଂ ଜଗତଜନନୀ ମାତା ପାର୍ବତୀଙ୍କର ବିବାହ ଉତ୍ସବକୁ ନେଇ ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସାମ୍ବାଦିକ




ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଛି। ଶୀତଳଷଷ୍ଠୀ ଉପଲକ୍ଷେ ଏହି ବିବାହ ଉତ୍ସବ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। କନ୍ୟା ମାତା ପିତା ଭାବେ ସ୍ୱର୍ଣ୍ଣକାନ୍ତି ସାହୁ ଓ କେଦାର ସାହୁ ଦାୟିତ୍ୱ ବହନ କରୁଥିବା ବେଳେ ବର ମାତାପିତା ଭାବେ ତାରାବତୀ ମେହେର ଓ ଚନ୍ଦନ ମେହେର ଦାୟିତ୍ୱ ନେଇଛନ୍ତି। ଉତ୍ସବ ପାଇଁ ଅଶୋକ ଖେଳପଡ଼ିଆରେ ମୀନାବଜାରର ଆୟୋଜନ କରାଯାଇଛି। ୩୦ରେ ମନ୍ଦିର ପ୍ରାଙ୍ଗଣରେ ସୁପରିଚିତ ପାରାୟଣ ଗାୟିକା ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ଓ ସାଥି ବିଜ୍ଞାସୀ ବାରିକଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ହେବ। ୨୯ରେ ମାତା ପାର୍ବତୀଙ୍କର ପିତା ଗୃହେ ଆଗମନ, ସନ୍ଧ୍ୟାରେ ସପ୍ତ ଋଷିଙ୍କ ଦ୍ୱାରା ପତର ପେଣ୍ଡି ଉତ୍ସବ ଏବଂ ୩୦ରେ ମାତା ପାର୍ବତୀଙ୍କର ଅଳଙ୍କାର ଧାରଣ କରାଯିବ। ୩୧ରେ ଅମୃତ ବେଳା ଦେଖି ଭକ୍ତଙ୍କ ମେଳିରେ ମନ୍ତ୍ରୋଚ୍ଚାରଣ, ଘଣ୍ଟ ଶଙ୍ଖ ବାଦ୍ୟ, ପାରମ୍ପରିକ କଲଙ୍ଗୀ, ଘୁମୁରା, କୃଷ୍ଣ ଗୁରୁ, ସଂକୀର୍ତ୍ତନ ସହ ବରଯାତ୍ରୀ ହୋଇ ବିବାହ ସମ୍ପନ୍ନ ହେବ। ୧ ଜୁନ୍‌ରେ ଯୁଗଳ ମୂର୍ତ୍ତିଙ୍କର ନଗର ପରିକ୍ରମା କରି ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ହେବ। ଆଜିର ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରୀତମ ମେହେର ଅଧକ୍ଷତା କରିଥିଲେ। କମିଟିର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚୟ ସହ ସୂଚନା ପ୍ରଦାନ କରିଥିଲେ। କମିଟିର ସଦସ୍ୟ ସନ୍ତୋଷ ମହାନ୍ତି, ମୁଖ୍ୟ ପୂଜକ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ମନ୍ଦିର ପୂଜକ ଟଙ୍କଧର ମହାପାତ୍ର ପୂଜାବିଧି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ସହସମ୍ପାଦକ ପ୍ରଶାନ୍ତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

■ ରଥଖଳାରୁ...

## ଚାରମାଳ ପାଇଁ ପହଞ୍ଚିଲା ତାଳଗଡ଼



ପୁରୀ, ୨୪।୫ (ସମିସ): ଆଉ ମାସେ ୨ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତିନିରଥର ଚକ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତିନିରଥର ମୋଟ ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ମଧ୍ୟରୁ ଶୁକ୍ରବାର ସୁଦ୍ଧା ୩୬ଟି ସମ୍ପୂର୍ଣ୍ଣ ହୋଇଛି। ବାକି ୬ଟି ଚକ ମଧ୍ୟରୁ ୩ଟିର ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ମୋଟ ୩୯ଟି ଚକର ସିଙ୍ଗଡ଼ା ବାଡ଼ିଆ ସରିଛି। ଆଉ ୩ଟି ଚକର ସିଙ୍ଗଡ଼ା ବାଡ଼ିଆ ବାକି ରହିଛି। ସେହିପରି ଚଉଦ ନାହାକା ପାଇଁ ପ୍ରତ୍ୟେକ ରଥ ଚାଳିକୁ ୪ଟି ଲେଖାଏଁ ଫାଳି ଯୋଗାଇ ଦିଆଯାଇଥିଲା। ମହାରଣା ସେବକ ସେ ସବୁକୁ ଚଉପଟ କରିଛନ୍ତି। ଏହାପରେ ଆଠଅଂଶୀ କରିବେ। ଏଥିସହ ତିନିରଥର ମହାରଣା ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ବାକି ଅଂଶଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରଖିଛନ୍ତି। ଓରା, ଭୂଇଁ ଚଉତା, ମୁହାଁଟ, ନିରାଡ଼ି, ଖମ୍ବାର ବିନ୍ଧ କରାଯାଉଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ତିଆରି କରୁଛନ୍ତି। ଶୁକ୍ରବାର ରଥଖଳାରେ ଚଳିତବର୍ଷ ନୂଆ ଚାରମାଳ ପାଇଁ ତାଳଗଡ଼ ଆସି ପହଞ୍ଚିଛି। ଏ ବର୍ଷ ଚାରମାଳ ରଥ ଉପରୁ ଭୂମିକୁ ଅଧିକ ସ୍ଲୋପିଂ କରାଯିବ। ଗତବର୍ଷ ତାଳଧ୍ୱଜ ରଥର ଚାଳମାଳ ଉପରୁ ବଡଠାକୁର ପଡିଯିବା ପରେ ମନ୍ଦିର ପ୍ରଶାସନ ଏବର୍ଷ ଚାରମାଳ ଉପରେ ଅଧିକ ଫୋକସ ରଖିଛି। ସେଥିପାଇଁ ବଡ଼ ବଡ଼ ତାଳଗଡ଼ ଅଣାଯାଇଛି।



ପୁରୀ ବଡ଼ଦାଣ୍ଡ ଆକାଶରେ କଳାହାଣ୍ଡିଆ ମେଘ... (ଫଟୋ-ଅନିଲ)

ବାଂଲା ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ

## ଓଏଚ୍ଆରସିରେ ମାମଲା

କଟକ, ୨୪।୫ (ସମିସ): ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପାଇଁ ଭାରତୀୟ ନାଗରିକଙ୍କ ସୁରକ୍ଷା ବିପଦରେ ପଡ଼ିଛି। ଏଥିପାଇଁ ଦେଶର ନାଗରିକ ଅଧିକାର ମଧ୍ୟ କ୍ଷୁଣ୍ଣ ହେଉଛି। ଏହି ପ୍ରସଙ୍ଗରେ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍ଆରସି) ରେ ଏକ ମାମଲା ରୁଜୁ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନରେ ଦର୍ଶାଯାଇଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଭଳି (ବାଂଲା) ଅନୁପ୍ରବେଶକାରୀ ବ୍ୟାପି ରହିଛନ୍ତି। ଫେରିବାଲା ଏବଂ କବାଡ଼ିଆ ଭାବେ ଏମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ବସବାସ କଲେଣି। ଓଡ଼ିଶାରେ ଏହିଭଳି ୧ଲକ୍ଷ ୫୦ ହଜାରରୁ ଅଧିକ ବାଂଲା ଅନୁପ୍ରବେଶକାରୀ ରହିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇପାରୁନାହିଁ। ବିଶେଷକରି ଏମାନେ ବେଆଇନ ଭାବେ ଏଠାରେ ସମସ୍ତ ସରକାରୀ ସୁବିଧା ହାସଲ କରୁଥିବା ଦେଖାଗଲାଣି। ଏଣୁ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲା ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରଭାବୀ ପଦକ୍ଷେପ ନେବା ପାଇଁ ସରକାରଙ୍କୁ କମିସନ୍ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀ ଉକ୍ତ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ଡିଜି ଓ ପୁଲିସ କମିସନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

ବେକାର ଯୁବପିଢ଼ିଙ୍କ ଉପରେ ଠକଙ୍କ ନଜର

# ୬ମାସରେ ୩ଶହରୁ ଉର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୪।୫(ସମିସ): ଠକେଇ ପାଇଁ ରାଜ୍ୟରେ କାମ କରୁଛି ଏକ ବଡ଼ ରାକେଟ୍। ଏହି ରାକେଟ୍ ଟାର୍ଗେଟରେ ଏବେ ବେକାର ଯୁବପିଢ଼ି। ଯୁବପିଢ଼ି ଚାକିରି ଅନ୍ୱେଷଣରେ ଏଣେତେଣେ ବୁଲୁଥିବା ବେଳେ ଏହି ଠକଙ୍କ ହାବୁଡ଼ରେ ପଡି ଯାଉଛନ୍ତି। ଯୁବକମାନେ ଅନ୍‌ଲାଇନ୍‌ରେ ଚାକିରି ପାଇଁ ଆବେଦନ କରୁଥିବା ବେଳେ ଠକ ସେଥିରୁ ଫୋନ୍ ନମ୍ବର ପାଇ ସେମାନଙ୍କୁ ଯୋଗାଯୋଗ କରୁଛନ୍ତି। ପରେ ସେମାନଙ୍କୁ ସହଜରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ପରେ ଆଉ ଧରାଛୁଆଁ ଦେଉନାହାନ୍ତି। ପ୍ରତିଦିନ ଏଭଳି ଠକେଇ ଘଟଣା ସାମ୍ନାକୁ ଆସୁଥିବା ବେଳେ ଗତ ୫ମାସରେ ୩ ଶହରୁ ଉର୍ଦ୍ଧ୍ୱ ଠକେଇ ମାମଲା ରୁଜୁ କରିଛି ରାଜ୍ୟ ପୁଲିସ।

ସେ ରେଲ୍‌ୱେ ଗ୍ରୁପ୍-ଡି'ରେ ଚାକିରି କରାଇ ଦେବାକୁ କହି ଆଶାୟୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ଜଣେ ଠକକୁ ଆଜି ମୈତ୍ରୀବିହାର ପୁଲିସ ଗିରଫ କରିଛି। କଟକ ସାଇବର ଥାନା ପୁଲିସ ଏହିଭଳି ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଠକକୁ କିଛି ଦିନ ତଳେ ଗିରଫ କରିଥିଲା। ଖୋର୍ଦ୍ଧା ପୁଲିସ ମଧ୍ୟ ଏକ ଠକ ରାକେଟ୍‌କୁ ଗିରଫ କରିଥିଲା। ସେମାନେ ନୌସେନାରେ ଚାକିରି ଦେବାକୁ କହି ଯୁବକଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଥିରେ ନୌସେନାର କିଛି ପୂର୍ବତନ ଅଧିକାରୀଙ୍କ ସଂପୃକ୍ତି ଥିବା ଜଣାପଡ଼ିଛି।

ବଡ଼ କଥା ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ କନ୍‌ସଲ୍‌ଟାନ୍ସି ଠକେଇ ଅନୁଷ୍ଠାନଗୁଡ଼ିକ ଗଢ଼ି ଉଠୁଛି। ଉକ୍ତ ଠକେଇ ସଂସ୍ଥାଗୁଡ଼ିକ ଠକେଇ ପାଇଁ ଜାଲ ବିଛାଉଛନ୍ତି। ଗଳିକନ୍ଦିରେ ସେମାନେ ନକଲି ବିଜ୍ଞାପନର ପୋଷ୍ଟର ମାରି ଯୁବପିଢ଼ିଙ୍କୁ ଶିକାର କରୁଛନ୍ତି। କଲେଜ

■ ବିନା ପଞ୍ଜୀକରଣରେ ରାତାରାତି ଖୋଲୁଛି ଅଫିସ୍
■ ପୁଲିସ ପାଖରେ ରହୁନି କନ୍‌ସଲ୍‌ଟାନ୍ସି ସଂସ୍ଥା ତଥ୍ୟ

କାନ୍ଥବାଡ଼ଠାରୁ ଆରମ୍ଭ କରି ସରକାରୀ ଅଫିସ୍, ସବୁଠି ଛାଇଗଲାଣି ଏହି ଜାଲ୍ ବିଜ୍ଞାପନ ପୋଷ୍ଟର। ବିଶେଷକରି ସହରାଞ୍ଚଳରେ ଅଧିକମାତ୍ରାରେ ଚାକିରି ଆଳରେ ଠକେଇ ବଢୁଛି। କେତେବେଳେ ପାର୍ଟ ଟାଇମ୍ ଚାକିରି ଯୋଗାଇ ଦେବାକୁ କହି ଠକୁଛନ୍ତି ତ, ଆଉ କେତେବେଳେ ସରକାରୀ ଚାକିରି ଆଳରେ ଠକୁଛନ୍ତି। ବିଭିନ୍ନ ଜିଲ୍ଲାରୁ ମଧ୍ୟବିତ୍ତ ପରିବାରର ପିଲା ଆସି ସହରରେ ପାଠ ପଢୁଛନ୍ତି। ସେମାନଙ୍କୁ ଠକିବା ପାଇଁ ଏହି ଠକ ସଂସ୍ଥା ଟାର୍ଗେଟ କରୁଛନ୍ତି। ବିଜ୍ଞାପନ ଦେଖି କଲେଜ ପିଲା ଟଙ୍କା ରୋଜଗାର ଆଶାରେ କରି ଠକଙ୍କ ଜାଲରେ ଫସିଯାଉଛନ୍ତି। ସେମାନଙ୍କୁ ଚାକିରି ଦେବା ପୂର୍ବରୁ ଟଙ୍କା ମାଗି ନେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଚାକିରି ନ ଦେଇ ଅଫିସ୍ ବନ୍ଦ କରି ଚମ୍ପଟ ମାରୁଛନ୍ତି।

ସହରର ବିଭିନ୍ନ ଅଞ୍ଚଳରେ ଥିବା କନ୍‌ସଲଟାନ୍‌ସି ସଂସ୍ଥାଗୁଡ଼ିକ ଏଭଳି ଠକେଇ କରୁଛନ୍ତି। ଗତ ୧ ବର୍ଷରେ ଏଭଳି ସଂସ୍ଥା ନାମରେ ୫୦ଟି ମାମଲା ରୁଜୁ କରାଯାଇଛି। ଠକେଇ କରିବା ପାଇଁ ଏକାଧିକ ସଂସ୍ଥା ରାତାରାତି ଘର ଭଡ଼ା ନେଇ ଅଫିସ୍ ଖୋଲୁଛନ୍ତି। ସେମାନେ ବିନା ପଞ୍ଜିକରଣରେ ଏହି ନକଲି ଅଫିସ୍ ଖୋଲି ବିଭିନ୍ନ ଉପାୟରେ ଠକେଇ କରୁଛନ୍ତି। ରାଜଧାନୀରେ ହେଉଥିବା ଅଧିକାଂଶ ଠକେଇ କନ୍‌ସଲଟାନ୍ସି ସଂସ୍ଥା ଏବଂ ଘରୋଇ ସିକ୍ୟୁରିଟ୍ ସଂସ୍ଥା ଦ୍ୱାରା ହେଉଥିବା ଅଭିଯୋଗ ଆସୁଛି। ସେମାନେ ପିଲାଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। କିନ୍ତୁ ଏହି ଠକ ସଂସ୍ଥା ସଂପର୍କରେ ପୁଲିସ ନିକଟରେ କୌଣସି ତଥ୍ୟ ନଥିବାରୁ ସେମାନେ ସହଜରେ ଟଙ୍କା ଠକିବା ପରେ ଅଫିସ ବନ୍ଦ କରି ଫେରାର୍ ହୋଇଯାଉଛନ୍ତି।

# ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ

ଚମ୍ପୁଆ/ଯୋଡ଼ା,୨୪।୫(ସମିସ): ପୁଣି ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ। ଓଡ଼ିଶାର ଅନ୍ୟତମ ପ୍ରମୁଖ ନଦୀ ବୈତରଣୀ ଧୀରେଧୀରେ ସଂକୁଚିତ ହେଉଥିବା ବେଳେ କିଛି ପ୍ରମୁଖ ଶିଳ୍ପ ସଂସ୍ଥା ଏହାର ପାଣି ଶୋଷିବାରେ ଲାଗିଛନ୍ତି। ଶିଳ୍ପ ସଂସ୍ଥା ପକ୍ଷରୁ ନଦୀ ଗର୍ଭରେ ଗୋଟିଏ ପରେ ଗୋଟିଏ ଇନ୍-ଟେକ୍ ୱେଲ୍ ଖୋଳାଯାଉଛି। ଏପରି ସ୍ଥିତି ଜାରି ରହିଲେ, ଆଗକୁ ଓଡ଼ିଶାର ମାନଚିତ୍ରରୁ ବୈତରଣୀ ଯେ ହଜିଯିବ; ଏହାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ, ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ସହ ଅନ୍ୟ ଦୁଇ ନଦୀ କାରୋ ଓ ସୁନାକୁ ବଞ୍ଚାଇବା ପାଇଁ ଶନିବାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ କଣ୍ଡରା ହାଟ ପଡ଼ିଆଠାରେ ଏକ ସମାବେଶ ଆୟୋଜିତ ହେବା ସହ ଏନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଏହି ସମାବେଶରେ ଆଜି ୬ଟି ପ୍ରସ୍ତାବ ଆଗତ କରାଯାଇ ଦାବି ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ଆଗାମୀ ଦିନରେ ୪ଟି ଜିଲ୍ଲାରେ ବୈତରଣୀ ପଞ୍ଚାୟତ ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସମାବେଶରେ ଯୋଗଦେଇ କହିଥିଲେ ଯେ ସରକାର ବୈତରଣୀକୁ ନେଇ ଏକ ଶ୍ୱେତପତ୍ର ଜାରି କରନ୍ତୁ। ଅତୀତରେ ନଦୀରେ ଜଳ କେତେ ଥିଲା, ଏବେ କେତେ ଅଛି ଏବଂ ନଦୀରେ ଜଳ ପ୍ରବାହର ଗତି ସମ୍ପର୍କିତ ସୂଚନା ଜାରି କରିବାକୁ ସେ ଦାବି କରିଛନ୍ତି। ଏହାସହ ଆଉ କିଛି ପ୍ରସ୍ତାବ ଆଗତ ହୋଇଛି। ସେଗୁଡ଼ିକ ହେଲା, ନଦୀ ସୁରକ୍ଷା ପାଇଁ ରାଜ୍ୟ ସରକାର ନଦୀ ନୀତି ଆଣନ୍ତୁ। ବୈତରଣୀ ନଦୀର ନିର୍ମଳ ଜଳକୁ ସ୍ଲରୀ ପାଇପ ଲାଇନ୍ ଜରିଆରେ ବ୍ୟବହାର କରାନଯାଉ। ସେହିପରି ଶିଳ୍ପକୁ ବୈତରଣୀ ଜଳ ଦେବା ଚୁକ୍ତିକୁ ବାତିଲ କରାଯାଉ। ଶିଳ୍ପ ଓ ଖଣିର ବର୍ଜ୍ୟ ବସ୍ତୁର ନିଷ୍କାସନର ଜରିଆ ନଦୀ ନହେଉ। ସେହିପରି ବୈତରଣୀର ସୁରକ୍ଷା ପାଇଁ ଆଗାମୀ ଦିନରେ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଭଦ୍ରକ ଜିଲ୍ଲାର ଧାମରାଠାରେ ଥିବା ବଙ୍ଗୋପସାଗରର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା କରି ଜନଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜଳମାନବ ଭାବେ ପରିଚିତ ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ନ୍ୟାୟିକ ପ୍ରକ୍ରିୟାରେ ଏହି ଅନ୍ୟାୟ ବିରୋଧରେ ଲଢ଼େଇ କରାଯିବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ସରକାର ଖଣି ପରିଚାଳନା ଦିଗରେ ଅତ୍ୟନ୍ତ ଯତ୍ନବାନ ହେବା ଉଚିତ।

■ ଗୋନାସିକାଠାରୁ ଧାମରା ଯାଏ ହେବ ପଦଯାତ୍ରା
■ ୬ ଦଫା ଦାବି ନେଇ ୪ଟି ଜିଲ୍ଲାରେ ବ୍ୟାପିବ ଆନ୍ଦୋଳନ

ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ନଦୀ ବଞ୍ଚାଅ ଆନ୍ଦୋଳନ ପ୍ରମୁଖ ସଦସ୍ୟା ବ୍ରତିନ୍ଦି ଜେନା, ନଦୀ ବଞ୍ଚାଅ ଆନ୍ଦୋଳନର କେନ୍ଦୁଝର ଜିଲ୍ଲା ପ୍ରମୁଖ ସଦସ୍ୟ ଅଶୋକ ଠକ୍କର, ଭଦ୍ରକର ବିଶିଷ୍ଟ ପରିବେଶବିତ୍ ପ୍ରତାପ ପାଢ଼ୀ, ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, କଣ୍ଡରା ସରପଞ୍ଚ ରୀନା ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ପୂର୍ବତନ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ନାଏକ, ବଦ୍ରୁ ଜମାଦ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ଟ୍ରକ୍ ମାଲିକ ସଂଘର ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ଆଇନମନ୍ତ୍ରୀଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖିଲା ବିଜେଡି

## ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ସଂସ୍କୃତିକୁ ଅକ୍ଷୁଣ୍ଣ ରଖାଯାଇଥିଲା

ଭୁବନେଶ୍ୱର,୨୪।୫(ସମିସ): ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ୧୯ଟି ଐତିହ୍ୟ ମଠର ପୁନଃବିନ୍ୟାସ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ। ପରିକ୍ରମା ପ୍ରକଳ୍ପ ସମୟରେ ସମସ୍ତ

■ ୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷତ ରଖି ହୋଇଥିଲା ସୌନ୍ଦର୍ଯ୍ୟକରଣ
■ ସମ୍ପୂର୍ଣ୍ଣ ମଠ ଭାଙ୍ଗି ଦିଆଯାଇଥିବା ନେଇ ମନ୍ତ୍ରୀଙ୍କ ଉକ୍ତି ଆଦୌ ଠିକ୍ ନୁହେଁ

୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେଣୁ ମଠଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଯାହା କୁହାଯାଉଛି, ତାହା ଆଦୌ ଠିକ୍ ନୁହେଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଥିଲା। ଏହି ସମୟରେ ସେଠାରେ ଥିବା ମଠଗୁଡ଼ିକର ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀଗୁଡିକୁ ଅକ୍ଷୁଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନଗୁଡ଼ିକୁ ଭଙ୍ଗାଯାଇ ସେଗୁଡ଼ିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ପୁରାତନ ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେଗୁଡ଼ିକ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେସବୁକୁ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନଃବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ; ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ୍ ସମୃଦ୍ଧ ବୋଲି ମତ ରଖିବା ସହ ମଠଗୁଡିକୁ ସମ୍ପୂର୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ସାଧାରଣରେ ଯେଉଁ ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଡଃ ମହାନ୍ତି କରିଛନ୍ତି।

■ ବର୍ଷା ପୂର୍ବରୁ ଅମଳ ଧାନର ସୁରକ୍ଷା ନିମନ୍ତେ ପଦକ୍ଷେପ

## ମଣ୍ଡିଗୁଡ଼ିକରେ ପଲିଥିନ୍ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୫(ସମିସ): ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବ୍‌ଶୀଘ୍ର ପ୍ରାକ୍ ମୌସୁମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ମୁତାବକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି। ଏଥିନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକୁ ଘୋଡ଼ାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନଗୁଡ଼ିକର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏତଦବ୍ୟତୀତ ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

ଖାଲି ପଡ଼ିଛି ଏସ୍‌ଡିପିଓ ପଦବୀ

# ପଦୋନ୍ନତି ମିଳିଲା; ପୋଷ୍ଟିଂ ମିଳୁନି

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ବିଚିତ୍ର ବ୍ୟବସ୍ଥା ଦେଖାଦେଇଛି। ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୧୬୯ ଜଣ ଇନ୍ସପେକ୍ଟର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କର ପୋଷ୍ଟିଂ ହୋଇପାରି ନାହିଁ। ଫଳରେ ପଦୋନ୍ନତି ପାଇବା ପରେ ମଧ୍ୟ ଅଧିକାଂଶ ଡିଏସ୍‌ପି ଏବେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପଦୋନ୍ନତିର ମାସେ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଅନୁସାରେ, ଗତମାସ ୨୩ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ମାସେ ବିତିଯାଇଥିଲେ ମଧ୍ୟ ଡିଏସପିମାନଙ୍କୁ ପୋଷ୍ଟିଂ ମିଳିନାହିଁ।

ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଏସଡିପିଓ ପଦବୀ ଖାଲି ପଡ଼ିଛି। ଏକାଧିକ ସ୍ଥାନରେ ଜଣେ ଅଧିକାରୀ ଦୁଇଟି ଦାୟିତ୍ୱରେ ରହିଥିବାବେଳେ କେତେକ ସ୍ଥାନରେ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସବୁଠାରୁ ଉତ୍ତମ ପୁଲିସ ସେବା ଯୋଗାଉଥିବା କମିସନରେଟ ପୁଲିସରେ ମଧ୍ୟ ଏକପ୍ରକାର ଡିଏସ୍‌ପି ନିଅଣ୍ଟ। କମିସନରେଟ ପୁଲିସର କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି) ଅଧୀନରେ ଥିବା ଜୋନ୍ ୩ ଏସିପି ପଦବୀ ଫାଙ୍କା ପଡ଼ିଛି। କଟକର ଲାଲବାଗ, ବିଡ଼ାନାସୀ, ଫେଜ୍ ୨ ଓ ମର୍କତ ନଗର ଭଳି ଗୁରୁତ୍ୱପୂର୍ଣ୍ଣ ଥାନା ଜୋନ୍ ୩ ଅଧୀନରେ ଆସୁଛି। ଏଠାରେ ପୂର୍ବରୁ ଏସିପି ଭାବେ କାର୍ଯ୍ୟରତ ଥିବା ଡିଏସ୍‌ପିଙ୍କର କ୍ରାଇମବ୍ରାଞ୍ଚକୁ ବଦଳି ହେବା ପରେ ଜୋନ୍ ୨ ଏସିପି ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି।

■ ହେଡ୍‌କ୍ୱାର୍ଟରରେ ଇନ୍ସପେକ୍ଟର; ଥାନାରେ ଡିଏସ୍‌ପି
■ ଏକାଧିକ ଦାୟିତ୍ୱରେ ଏକାଧିକ ଅଧିକାରୀ
■ କମିସନରେଟ୍ ପୁଲିସରେ ବି ଅସ୍ଥାୟୀ ଏସିପି

କେବଳ କଟକ ନୁହଁ; ଭୁବନେଶ୍ୱର ୟୁପିଡିର ବଡ଼ଗଡ଼, ଲକ୍ଷ୍ମୀସାଗର, ପାହାଳ, ବାଲିଅନ୍ତା ଓ ବାଲିପାଟଣା ଥାନାକୁ ନେଇ ଗଠିତ ଜୋନ୍ ୪ରେ ମଧ୍ୟ ସମାନ ଅବସ୍ଥା। ପୂର୍ବରୁ ଜୋନ୍ ୪ ଏସିପି ଥିବା ବିଭୂତି ଭୂଷଣ ମହାପାତ୍ରଙ୍କର ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେବା ସହିତ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ଶ୍ରୀ ମହାପାତ୍ର ଯିବା ପରେ ଡିଏସ୍‌ପି ଅଭିମନ୍ୟୁ ନାୟକଙ୍କୁ ଅସ୍ଥାୟୀ ଭାବେ ଜୋନ୍ ୪ ଦାୟିତ୍ୱ ଦିଆଯାଇଛି। ସେହିପରି କମିସନରେଟ୍ ପୁଲିସର ହେଡ୍‌କ୍ୱାର୍ଟରରେ ଏକାଧିକ ଇନ୍ସପେକ୍ଟର ରହିଥିବା ବେଳେ ୮ ଜଣ ଡିଏସ୍‌ପି ଥାନା ଦାୟିତ୍ୱରେ ରହିଛନ୍ତି। ଯଦି ଖୋଦ୍ କମିସନରେଟ ପୁଲିସରେ ଏଭଳି ବ୍ୟବସ୍ଥା, ତେବେ ସାରା ରାଜ୍ୟରେ ଅବସ୍ଥା କ'ଣ ହୋଇଥିବ ତାହା ଅନୁମେୟ।

ରାଜ୍ୟରେ ଏସ୍‌ଡିପିଓ ଓ ଏସିପି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଓ ଅଧିକାରୀମାନେ ଅସ୍ଥାୟୀ ଦାୟିତ୍ୱରେ ଥିବାରୁ ଏସସି/ଏସ୍‌ଟି ମାମଲା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି। ଅନୁସୂଚିତ ଜାତି ଓ ଜନଜାତିଜନିତ ମାମଲାର ତଦନ୍ତ ସର୍ବନିମ୍ନ ଡିଏସ୍‌ପି ପାହ୍ୟାର ଅଧିକାରୀ କରିଥା'ନ୍ତି। ସେଥିପାଇଁ ଥାନା ଅଧିକାରୀମାନେ କେବଳ ମାମଲା ରୁଜୁ କରୁଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ହେଉନାହିଁ। ଫଳରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଅସ୍ଥାୟୀ ବା ଅତିରିକ୍ତ ଦାୟିତ୍ୱରେ ଥିବାରୁ ତଦନ୍ତକାରୀ ଅଧିକାରୀମାନେ ମଧ୍ୟ ବିଶେଷ ମନଯୋଗ ଦେଉନାହାନ୍ତି।

କେବଳ ଏତିକି ନୁହଁ; ଏକାଧିକ ଦାୟିତ୍ୱରେ ଥିବା ଡିଏସ୍‌ପିମାନେ ମଧ୍ୟ କାର୍ଯ୍ୟ ଚାପ ଯୋଗୁଁ ମାନସିକ ଅବସାଦରେ ରହୁଛନ୍ତି। ଜାଣିଶୁଣି ଅଧିକ ଦାୟିତ୍ୱ ଦିଆଯାଉଥିବାରୁ ଜୀବନ ହାରିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ ବୋଲି ନିକଟରେ ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ବ୍ରଜମୋହନ ବାଲେଶ୍ୱର ହେଡ୍‌କ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବାବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱ ସମ୍ଭାଳୁଛନ୍ତି। ଗୋଟିଏପଟେ ଡିଏସ୍‌ପି ପଦବୀ ଫାଙ୍କା ପଡ଼ିବା ଓ ଅନ୍ୟପଟେ ୧୬୯ ଜଣ ଡିଏସ୍‌ପି ନିଯୁକ୍ତି ଅପେକ୍ଷାରେ ରହିବା, ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ଉଠାଇଛି।

## ଜେଲ୍ ଗଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୨୪।୫(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ନୂଆପଡ଼ା ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ଯାଞ୍ଚ ପରେ ଜଣାପଡିଛି। ଆହୁରି ମଧ୍ୟ ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ଜଣାପଡ଼ିଛି। ଭିଜିଲାନ୍ସ ଚଢ଼ଉରୁ ବର୍ତ୍ତିବା ପାଇଁ ସୁଶାନ୍ତଙ୍କ ପତ୍ନୀ ଲିପି ସେଠୀ ଅଭିନବ

■ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିଲେ
■ ଭିଜିଲାନ୍ସ ଭୟରେ ଭଡ଼ାଟିଆଙ୍କ ଘରେ ରଖିଥିଲେ କଳାଧନ

ଉପାୟ ଆପଣାଇଥିଲେ। ତାଙ୍କ ତୃତୀୟ ମହଲା ଘରେ ଭଡ଼ାରେ ରହୁଥିବା ରାକେଶ କୁମାର ସେନାପତିଙ୍କ ଘରେ ସେ ରଖିଥିବା ଲକ୍ଷାଧିକ ଟଙ୍କା ଓ ସୁନାଗହଣାକୁ ରାକେଶ ଚୋରି କରି ନେଇଥିବା ନେଇ ଲିପି ୨୦୨୪ ଏପ୍ରିଲ ୧୩ରେ ଭୁବନେଶ୍ୱର ଧଉଳି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଜମି ବିକା ଟଙ୍କା ୫୫ ଲକ୍ଷ ଏବଂ ୧କେଜି ୪୦୦ ଗ୍ରାମର ସୁନା ଗହଣା ଚୋରି ହୋଇଥିବା ଲିପି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାହା ଏବେ ଧଉଳି ଥାନା ପୁଲିସର ତଦନ୍ତ ପରିସରରେ ଥିବା ଭିଜିଲାନ୍ସ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଚଢ଼ଉ ଭୟରେ ଲିପି ଭଡ଼ାଟିଆଙ୍କ ଘରେ କଳାଧନ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ଚଢ଼ଉରେ ସୁଶାନ୍ତଙ୍କ ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା, ୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଥିବା ଠାବ କରିଥିଲା।

## ଆଇପିଏଲ୍ ୧୮ : ସମୀର ରିଜ୍‌ଭିଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ

# ବିଜୟ ସହ କ୍ୟାପିଟାଲ୍ସର ଅଭିଯାନ ଶେଷ



ଜୟପୁର,୨୪।୫ (ଏଜେନ୍ସି)

ଚଳିତ ଆଇପିଏଲ୍‌ରେ ବିଜୟ ସହ ଦିଲ୍ଲୀ କ୍ୟାପିଟାଲ୍ସ ଅଭିଯାନ ଶେଷ କରିଛି। ଶନିବାର ସ୍ଥାନୀୟ ସଓ୍ୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୬୬ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ମାତ୍ ଦେଇଛି। ଏହି ମ୍ୟାଚରେ ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍‌ରେ ୨୦୬ ରନ କରିଥିଲା। ଜବାବରେ ଦିଲ୍ଲୀ ୩ଟି ବଲ୍ ବଳକା ଥାଇ ୪ ୱିକେଟ୍ ହରାଇ ମ୍ୟାଚ୍ ଜିତିନେଇଥିଲା। ଏଥିସହ ଦିଲ୍ଲୀ ୧୪ତମ ମ୍ୟାଚରୁ ୭ଟି ବିଜୟ ଓ ୬ ପରାଜୟ ଏବଂ ଗୋଟିଏ ମ୍ୟାଚ୍ ବାତିଲ ସହ ୧୫ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହି ବିଦାୟ ନେଇଛି। ପୂର୍ବରୁ ଦିଲ୍ଲୀ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଥିଲା। ଅପରପକ୍ଷରେ ପଞ୍ଜାବ ୧୩ତମ ମ୍ୟାଚରୁ ୪ର୍ଥ ପରଜାୟ ଓ ୮ ବିଜୟ ସହ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଗୁଜରାଟ ୧୮ ପଏଣ୍ଟ ସହ ଶୀର୍ଷରେ ରହିଛି।

୨୦୭ ରନର ଚ୍ୟାଲେଞ୍ଜିଂ ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ ସମସ୍ତ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ଇନିଂସ ସହାୟତାରେ ଶେଷ ଓଭରରେ ୪ ୱିକେଟ୍ ହରାଇ ୩ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଦିଲ୍ଲୀ ପକ୍ଷରୁ ସମୀର ରିଜଭୀ ୨୫ ବଲରେ ଅପରାଜିତ ୫୮ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୪, ଲୋକେଶ ରାହୁଲ ୩୫, ଅଧିନାୟକ ଫାଫ୍ ଡୁ ପ୍ଲେସିସ ୨୩, ପଦାର୍ପଣକାରୀ ସେଦିକୁଲ୍ଲା ଅଟଲ ୨୨ ଓ ଟ୍ରିଷ୍ଟାନ ଷ୍ଟବ୍ସ ଅପରାଜିତ ୧୮ ରନ କରିଥିଲେ। ବୋଲିଂରେ ପଞ୍ଜାବର ହରପ୍ରୀତ୍ ବ୍ରାରର ୨ଟି ଏବଂ ମାର୍କସ ଜାନସେନ ଓ ପ୍ରବୀଣ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

### ଆୟର-ଷ୍ଟୋଇନିସଙ୍କ ବିସ୍ଫୋରକ ବ୍ୟାଟିଂ

ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସର କାମଚଳା ଅଧିନାୟକ ଫାଫ୍ ଡୁ ପ୍ଲେସିସ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଦ୍ୱିତୀୟ ଓଭରରେ ଓପନର୍ ପ୍ରିୟାଂଶ ଆର୍ଯ୍ୟ (୬ ରନ)ଙ୍କ ୱିକେଟ୍ ହରାଇଥିଲା। ମୁସ୍ତାଫିଜୁର ରେହମାନ ଦିଲ୍ଲୀକୁ ଏହି ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ। ତେବେ ପରବର୍ତ୍ତୀ ବ୍ୟାଟର୍‌ଙ୍କ ମିଳିତ ଉପଯୋଗୀ ପାଳି ଯୋଗୁ ପଞ୍ଜାବ ୮ ୱିକେଟ୍‌ରେ ୨୦୬ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟାସ ଆୟର ସର୍ବାଧିକ ୫୩ ରନ କରିଥିଲେ। ୩୪ ବଲ୍‌ର ପାଳିରେ ଆୟର ୫ ଚୌକା ଓ ୨ ଛକା ମାରିଥିଲେ। ତେବେ ନିମ୍ନକ୍ରମରେ ଆସିଥିବା ମାର୍କସ ଷ୍ଟୋଇନିସ ୧୬ ବଲରେ ୩ ଚୌକା ଓ ୪ ଛକା ସହ ଅପରାଜିତ ୪୪ ରନ କରିବା ଫଳରେ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଭସିମରନ ସିଂହ ୨୮, ଜୋଶ ଇଂଲିଶ ୩୨, ନେହାଲ ୱାଧେର ୧୬, ଶଶାଙ୍କ ସିଂହ ୧୧, ହର୍‌ପ୍ରୀତ୍ ବ୍ରାରର୍ ଅପରାଜିତ ୭ ରନ କରିଥିଲେ। ବୋଲିଂରେ ମୁସ୍ତାଫିଜୁର ସର୍ବାଧିକ ୩ଟି ଏବଂ ବିପରାଜ ନିଗମ ଓ କୁଲଦୀପ୍ ଯାଦବ ୨ଟି ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

### ଧୋନିଙ୍କ ଶେଷ ମ୍ୟାଚ୍‌କୁ ନେଇ ଚର୍ଚ୍ଚା


ଆଇପିଏଲ୍‌ରେ ରବିବାର ଡବଲ୍ ହେଡର୍ ମୁକାବିଲାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅପରାହ୍ଣରେ ମ୍ୟାଚ୍ ଖେଳାଯିବ। ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ପାଇଁ ଚଳିତ ସିଜନରେ ଏହା ଶେଷ ଲିଗ୍ ମ୍ୟାଚ୍। ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ପୂର୍ବରୁ ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି। ତେଣୁ ୪୪ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଥିବା ଧୋନିଙ୍କ ଲାଗି ଏହା ଶେଷ ଆଇପିଏଲ୍ ମ୍ୟାଚ୍ ହୋଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। କାରଣ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ସେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ବୟସ ଓ ଫିଟ୍‌ନେସକୁ ଯଦି ଆଲୋଚନାକୁ ନିଆଯାଏ ତେବେ ଧୋନିଙ୍କ ଖେଳିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଅପରପକ୍ଷରେ ଏହା ନିଶ୍ଚିତ ଯେ ଅଧିନାୟକ ଭାବେ ଚେନ୍ନାଇ ପାଇଁ ଧୋନିଙ୍କ ଏହା ଶେଷ ମ୍ୟାଚ୍। ଚଳିତ ସିଜନରେ ନିୟମିତ ଅଧିନାୟକ ତଥା ଆହତ ଥିବା ଋତୁରାଜ ଗାଏକୱାଡଙ୍କ ସ୍ଥାନରେ ସେ ଦାୟିତ୍ୱ ସମ୍ଭାଳୁଛନ୍ତି।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +0.୬୦୨ |
| ପଞ୍ଜାବ | ୧୩ | ୮ | ୪ | ୧ | ୧୭ | +0.୩୨୭ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +0.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +0.୦୧୧ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +0.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -0.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -0.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

**ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

## ୬ ବର୍ଷ ପରେ ଫାଇନାଲରେ ଶ୍ରୀକାନ୍ତ



କ୍ୱାଲାଲମ୍ପୁର,୨୪।୫(ଏଜେନ୍ସି): ସ୍ଥାନୀୟ ଅକ୍ସିଆଟା ଏରିନାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ସେମିଫାଇନାଲରେ ୨୧-୧୮, ୨୪-୨୨ ସିଧାସଳଖ ଗେମ୍‌ରେ ଜାପାନର ୟୁଶି ତନକାଙ୍କୁ ମାତ୍ର ୪୯ ମିନିଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ଏଥିସହ ସେ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ଶ୍ରୀକାନ୍ତ ଶେଷଥର ପାଇଁ ୨୦୧୯ ଇଣ୍ଡିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ରନର୍ସଅପ୍ ହୋଇଥିଲେ। ଏଥର ସଫଳ ହେଲେ ସେ ୮ ବର୍ଷପରେ କୌଣସି ଟାଇଟଲ ହାସଲ କରିବେ। ୨୦୧୭ରେ ସେ ୪ଟି ଟାଇଟଲ ଅର୍ଜନ କରିଥିଲେ। ୩୨ ବର୍ଷୀୟ ଶୀକାନ୍ତ ଏବେ ଟାଇଟଲ ପାଇଁ ରବିବାର ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ଭେଟିବେ।

**ଅଢ଼େଇ ଦିନରେ ଜିମ୍ବାୱେର ପାଳି ପରାଜୟ**

## ବସିର୍‌ଙ୍କୁ ୯ ୱିକେଟ୍; ଇଂଲଣ୍ଡର ସହଜ ବିଜୟ

ନଟିଂହାମ, ୨୪।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ୨୨ ବର୍ଷ ପରେ ପ୍ରଥମଥର ଲାଗି ଖେଳାଯାଇଥିବା ଏକ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ସମାପ୍ତ ହୋଇଯାଇଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଏକପାଖିଆ ମୁକାବିଲାରେ ଭ୍ରମଣକାରୀ ଜିମ୍ବାୱେ ଏକ ପାଳି ଓ ୪୫ ରନରେ ଶୋଚନୀୟ ଭାବେ ପରାଜୟବରଣ କରିଛି। ଲେଗ୍-ସ୍ପିନର ସୋଏବ ବସିର ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇ ଇଂଲଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଇଂଲଣ୍ଡ ଏହାର ସମର ସିଜନ ବିଜୟରୁ ଆରମ୍ଭ କରିଛି। ଚାରିଦିବସୀୟ ଏହି ଟେଷ୍ଟ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍ ଓପନର୍ ଜାକ୍ କ୍ରଲୀ (୧୨୪), ବେନ୍ ଡକେଟ (୧୪୦) ଓ ଓଲି ପୋପ୍ (୧୭୧)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୬ ୱିକେଟ୍‌ରେ ୫୬୫ ରନ କରି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ଓପନର୍ ବ୍ରାଏନ ବେନେଟ (୧୩୯)ଙ୍କ ଶତକ ସତ୍ତ୍ୱେ ୨୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଇଂଲଣ୍ଡର ବସିର ୩ଟି ୱିକେଟ୍ ନେଇଥିଲେ। ୩୦୦ ରନ ପଛରେ ଥାଇ ଫଲୋଅପ୍ ପାଇଥିବା ଜିମ୍ବାୱେ ଶନିବାର ମ୍ୟାଚର ୩ୟ ଦିବସ ପ୍ରଥମ ସେସନରେ ଦ୍ୱିତୀୟ ପାଳିରେ ୨୫୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଧ୍ୟକ୍ରମରେ ସିନ୍ ୱିଲିୟମ୍ସ ୮୮ ଓ ସିକନ୍ଦର ରାଜା ୬୦ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ପାଳିରେ ମଧ୍ୟ ବସିର ସର୍ବାଧିକ ୬ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୦୩ ରେ ଉଭୟ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ଥିଲା। ଓଭରଅଲ୍ ଦୁଇଦେଶ ମଧ୍ୟରେ ଏହା ୭ମ ଟେଷ୍ଟ ହୋଇଥିବାବେଳେ ସେଥିରୁ ଇଂଲଣ୍ଡ ୪ଟି ଜିତିଥିବାବେଳେ ୩ଟି ଡ୍ର ରହିଛି।

## ଚତୁର୍ଥ ସିରି ଏ' ଟାଇଟଲ ଜିତିଲା ନାପୋଲି



ନାପ୍ଲେସ୍,୨୪।୫(ଏଜେନ୍ସି): ଇଟାଲୀ ଫୁଟବଲ ପ୍ରଣାଳୀ ସର୍ବୋଚ୍ଚ ପେସାଦାର ଲିଗ୍ ସିରି ଏ'ରେ ଏଥର ନାପୋଲି କ୍ଲବ ବାଜି ମାରିଛି। ଶୁକ୍ରବାର ବିଳମ୍ବିତ ରାତିରେ ନାପୋଲି ୨-୦ ଗୋଲରେ କାଗ୍ଲିଆରୀ ଫୁଟବ କ୍ଲବକୁ ପରାସ୍ତ କରି ଟାଇଟଲ ଜିତିଛି। ୩୮ଟି ମ୍ୟାଚ୍ ଖେଳି ୨୪ ବିଜୟ, ୧୦ ଡ୍ର ଓ ୪ ପରାଜୟ ସହ ୮୨ ପଏଣ୍ଟ ହାସଲ କରିବା ସହ ନାପୋଲି ମାତ୍ର ଗୋଟିଏ ପଏଣ୍ଟରେ ଇଣ୍ଟର ମିଲାନକୁ ପଛରେ ପକାଇ ଚାମ୍ପିଅନ ହୋଇଛି। ଇଟାଲୀର ନାପ୍ଲେସ ସହର ପର୍ଯ୍ୟବସିତ ନାପୋଲି ଏଥିସହ ଚତୁର୍ଥ ସିରି ଏ ଟାଇଟଲ ଜିତିଛି। ନାପୋଲି ତରଫରୁ ୪୨ତମ ମିନିଟ୍‌ରେ ସ୍କଟ ମ୍ୟାକ୍ ଟୋମିନେ ଓ ୫୧ତମ ମିନିଟ୍‌ରେ ରୋମେଲୁ ଲୁକାକୁ ଗୋଲ ସ୍କୋର କରିଥିଲେ। ଏଥିସହ ଗତ ୩ ବର୍ଷ ମଧ୍ୟରେ ନାପୋଲି ଦ୍ୱିତୀୟଥର ପାଇଁ ସିରି ଏ ଟାଇଟଲ ଜିତିଛି। ନାପୋଲି କୋଚ୍ ଆଣ୍ଟୋନିଓ କୋଣ୍ଟେ ପ୍ରଥମ ପ୍ରଶିକ୍ଷକ ଭାବେ ୩ଟି ଭିନ୍ନ ଭିନ୍ନ ଦଳ ସହ ଇଟାଲୀଆନ ଚାମ୍ପିଅନସିପ୍ ହାସଲ କରି ଏକ ଭିନ୍ନ ପ୍ରକାର ସଫଳତା ଅର୍ଜନ କରିଛନ୍ତି।

## ଜୁନ୍ ୧୮ରୁ ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ଅଭିଜ୍ଞ ହକି ଖେଳାଳିଙ୍କୁ ନେଇ ଆୟୋଜନ ହେବାକୁ ଯାଉଛି ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍। ଏହା ଚେନ୍ନାଇରେ ହକି ତାମିଲନାଡୁ ଦ୍ୱାରା ଜୁନ୍ ୧୮ ରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ୪୦ ବର୍ଷ କିମ୍ବା ତଦୁର୍ଦ୍ଧ ପୁରୁଷ ଓ ୩୫ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ୧୦୦ତମ ଟାଇଟଲ୍ କ୍ଲବ୍‌ରେ ଜୋକୋଭିଚ୍



ଜେନେଭା, ୨୪।୫ (ଏଜେନ୍ସି): କିଂବଦନ୍ତୀ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ତାଙ୍କ ଜାଜଲ୍ୟମୟ କ୍ୟାରିୟରରେ ଆଉ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସୁଇଜରଲାଣ୍ଡରେ ଅନୁଷ୍ଠିତ ଜେନେଭା ଓପନ୍‌ରେ ସର୍ବୀୟ ତାରକା ୩୮ ବର୍ଷୀୟ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ସେ ପୋଲାଣ୍ଡର ହବର୍ଟ ହରକାଜଙ୍କୁ ୫-୭, ୭-୬ (୨), ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ଏଥିସହ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ୍ କ୍ୟାରିୟରରେ ୧୦୦ତମ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଓପନ୍ ଏରା (୧୯୬୮ ପରଠୁ) ରେ ପୁରୁଷ ଟେନିସରେ ୧୦୦ ଟାଇଟଲ୍ ଜିତିବାରେ ଜୋକୋଭିଚ୍ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଆମେରିକାର ଜିମ୍ମି କନୋର୍ସ (୧୦୯ଟି) ଓ ରୋଜର ଫେଡରର (୧୦୩) ଏହି ସଫଳତା ପାଇଥିଲେ। ଇଭାନ ଲେଣ୍ଡଲ (୯୪) ଓ ରାଫାଲ ନାଡାଲ (୯୨) ଏହି ତାଲିକାରେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ସେହିଭଳି ମହିଳା ବିଭାଗରେ ମାର୍ଟିନା ନାଭ୍ରାତିଲୋଭା (୧୬୭), କ୍ରାଇସ ଏଭର୍ଟ (୧୫୭) ଓ ଷ୍ଟେଫି ଗ୍ରାଫ୍ (୧୦୭) ୧୦୦ରୁ ଊର୍ଦ୍ଧ୍ୱ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରବିବାରଠାରୁ ଫ୍ରେଞ୍ଚ ଓପନ ଆରମ୍ଭ ହେବାକୁ ଯାଉଥିବାବେଳେ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ସୋମବାର ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ଭେଟିବେ।

## ଟେନିସ୍‌ରୁ କାରୋଲିନ୍ ଗାର୍ସିଆଙ୍କ ଅବସର



ପ୍ୟାରିସ୍,୨୪।୫(ଏଜେନ୍ସି): ବିଶ୍ୱର ପୂର୍ବତନ ୪ ନଂ ମହିଳା ଟେନିସ ଖେଳାଳି ଫ୍ରାନ୍ସର କାରୋଲିନ୍ ଗାର୍ସିଆ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଖେଳି ଟେନିସକୁ ଅଲବିଦା କରିବେ ବୋଲି ଗାର୍ସିଆ କହିଛନ୍ତି।ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏକ ପୋଷ୍ଟ ମାଧ୍ୟମରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତ। ୩୧ ବର୍ଷୀୟା ଗାର୍ସିଆ ୧୫ବର୍ଷର କ୍ୟାରିଅରରେ ମୋଟ୍ ୧୧ଟି ଏକକ ଓ ୮ଟି ଯୁଗଳ ଟାଇଟଲ ହାସଲ କରିଛନ୍ତି। ୨୦୧୬ ଓ ୨୦୨୨ ଫ୍ରେଞ୍ଚ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ସେ ଡବଲ୍ସ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୦ରେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ରେ କ୍ୟାରିଅର ଶ୍ରେଷ୍ଠ ୪ ନଂ ସ୍ଥାନ ଅଧିକାର କରିଥିଲେ। ୨୦୨୨ରେ ସେ ୟୁଏସ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏବେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ର ୧୪୫ତମ ସ୍ଥାନରେ ରହିଛନ୍ତି।

**ଜୁନିଅର ଡେଭିସ୍ କପ୍**

## ପାକିସ୍ତାନକୁ ଭେଟିବ ଭାରତ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ୧୬ ବର୍ଷରୁ କମ୍ ଏସିଆ- ଓସେନିଆ ଜୁନିଅର ଡେଭିସ୍ କପ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କାଜାଖସ୍ତାନର ସିମ୍‌କେଣ୍ଟରେ ଦୁଇ ଦେଶ ଏକାଦଶ ସ୍ଥାନ ପାଇଁ ମୁହାଁମୁହିଁ ହେବେ। ଏହାପୂର୍ବରୁ ଭାରତ ୧-୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଜାପାନ ଓ କୋରିଆ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଜାପାନ ଚାଇନିଜ ତାଇପେ ଓ କୋରିଆ ଚୀନକୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୪ଟି ଦଳ ବିଶ୍ୱ ଗ୍ରୁପ୍ ପର୍ଯ୍ୟାୟକୁ ଉଠିବେ। ଏହି ପର୍ଯ୍ୟାୟ ୟୁରୋପରେ ଖେଳାଯିବ।

**ନାଡାଲଙ୍କ ବିନା ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆଜିଠାରୁ**

# ସିନର୍, ସାବାଲେଙ୍କା ଶ୍ରେଷ୍ଠ ସିଡ୍

ପ୍ୟାରିସ୍,୨୪।୫(ସମିସ)



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ରବିବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ରୋନାଲ୍ଡ ଗ୍ୟାରସରେ ବିଶ୍ୱର ଶ୍ରେଷ୍ଠ ଟେନିସ ଖେଳାଳିମାନେ ଟାଇଟଲ ପାଇଁ କ୍ଲେ- କୋର୍ଟରେ ଅବତୀର୍ଣ୍ଣ ହେବେ। ମେ ୨୫ରୁ ଏହି ପ୍ରତଯୋଗିତା ଆରମ୍ଭ ହୋଇ ଜୁନ୍ ୮ରେ ଶେଷ ହେବ। ପୁରୁଷ ଏକକରେ ଇଟାଲୀର ଜାନିକ ସିନରଙ୍କୁ ଓ ମହିଳା ଏକକରେ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ସ୍ପେନ୍‌ର କାର୍ଲୋସ ଆଲକାରାଜ, ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଆମେରିକାର ଟେଲର ଫ୍ରିଜ୍, ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଅପରପକ୍ଷରେ ମହିଳା ଏକକରେ ଆମେରିକାର କୋକୋ ଗଫ୍, ଜେସିକା ପେଗୁଲା, ଇଟାଲୀରୀ ଜସ୍ମିନ ପାଓଲିନ୍, ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଗତ ସଂସ୍କରଣରେ ଅଲକାରାଜ ଓ ସ୍ୱିଆଟେକ ଟାଇଟଲ ଜିତିଥିଲେ। ତେବେ ଏହି ଦୁଇ ଖେଳାଳିଙ୍କୁ ଟାଇଟଲ ବଜାୟ ରଖିବାକୁ ଏଥର କଷ୍ଟକର ହେବ। ଏଥର ଟାଇଟଲ ପାଇଁ ସିଡେଡ ଖେଳାଳିମାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଫ୍ରେଞ୍ଚ୍ ଓପନର ସଫଳତମ ଖେଳାଳି ରାଫେଲ ନାଡାଲଙ୍କ ବିନା ଏଥର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଅର୍ଥାତ୍ ନାଡାଲ ଅବସର ନେବା ପରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳାଯିବ।

### ■ ଯୁଗଳରେ ୧୮ ବର୍ଷୀୟ ତ୍ୟାଗୀ ସମେତ ୫ ଭାରତୀୟ ଖେଳାଳି

ପୁରୁଷ ଏକକରେ ସୁମିତ ନାଗଲ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜରି ରଖିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ସେ କ୍ୱାଲିଫାୟର୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଉଭୟ ପୁରୁଷ ଓ ମହିଳା ଏକକରେ ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଗତବର୍ଷ ମଧ୍ୟ ସେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ବିଶ୍ୱର ୧୭୧ତମ ସ୍ଥାନରେ ରହିଥିବା ନାଡାଲ ପ୍ରଥମ ରାଉଣ୍ଡରେ ରୁଷିଆର କାରେନ ଖାଚାନୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏଥର ଫ୍ରେଞ୍ଚ୍ ଓପନ୍ ଏକକ ଇଭେଣ୍ଟରେ କୌଣସି ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଭାରତୀୟ ଖେଳାଳିମାନେ କେବଳ ପୁରୁଷ ଯୁଗଳ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତବର୍ଷ ସେମିଫାଇନାଲରେ ପ୍ରବେଶ କରିଥିବା ୪୪ ବର୍ଷୀୟ ରୋହନ ବୋପାନ୍ନା ଏଥର ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ଏନ୍ ଶ୍ରୀରାମ ବାଲଜୀ, ୟୁକି ଭାମ୍ବ୍ରୀ, ଋଥଭିକ୍ ବୋଲିପାଲି ଓ ୧୮ ବର୍ଷୀୟ କ୍ରିସ୍ ତ୍ୟାଗୀ ମଧ୍ୟ ସେମାନଙ୍କ ପାର୍ଟନରଙ୍କ ସହ ଯୁଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ମିଶ୍ରିତ ଯୁଗଳରେ ମଧ୍ୟ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ଯୁଗଳ ଓ ମିଶ୍ରିତ ଯୁଗଳର ଡ୍ର ପରେ ଘୋଷଣା କରାଯିବ।

### ■ ନାଡାଲଙ୍କୁ ଦିଆଯିବ ସ୍ୱତନ୍ତ୍ର ସମ୍ମାନ

ଏଥର କ୍ଲେ- କୋର୍ଟର ରାଜା କୁହାଯାଇଥିବା ଓପନର ସଫଳତମ ଖେଳାଳି ସ୍ପେନ୍‌ର ରାଫେଲ ନାଦାଲଙ୍କୁ ଏଥର କୋର୍ଟରେ ଦେଖିବାକୁ ମିଳିବ ନାହିଁ। ଫ୍ରେଞ୍ଚ୍ ଓପନରେ ନାଡ଼ାଲ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଜିତିଥିବା ନାଡ଼ାଲ ୧୪ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଏକ ରେକର୍ଡ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ଚାମ୍ପିଅନ (ବେଜିଂ ୨୦୦୮ ଏକକ, ରିଓ ୨୦୧୬ ଯୁଗଳ) ହୋଇଥିବା ୩୮ ବର୍ଷୀୟ ନାଦାଲ ଗତବର୍ଷ ନଭେମ୍ବରରେ ଟେନିସରୁ ଅବସର ଘୋଷଣା କରିଥିଲେ। ଦୀର୍ଘ ୨୩ ବର୍ଷର ଉଜ୍ଜଳମୟ କ୍ୟାରିଅରରେ ନାଦାଲ ମୋଟ୍ ୯୨ଟି ଟାଇଟଲ ହାସଲ କରି ଓପନ୍ ଏରାରେ ୫ମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଫ୍ରେଞ୍ଚ୍ ଓପନ ଟେନିସ୍- ୨୦୨୫**

| | |
|---|---|
| ସଂସ୍କରଣ | ୧୨୪ତମ |
| ସର୍ଫେସ | କ୍ଲେ କୋର୍ଟ |
| ଭେନ୍ୟୁ | ରୋଲାଣ୍ଡ ଗ୍ୟାରସ ଷ୍ଟାଡିୟମ, ପ୍ୟାରିସ୍ |
| ଟପ୍ ସିଡ୍ ପୁରୁଷ | ଜାନିକ ସିନର |
| ଟପ୍ ସିଡ୍ ମହିଳା | ଅରିନା ସାବାଲେଙ୍କା |
| **ଗତଥର ଚାମ୍ପିଅନ** | |
| ପୁରୁଷ | କର୍ଲୋସ ଆଲକାରଜ |
| ମହିଳା | ଇଗା ସ୍ୱିଆଟେକ |
| ସିଧାପ୍ରସାରଣ | ସୋନି ଟେନ ନେଟ୍‌ୱର୍କ, |
| ଲାଇଭଷ୍ଟ୍ରିମିଂ | ସୋନୀଲିଭ୍, ଫ୍ୟାନ୍‌କୋଡ୍ |

**ଆଜିର ମ୍ୟାଚ୍**

| | | |
|---|---|---|
| ଗୁଜରାଟ ବନାମ ଚେନ୍ନାଇ | ଅପରାହ୍ଣ ୩.୩୦ | ଅହମ୍ମଦାବାଦ |
| ହାଇଦରାବାଦ୍ ବନାମ କୋଲକାତା | ରାତି ୭ଟା ୩୦ | ନୂଆଦିଲ୍ଲୀ |

## ଟାଇଟନ୍ସରୁ ସର୍ବାଧିକ ୫; ଆର୍‌ସିବି ନିରାଶ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଲାଗି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଶନିବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। କରୁନ ନାୟାର ଦୀର୍ଘ ୭ ବର୍ଷ ପରେ ଦଳକୁ ଫେରିଥିବାବେଳେ ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିଛି। ତେବେ ବର୍ତ୍ତମାନ ଆଇପିଏଲର ୧୮ତମ ସଂସ୍କରଣ ଖେଳ ଜାରି ରହିଥିବାରୁ ଏହି ଲିଗ୍‌ର କେଉଁ ଦଳରୁ ସର୍ବାଧିକ ଖେଳାଳି ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ରିପୋର୍ଟ ମୁତାବକ ଗୁଜରାଟ ଟାଇଟନ୍ସର ସର୍ବାଧିକ ୫ଜଣ ଖେଳାଳି ଘୋଷିତ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍‌ଙ୍କ ବ୍ୟତୀତ ସୁଦର୍ଶନ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ତେବେ ଭାରତୀୟ ଟେଷ୍ଟ ଦଳ ଘୋଷଣାରେ ସବୁଠୁ ନିରାଶ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଘୋଷିତ ଭାରତୀୟ ଟେଷ୍ଟ ଦଳରେ ଆର୍‌ସିବିର ଜଣେ ହେଲେ ଖେଳାଳି ସ୍ଥାନ ପାଇନାହାନ୍ତି। ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ଆର୍‌ସିବିର ପ୍ରତିନିଧିତ୍ୱ ଟେଷ୍ଟ ଦଳରେ ଶୂନ୍ୟ ହୋଇଯାଇଛି। ଅନ୍ୟ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସରୁ ୩ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସୁପର୍ ଜାଏଣ୍ଟ୍ସର ଋଷଭ ପନ୍ତ, ଶାର୍ଦ୍ଦୁଳ ଠାକୁର ଓ ଆକାଶଦୀପ୍ ଏବଂ କ୍ୟାପିଟାଲ୍ସର ଲୋକେଶ ରାହୁଲ, କୁଲଦୀପ୍ ଯାଦବ ଓ କରୁଣଙ୍କୁ ସୁଯୋଗ ମିଳିଛି। ସେହିଭଳି ରାଜସ୍ଥାନରୁ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ଏବଂ ମୁମ୍ବାଇ ଇଣ୍ଡିଆନ୍ସରୁ ଯଶ୍‌ପ୍ରୀତ ବୁମରା, ଚେନ୍ନାଇ ସୁପର୍ କିଙ୍ଗ୍‌ସର ରବୀନ୍ଦ୍ର ଜାଡେଜା ଓ ସନରାଇଜର୍ସ ହାଇଦରାବାଦରୁ ନୀତୀଶ ରେଡ୍ଡୀ ରହିଛନ୍ତି।

ଇଂଲଣ୍ଡ ଟୁର ଜୁନ୍ ୨୦ରୁ

# ଶୁବମନ୍ ଭାରତର ନୂଆ ଟେଷ୍ଟ ଅଧିନାୟକ




ନୂଆଦିଲ୍ଲୀ,୨୪।୫ (ଏଜେନ୍ସି): ଯୁବ ଖେଳାଳି ଶୁବମନ ଗିଲ୍ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ଅଧିନାୟକ ଇଂନିସ ଆରମ୍ଭ କରିବେ। ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ସେ ଟେଷ୍ଟ ଦଳର ନେତୃତ୍ୱ ନେବେ। ରୋହିତଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ପୂର୍ବରୁ ନେତୃତ୍ୱ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଏହି ସିରିଜ୍‌ରେ ସମସ୍ତ ଟେଷ୍ଟ ଖେଳିପାରିବେ ନାହିଁ। ୱାର୍କଲୋଡ ମ୍ୟାନେଜ୍‌ମେଣ୍ଟ ଯୋଗୁଁ ତାଙ୍କୁ ବିଶ୍ରାମ ଦିଆଯିବ। ଏଣୁ ଶୁବମନଙ୍କୁ ଭାରତୀୟ ଟେଷ୍ଟ ଦଳର ନିୟମିତ ଅଧିନାୟକ ମନୋନୀତ କରାଯାଇଛି ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜାତୀୟ ବରିଷ୍ଠ ଚୟନ କମିଟି ମୁଖ୍ୟ ଅଜିତ ଅଗରକର। ସେହିପରି ୱିକେଟରକ୍ଷକ ଋଷଭ ପନ୍ତଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ୧୮ ଜଣିଆ ଦଳରେ ଅନେକ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଦ୍ୱିତୀୟ ୱିକେଟ ରକ୍ଷକ ଜୁରେଲ, ସୀମିତ ଓଭର ବୋଲର ଅର୍ଶଦୀପଙ୍କୁ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାନ୍ ଓ ହର୍ଷିତ ରାଣାଙ୍କୁ ଏହି ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି। ଫାଷ୍ଟ ବୋଲର ମହମ୍ମଦ ସାମି ଟେଷ୍ଟ ମ୍ୟାଚ୍ ଲାଗି ପୂରା ଫିଟ ହୋଇ ନ ଥିବାରୁ ତାଙ୍କୁ ନିଆଯାଇନାହିଁ।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ବିଦେଶରେ କିପରି କ୍ଲିକ୍ କରିବ ତାହାକୁ ନେଇ ସନ୍ଦେହ ରହିଛି। ଗିଲଙ୍କ ନେତୃତ୍ୱରେ ଜୟସ୍ୱାଲ, ଲୋକେଶ ରାହୁଲ, ଈଶ୍ୱରନ୍, ପନ୍ତ, ସୁଦର୍ଶନ ଓ ଦଳକୁ ଫେରିଥିବା କରୁନ ନାୟାର ପ୍ରମୁଖ ବ୍ୟାଟିଂ ଦାୟିତ୍ୱରେ ରହିବେ। ୧୮ ଜଣିଆ ଦଳରେ ୪ଜଣ ଅଲରାଉଣ୍ଡର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପେସ୍ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁର ରହିଛନ୍ତି। ଅନ୍ୟ ଦୁଇ ସ୍ପିନ୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଦଳରେ ୫ ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଅନ୍ୟମାନେ ହେଲେ ମହମ୍ମଦ୍ ସିରାଜ, ଆକାଶ ଦୀପ୍, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ। କୁଲଦୀପ ଯାଦବ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ଦଳରେ ନିଆଯାଇଛି।

କିଂବଦନ୍ତୀ ଖେଳାଳି ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଓ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତ ପ୍ରଥମଥର ଏକ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ପର୍ଯ୍ୟାପ୍ତ ଫିଟ୍ ହୋଇ ନ ଥିବାରୁ ମହମ୍ମଦ୍ ସାମି ମଧ୍ୟ ଦଳରେ ନାହାନ୍ତି। ଫଳରେ ଏହି ସିରିଜ୍‌ରୁ ଭାରତୀୟ କ୍ରିକେଟରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଶୁବମନ ଗିଲ୍ ଏହି ଯୁଗର ପ୍ରଥମ ନେତୃତ୍ୱ ନେବାକୁ ଯାଉଛନ୍ତି। ପୂର୍ବରୁ ଭାରତର ଟି-୨୦ ଦଳ ଓ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସେ ବେଶ ସଫଳତା ପାଇଛନ୍ତି। ନେତୃତ୍ୱ ନେବାରେ ପରିପକ୍ୱତା ଓ ଥଣ୍ଡା ମିଜାଜ ଲାଗି ସେ କୋଚ୍ ଓ ସାଥି ଖେଳାଳିଙ୍କଠାରୁ ପ୍ରଶଂସା ପାଇଛନ୍ତି। ୨୦୨୦ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ସିରିଜ୍‌ରେ ସେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୩୨ଟି ଟେଷ୍ଟ ଖେଳି ୩୫.୦୫ ହାରରେ ୧୮୯୩ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ନିକଟରେ ଥିବା ପ୍ରତିଭା ଓ ଦକ୍ଷତା ଯୋଗୁଁ ଭାରତ ଏକ ସଫଳ ଅଧିନାୟକ ପାଇବ ବୋଲି ଆଶା କରାଯାଉଛି।

### ୨୦ରୁ ଟେଷ୍ଟ ସିରିଜ୍ ଆରମ୍ଭ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲିଡ୍ସର ହେଡିଂଲେରେ ଜୁନ୍ ୨୦ରୁ ଆରମ୍ଭ ହେବ। ଏଠାରେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ। ଏହା ପୂର୍ବରୁ କେଣ୍ଟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଭାରତ-ଏ' ଦଳ ସହ ଭାରତ ସିନିୟର ଦଳ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ-ଏ ଦଳ ଏହା ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଛି। ବର୍ମିହାମ୍‌ର ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ୬ ଯାଏ ଦ୍ୱିତୀୟ ଟେଷ୍ଟ, ଲଣ୍ଡନର ଲର୍ଡ୍ସଠାରେ ଜୁଲାଇ ୧୦ରୁ ୧୪ ଯାଏ ତୃତୀୟ ଟେଷ୍ଟ, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ଼ରେ ଜୁଲାଇ ୨୩ରୁ ୨୭ ଯାଏ ଚତୁର୍ଥ ଟେଷ୍ଟ ଓ ଲଣ୍ଡନର କେନିଙ୍ଗଟନ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ଯାଏ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ।

### ଭାରତୀୟ ଦଳ

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ ଓ ଅର୍ଶଦୀପ ସିଂହ।

ଇତିହାସ ସୃଷ୍ଟି କଲେ ଓଡ଼ିଶା ଏଫ୍‌ସିର ରାହୁଲ କେପି

## ପ୍ରଥମ ଭାରତୀୟ ଭାବେ ଇପିଏଲ୍ କ୍ଲବ ୱେଷ୍ଟହାମ୍ ତରଫରୁ ଖେଳିବେ

ଭୁବନେଶ୍ୱର,୨୪।୫(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବ ଓଡ଼ିଶା ଏଫ୍‌ସି ୱିଙ୍ଗର ତଥା ଫରୱାର୍ଡ ରାହୁଲ କାନୋଲି ପ୍ରବୀଣ ଇତିହାସ ସୃଷ୍ଟି କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ଇଂଲିଶ ପ୍ରିମିୟର ଲିଗ୍ (ଇପିଏଲ୍)ରେ ୱେଷ୍ଟହାମ ୟୁନାଇଟେଡ ତରଫରୁ ପ୍ରତିନିଧିତ୍ୱ କରିବେ।



୨୫ ବର୍ଷୀୟ ରାହୁଲଙ୍କ ସହ ଚୁକ୍ତି କରିବା ନେଇ ଶୁକ୍ରବାର ୱେଷ୍ଟହାମ୍ ତରଫରୁ ସୂଚନା ଦିଆଯାଇଛି। ସେ ଏବେ ଆମେରିକାର ଆୟୋଜନ ହେବାକୁ ଯାଉଥିବା ୭-ଏ-ସାଇଡ୍ ଫୁଟବଲ 'ଦି ସକର ଟୁର୍ଣ୍ଣାମେଣ୍ଟ (ଟିଏସ୍‌ଟି)'ଟୁର୍ଣ୍ଣାମେଣ୍ଟରେ ୱେଷ୍ଟହାମ୍ ତରଫରୁ ପ୍ରତିନିଧିତ୍ୱ କରିବେ।

ସେ ପ୍ରଥମ ଭାରତୀୟ ଖେଳାଳି ଭାବେ ଏହି ଟିଏସ୍‌ଟିରେ ଏବଂ କୌଣସି ଟପ୍- ଡିଭିଜନ ଇପିଏଲ୍ ପୁରୁଷ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ ଓଡ଼ିଶା ଓ ଭାରତୀୟ ଫୁଟବଲ ପାଇଁ ମଧ୍ୟ ଗୌରବର ବିଷୟ। ଆମେରିକାର ନର୍ଥ କାରିଲୋନାସ୍ଥିତ ରାଲେରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୪ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ୟୁକେ, ସ୍ପେନ୍, ସ୍ୱିଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ତରଫରୁ ଫୁଟବଲରମାନେ ପ୍ରତିନିଧିତ୍ୱ କରିବେ। ଲୁଇସ୍ ନାନି, ସର୍ଗିଓ ଅଗୁଏରୋ ଓ ହୋପ୍ ସୋଲୋଙ୍କ ଭଳି ତାରକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟରେ ଦଳଗୁଡ଼ିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ରାହୁଲ ଭାରତ ପାଇଁ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୭,୨୦ ଓ ୨୩ ବର୍ଷରୁ କମ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶା ଏଫ୍‌ସି ତରଫରୁ ୫ଟି ମ୍ୟାଚ୍ ଖେଳିଥିବା ରାହୁଲ ଇଣ୍ଡିଆନ ଆରୋଜ ତରଫରୁ ୩୭ ଓ କେରଳ ବ୍ଲାଷ୍ଟର୍ସ ପାଇଁ ୮୧ଟି ମ୍ୟାଚ୍ ଖେଳି ଯଥାକ୍ରମେ ୧, ୫ ଓ ୯ଟି ଗୋଲ ସ୍କୋର କରିଛନ୍ତି।

■ ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍

## ବିଡାନାସୀକୁ ହରାଇଲା ମଙ୍ଗଳା କ୍ଲବ୍



କଟକ,୨୪।୫(ସମିସ): ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍‌ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ବିଜୟୀ ହୋଇଛି। ଖେଳାଯାଇଥିବା ଏହି ଏକ ପାଖିଆ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୩-୦ ଗୋଲରେ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ମଙ୍ଗଳା ତରଫରୁ ଅବିନାଶ ଦାସ ୧୯ ଓ ୬୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ, ସାଇ ଦଲାଲ ୨୩ ତମ ମିନିଟ୍ ଗୋଲ ସ୍କୋର କରିଥିଲେ।

## କିଟ୍‌ରେ ଖୋର୍ଦ୍ଧା ଉପକନିଷ୍ଠ ଚେସ୍ ୨୮ରୁ

ଭୁବନେଶ୍ୱର,୨୪।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ୧୫ ବର୍ଷରୁ କମ୍ ଉପ କନିଷ୍ଠ ଚେସ୍ ପ୍ରତିଯୋଗିତା ଚଳିତମାସ ୨୮ରୁ ଖେଳାଯିବ। କିଟ୍ ଡିମ୍‌ଡ ୟୁନିଭର୍ସିଟି ପରିସରରେ ଖେଳାଯିବାକୁ ଥିବା ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। କୃତୀ ଖେଳାଳିମାନଙ୍କୁ ନଗଦ ଅର୍ଥ ସହ ୨୪ଟି ଟ୍ରଫି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ବରିଷ୍ଠ ସଦସ୍ୟ ସ୍ୱାଂଶୁ ସତ୍ୟକାମଙ୍କୁ ଫୋନ ନଂ- ୯୯୩୭୦-୦୭୯୪୫ କିମ୍ବା ଡଃ ଦୁର୍ଗା ଷଡଙ୍ଗୀଙ୍କୁ ଫୋନ୍ ନଂ- ୯୯୩୭୧-୩୭୬୮୦ରେ ଯୋଗାଯୋଗ କରିପାରିବେ।

## ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲରେ ଭାଗନେବ ଓଡ଼ିଶା




ଭୁବନେଶ୍ୱର, ୨୪।୫ (ସମିସ): ଗୌହାଟୀଠାରେ ଆସନ୍ତା ମେ ୨୬ରୁ ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଗୌହାଟୀ ଅଭିମୁଖେ ଯାତ୍ରା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସାମାଜିକ ଅନୁଷ୍ଠାନ 'ବ୍ଲୁଆଇ' ପକ୍ଷରୁ ଓଡ଼ିଶା ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଶନିବାର ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ସନ୍ତୋଷୀ ଜୈନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଗୌହାଟୀ ଗସ୍ତ ପୂର୍ବରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ତ୍ରିଲୋଚନ ବେଉରା ଉଭୟ ବାଳକ ଓ ବାଳିକା ଦଳର ପ୍ରଶିକ୍ଷକ ଓ ଅବିନାଶ ସୌରା ଗୋଲ୍‌ରକ୍ଷକ ଗାଇଡ୍ ଭାବେ ଭାବେ ଗସ୍ତ କରିଛନ୍ତି।

**ଓଡ଼ିଶା ବାଳକ ଦଳ:** ଆଶିଷ କୁମାର ସାହୁ (ଅଧିନାୟକ), ଦୀପକ ସିଂ, ମିଥୁନ ତୁବିଦ୍, ଦେବଦତ୍ତ ବେହେରା, ଆଲୋକଦୀପ୍ (ଉପଅଧିନାୟକ), ଆକାଶ ପୋଡିଆମି (ଗୋଲରକ୍ଷକ)।

**ଓଡ଼ିଶା ବାଳିକା ଦଳ:** ପ୍ରିୟଙ୍କା ସ୍ୱାଇଁ (ଅଧିନାୟିକା), ଗିରିବାଳା ଶବର, ପ୍ରିୟଙ୍କା ଦାସ, ତନିଶା ହରିଜନ, ମାଳତୀ ହେମ୍ବ୍ରମ, ଓଶି ମଲିକ, ସ୍ଥିତିପ୍ରଜ୍ଞା ବାରିକ (ଉଭୟ ଗୋଲ୍‌ରକ୍ଷକ)।

## ବୀରେନ୍ଦ୍ର ଲାକ୍ରା ଭାରତୀୟ କନିଷ୍ଠ ହକି ଦଳର ସହ-ପ୍ରଶିକ୍ଷକ

ଭୁବନେଶ୍ୱର, ୨୪।୫ (ସମିସ): ଟୋକିଓ ଅଲିମ୍ପିକ୍ ପଦକ ବିଜେତା ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ବଡ଼ ଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ପକ୍ଷରୁ ବୀରେନ୍ଦ୍ରଙ୍କୁ ଶନିବାର ଭାରତୀୟ କନିଷ୍ଠ ପୁରୁଷ ଦଳର ସହାୟକ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ କନିଷ୍ଠ ହକି ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଖେଳାଯିବାକୁ ଥିବାରୁ ଏହି ପୂର୍ବତନ ଡିଫେଣ୍ଡରଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ପୂର୍ବରୁ କନିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ୩୫ ବର୍ଷୀୟ ବୀରେନ୍ଦ୍ର ଏବେ ଶ୍ରୀଜେସଙ୍କ ସହଯୋଗୀ ଭାବେ ଏକାଠି କାର୍ଯ୍ୟ କରିବେ। 'ଆଗକୁ ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ସମୟରେ ଭାରତୀୟ କନିଷ୍ଠ ହକି ଦଳର ଅଂଶବିଶେଷ ହେବା ବିଶେଷ ସମ୍ମାନର କଥା। ଭାରତୀୟ ଜର୍ସି ପିନ୍ଧିବା ଲାଗି କ'ଣ ଆବଶ୍ୟକ ତାହା ମୁଁ ଜାଣେ। ସେହିଭଳି ଭାରତର ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ବଡ଼ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଉତ୍ସାହିତ ରହିଛି' ବୋଲି ଏହି ବଡ଼ ଦାୟିତ୍ୱ ମିଳିବା ପରେ ବୀରେନ୍ଦ୍ର ଲାକ୍ରା କହିଛନ୍ତି।




କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ଦଳର ରକ୍ଷଣଭାଗକୁ ଶକ୍ତ କରିବା ଲାକ୍ରାଙ୍କ ପ୍ରମୁଖ କାର୍ଯ୍ୟ ହେବ। 'ବୀରେନ୍ଦ୍ର ଦଳ ସହ ଯୋଗଦେବା ଆମ ପାଇଁ ଏକ ବଡ଼ ଉତ୍ସାହର କଥା। ତାଙ୍କର ଅଭିଜ୍ଞତା, କୌଶଳଗତ ବୁଦ୍ଧିମତା ଓ ଶାନ୍ତ ନେତୃତ୍ୱ ଯୁବ ଖେଳାଳିଙ୍କମାନଙ୍କ ପାଇଁ ବେଶ୍ ଅମୂଲ୍ୟ ହେବ' ବୋଲି ମୁଖ୍ୟ ପ୍ରଶିକ୍ଷକ ଶ୍ରୀଜେଶ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୀରେନ୍ଦ୍ର ପରବର୍ତ୍ତୀ ସମୟରେ ଭାରତୀୟ ଦଳର ଜଣେ ପ୍ରମୁଖ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ସେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ଦୁଇଥର ୨୦୧୨ (ଲଣ୍ଡନ) ଓ ୨୦୨୦ (ଟୋକିଓ) ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଐତିହାସକ କାଂସ୍ୟ ଜିତିଥିବା ଭାରତୀୟ ହକି ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ସଂସ୍କରଣରେ କାଂସ୍ୟ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଓ ୨୦୧୮ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟପଦକ ଜିତିଥିବା ଭାରତୀୟ ଦଳରେ ସେ ପ୍ରମୁଖ ସଦସ୍ୟ ଥିଲେ।

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ଡିଏଲ୍‌ରେ ଜିତିଲା ବୌଦ୍ଧ

ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ଏକମାତ୍ର ମ୍ୟାଚରେ ବୌଦ୍ଧ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ନୟାଗଡ଼କୁ ପରାସ୍ତ କରିଛି। ବିଡ଼ାନାସୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୧୮.୨ ଓଭରରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ୨୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୨୩ ରନ କରିଥିଲେ। ପ୍ରତିପକ୍ଷ ବୌଦ୍ଧର ସମ୍ପଦ କୁମାର ଦାସ ୫ଟି ଓ ଦୀପକ ପାତ୍ର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାପରେ ଖରାପ ପାଗ ଲାଗି ଡିଏଲ୍ ପଦ୍ଧତିରେ ମ୍ୟାଚକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା ଏବଂ ବୌଦ୍ଧ ସାମ୍ନାରେ ୮୪ ରନର ଲକ୍ଷ୍ୟ




ଧାର୍ଯ୍ୟ ହୋଇଥିଲା। ବୌଦ୍ଧ ଏହି ଲକ୍ଷ୍ୟକୁ ୨୦ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦୀପକ ପାତ୍ର ଅପରାଜିତ ୨୧ ଓ ସତ୍ୟବ୍ରତ ଦାସ ୨୦ ରନ କରିଥିଲେ। ପ୍ରଭାବୀ ବୋଲିଂ ଲାଗି ସମ୍ପଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରେଭେନଶା ଗ୍ରାଉଣ୍ଡରେ ସମ୍ବଲପୁର-ବି ଓ ରାୟଗଡ଼ା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

## ସିପକ୍‌ଟାକ୍ରରେ ଓଡ଼ିଶାକୁ ରୌପ୍ୟ ଓ କାଂସ୍ୟ ସଫଳତା

ଭୁବନେଶ୍ୱର, ୨୪।୫ (ସମିସ): ଡାମନ ଓ ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସିପକ୍‌ଟାକ୍ର କ୍ରୀଡ଼ାରେ ଓଡ଼ିଶାକୁ ଏକାଧିକ ପଦକ ସଫଳତା ମିଳିଛି। ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କ୍ୱାଡ୍ ଇଭେଣ୍ଟରେ କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ମହିଳା ଦଳ କ୍ୱାଡ୍‌ରେ କାଂସ୍ୟ ପଦକ ମଧ୍ୟ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।




ଓଡ଼ିଶା ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ, ଗୁରୁ ମାଝୀ, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଓ ବୁଲୁ ପାତ୍ର ସଦସ୍ୟ ରହିଥିଲେ। ଲଲାଟେନ୍ଦୁ ସ୍ୱାଇଁ ଦଳର ପ୍ରଶିକ୍ଷକ ଓ ସୁଶାନ୍ତ ଷଡ଼ଙ୍ଗୀ ମ୍ୟାନେଜର ଭାବେ ଦଳ ଦଳ ଗସ୍ତ କରିଥିଲେ। ସେହିଭଳି ଏ. ଶ୍ରାବଣୀ, ସଙ୍ଗୀତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଓ ରାଇମଣି ଟୁଡୁ ରୌପ୍ୟ ବିଜୟୀ ମହିଳା ଦଳର ସଦସ୍ୟା ରହିଛନ୍ତି। ମହିଳା ଦଳରେ ଲକ୍ଷ୍ମୀପ୍ରିୟା ନାୟକ ପ୍ରଶିକ୍ଷକ ଓ ସ୍ୱାରିକା ଦାଶ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ରାଜ୍ୟ ସିପକଟାକ୍ର ସଂଘର ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର ଓ କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS